CMYK

- Vol.- 45, Issue No. 95
- Saturday, 5 July 2025
- ଶନିବାର, ୫ ଜୁଲାଇ ୨୦୨୫
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



# ବାହୁଡ଼ା ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଭେଟି

## ମହାନଗର ନିଗମ ହେବ ପୁରୀ ଜଗନ୍ନାଥ ଧାମ

- ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢ଼ାଯିବ
- ୨୦୩୬ ସୁଦ୍ଧା ହେବ ସୁନ୍ଦର, ସବୁଜ ଓ ବିକଶିତ
- ସମୃଦ୍ଧ ପୁରୀ ବିନା ବିକଶିତ ଓଡ଼ିଶା ସମ୍ଭବ ନୁହେଁ
- ବିଶ୍ୱସ୍ତରୀୟ ଜଗନ୍ନାଥ ମ୍ୟୁଜିୟମ ପ୍ରତିଷ୍ଠା ହେବ
- ଗବେଷଣା କେନ୍ଦ୍ର ଓ ଲାଇବ୍ରେରୀ କେନ୍ଦ୍ର ରହିବ
- ପ୍ରତିଷ୍ଠା ହେବ ୩୦୦ ଆସନ ବିଶିଷ୍ଟ ଅଡିଟୋରିୟମ

ଭୁବନେଶ୍ୱର,୪ ।୭: ପବିତ୍ର ରଥଯାତ୍ରା ଅବସରରେ ଲୋକସେବା ଭବନରେ ବାହୁଡା ଯାତ୍ରା ପୂର୍ବଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ପୁରୀ ଆଉ ପୌରାଞ୍ଚଳ ମାନ୍ୟତାରେ ରହିବ ନାହିଁ । ଏଣିକି ପୁରୀ ଜଗନ୍ନାଥ ଧାମ ମହାନଗର ନିଗମ ହେବ । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଏବଂ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଏପରିକି ପୁରୀ ସହରକୁ ନୂଆ ଢାଞ୍ଚାରେ ଗଢ଼ିବାର ଆବଶ୍ୟକତା ରହିଛି। ୨୦୩୬ ସୁଦ୍ଧା ପୁରୀ ସୁନ୍ଦର, ସବୁଜ ଓ ବିକଶିତ ହେବ। ସମୃଦ୍ଧ ପୁରୀ ବିନା ବିକଶିତ ଓଡ଼ିଶା ସମ୍ଭବ ନୁହେଁ । ପୁରୀ ସହରରେ ବିଶ୍ୱସ୍ତରୀୟ ଜଗନ୍ନାଥ ମ୍ୟୁଜିୟମ ପ୍ରତିଷ୍ଠା ହେବ । ଗୋଟିଏ ପରିସରରେ ମ୍ୟୁଜିୟମ, ଗବେଷଣା କେନ୍ଦ୍ର ଓ ଲାଇବ୍ରେରୀ କେନ୍ଦ୍ର ରହିବ। ଏହା ପରିସରରେ ୩୦୦ ଆସନ ବିଶିଷ୍ଟ ଅଡିଟୋରିୟମ ପ୍ରତିଷ୍ଠା ହେବ। ଅଡିଟୋରିୟମରେ ପ୍ରତିଦିନ ଲାଇଟ ଆଣ୍ଡ ସାଉଣ୍ଡ ଶୋ' ପ୍ରଦର୍ଶିତ ହେବ। ଅଡିଟୋରିୟମ ସହ ମୁକ୍ତାକାଶ ରଙ୍ଗମଞ୍ଚ ମଧ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥାନୀୟ ସ୍ୱାୟତ୍ତ ଶାସନ ପଦ୍ଧତିରେ ସଂସ୍କାର ଆଣିବାକୁ ପଡିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ତଦାରଖ, ପୁନର୍ବିନ୍ୟାସ ଏବଂ ରକ୍ଷଣାବେକ୍ଷଣ କରିବା ପାଇଁ ନୂତନ ଢାଞ୍ଚାର ଆବଶ୍ୟକତା ରହିଛି। ପୁରୀ ସହର ଏବଂ ଆଖପାଖ ଅବସ୍ଥିତ ଗ୍ରାମ ପଞ୍ଚାୟତକୁ ସାମିଲ କରି ପୁରୀ ମହାନଗର ନିଗମ ଗଠିତ ହେବ। ଏହା ଦ୍ୱାରା ପୁରୀ ସଦର ଏବଂ ବ୍ରହ୍ମଗିରି ବ୍ଲକର ପ୍ରାୟ ସାତରୁ ଆଠଗୋଟି ଗ୍ରାମ ପଞ୍ଚାୟତକୁ ସାମିଲ କରାଯିବ, ଯାହା ଫଳରେ ଏହି ପଞ୍ଚାୟତବାସୀ ସହର ପରି ସୁବିଧା ପାଇ ପାରିବେ। ଶନିବାରଠାରୁ ଏହ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ। ପୁରୀକୁ ଦେଶର ସର୍ବଶ୍ରେଷ୍ଠ ଧର୍ମୀୟ ଓ ପର୍ଯ୍ୟଟନ ସ୍ଥଳ ଭାବେ ଗଢି ତୋଳିବାକୁ ଆମ ସରକାର ବଦ୍ଧପରିକର। ଏଥିପାଇଁ ଅନେକ ନୂତନ ପ୍ରକଳ୍ପର ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଅବଶ୍ୟକତା ରହିଛି। ପବିତ୍ର ଯାତ୍ରା ସମୟରେ ବଡଦାଣ୍ଡରେ ଚାଲୁଥିବା ସବୁ ଭକ୍ତ ଜଣେ ଜଣେ ଦାସିଆ। ମୁଁ ବି ଏହି ଅସଂଖ୍ୟ ଜଗନ୍ନାଥ ଭକ୍ତଙ୍କ ମଧ୍ୟରୁ ଜଣେ ସାଧାରଣ ଭକ୍ତ। ରାଜ୍ୟର ମୁଖ୍ୟ ସେବକ ଭାବେ ରାଜ୍ୟବାସୀ ଯେଉଁ ଗୁରୁ ଦାୟିତ୍ୱ ମୋତେ ଅର୍ପଣ କରିଛନ୍ତି, ସେଥି ମଧ୍ୟରୁ, ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସହିତ ପୁରୀବାସୀଙ୍କୁ ଗୁଣାତ୍ମକ ମୌଳିକ ସୁବିଧା ପ୍ରଦାନ କରିବା ମୋର ଲକ୍ଷ୍ୟ।



---

## ୮ରେ ବିଜେପି ରାଜ୍ୟ ସଭାପତି ନିର୍ବାଚନ

ଭୁବନେଶ୍ୱର,୪।୭: ବିଜେପି ରାଜ୍ୟ ସଭାପତି ନିର୍ବାଚନ ନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଦଳର ରାଜ୍ୟ ସଭାପତି ନିର୍ବାଚନ ପାଇଁ ପୁନଃ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୬ରେ ବିଜ୍ଞପ୍ତି ପ୍ରକାଶ ପାଇବ, ୭ରେ ନାମାଙ୍କନପତ୍ର ଦାଖଲ, ୮ରେ ରାଜ୍ୟ ସଭାପତି ପାଇଁ ଭୋଟ ହେବ। ଏନେଇ ସୂଚନା ଦେଇଛନ୍ତି ସହ ନିର୍ବାଚନ ଅଧିକାରୀ ଯତିନ ମହାନ୍ତି।

## ତେଲେଙ୍ଗାନା ବିସ୍ଫୋରଣ
## ୮ ଓଡ଼ିଆଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ସହାୟତା

ଭୁବନେଶ୍ୱର,୪ ।୭: ସୋମବାର ତେଲଙ୍ଗାନାର ଶିବକାଶୀ ଜିଲ୍ଲାରେ ଥିବା ଏକ ରାସାୟନିକ କାରଖାନାରେ ଘଟିଥିବା ଭୟଙ୍କର ବିସ୍ଫୋରଣ ଘଟିଥିଲା । ଏଥିରେ ପ୍ରାୟ ୪୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ମଧ୍ୟରେ ୮ ଜଣ ଓଡ଼ିଆ ମଧ୍ୟ ଥିଲେ । ଏନେଇ ଶୁକ୍ରବାର ମୃତ ଓଡିଆଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହାୟତା ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରାୟ ୧୦ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ ନେଇ ଘୋଷଣା କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ଏକ ଅଧିକାରୀ ଦଳ ଘଟଣା ସ୍ଥଳରେ ଉପସ୍ଥିତ ରହି ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟର ଅନୁଧ୍ୟାନ କରୁଛନ୍ତି । ସୂଚନାନୁଯାୟୀ, ତାମିଲନାଡୁର ଶିବକାସୀ ଜିଲ୍ଲାରେ ଏକ ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଘଟିଥିବାରୁ ଭୟଙ୍କର ଅଗ୍ନିକାଣ୍ଡ ସମଗ୍ର ୟୁନିଟକୁ ଧ୍ୱଂସବିଧ୍ୱଂସ କରିଦେଇଥିଲା ।

## ଟାଉନ ପ୍ଲାନିଂର ନୂଆ ନିର୍ଦ୍ଦେଶକ

ଭୁବନେଶ୍ୱର,୪ ।୭: ଗୃହ ଓ ନଗରାଞ୍ଚଳ ଉନ୍ନୟନ ବିଭାଗରେ କାର୍ଯ୍ୟରତ ଅତିରିକ୍ତ ସଚିବ ଶତ୍ରୁଘ୍ନ କର, ରାଜ୍ୟ ଟାଉନ ପ୍ଲାନିଂର ନୂଆ ନିର୍ଦ୍ଦେଶକ ଭାବରେ ନିଯୁକ୍ତି ପାଇଛନ୍ତି। ଜୁଲାଇ ୩ରେ ଏବାବଦ ଦାପ୍ତରିକ ବିଜ୍ଞପ୍ତି ଏନେଇ ପ୍ରକାଶ ପାଇଛି।

## ଆୟ ବହିର୍ଭୂତ ସମ୍ପତ୍ତି ମାମଲା
## ଯନ୍ତ୍ରୀ ଦିଲେଶ୍ୱର ମାଝୀ ଗିରଫ



ଭୁବନେଶ୍ୱର,୪ ।୭: ବଲାଙ୍ଗୀରର କଣ୍ଟାବାଞ୍ଜି ଆର୍ ଆଣ୍ଡ୍ ବି ଡିଭିଜନ ଅନ୍ତର୍ଗତ ଟିଟଲାଗଡ଼ ଆର ଆଣ୍ଡ ବି ସବ-ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଦିଲେଶ୍ୱର ମାଝୀଙ୍କୁ ଓଡ଼ିଶା ଭିଜିଲାନ୍ସ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ଗିରଫ କରିଛି ।ଭିଜିଲାନ୍ସ ଦ୍ୱାରା ତାଙ୍କର ଅନେକ ସମ୍ପତ୍ତି ଥିବା ସ୍ଥାନରେ ହୋଇଥିବା ତଲାସି ଅଭିଯାନରେ ତାଙ୍କ ନିଜ ନାମରେ ଓ ଜଣେ ନିକଟତମ ଆତ୍ମୀୟ ନାମରେ ୪ଟି ଘର, ଗୋଟିଏ ବଜାର କମ୍ପ୍ଲେକ୍ସ, ୯ଟି ଉଚ୍ଚ ମୂଲ୍ୟର ଜମିପ୍ଲଟ, ୩୦୦ ଗ୍ରାମ ସୁନା, ୪୯.୪୫ ଲକ୍ଷ ଟଙ୍କାର ବ୍ୟାଙ୍କ ଡିପୋଜିଟ, ୬.୫୭ ଲକ୍ଷ ଟଙ୍କା ନଗଦ ଓ ଅନ୍ୟାନ୍ୟ ସମ୍ପତ୍ତି ମିଳିଛି ।

# ପୁରୀ ବିମାନବନ୍ଦରକୁ ଝଟ୍କା


- ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ଅନୁମୋଦନ ସ୍ଥଗିତ
- ଅଲିଭ ରିଡଲେ,ଡଲଫିନ ଓ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷାଚିନ୍ତା



ପୁରୀ,୪ ।୭: ପୁରୀରେ ପ୍ରସ୍ତାବିତ ବିମାନବନ୍ଦର ପାଇଁ ଜଙ୍ଗଲ ଜମି ମଂଜୁରିରେ ବାଧା ସୃଷ୍ଟି ହୋଇଥିବାରୁ ପ୍ରସ୍ତାବିତ ପ୍ରକଳ୍ପ ପ୍ରତି ଝଟକା ଲାଗିଛି। ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଜଙ୍ଗଲ ଜମି ଅନୁମୋଦନ ସ୍ଥଗିତ ହୋଇଛି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ଫରେଷ୍ଟ ଆଡଭାଇଜରୀ କମିଟି (ଏଫଏସି) ଅନୁମୋଦନକୁ ସ୍ଥଗିତ ରଖିଛି । ଅଲିଭ ରିଡଲେ କଇଁଛ, ଇରାୱାଡି ଡଲଫିନ ଏବଂ ଚିଲିକା ଆସୁଥିବା ପକ୍ଷୀଙ୍କ ସୁରକ୍ଷା ଲାଗି ଅନୁମୋଦନକୁ ସ୍ଥଗିତ କରାଯାଇଛି । ଫରେଷ୍ଟ ଆଡଭାଇଜରୀ କମିଟି ଓଡ଼ିଶା ସରକାରଙ୍କୁ ଏ ଦିଗରେ ସତର୍କତାମୂଳକ ପଦକ୍ଷେପ ନେବାକୁ କହିଛି। ଏହାସହ ଏ ପ୍ରସଙ୍ଗରେ ଭାରତୀୟ ବନ୍ୟଜନ୍ତୁ ସଂସ୍ଥାଠାରୁ ମତାମତ ନେବାକୁ କହିଛି । ଗତ ଜୁନ ୨୪ ବୈଠକରେ, ଏଫଏସି ସିପସରୁବାଲି ନିକଟରେ ଏୟାରପୋର୍ଟ ପାଇଁ ଜଙ୍ଗଲ ଜମି ବ୍ୟବହାର ଲାଗି ଓଡ଼ିଶା ସରକାରଙ୍କ ପ୍ରସ୍ତାବକୁ ସ୍ଥଗିତ ରଖିଛି । ଏଫଏସି କହିଛି, ପୁରୀ ଉପକୂଳରେ ଅଲିଭ ରିଡଲେ କଇଁଛ, ଇରାୱାଡି ଡଲଫିନ ଏବଂ ଚିଲିକା ହ୍ରଦକୁ ଆସୁଥିବା ପକ୍ଷୀମାନଙ୍କ ପ୍ରତି ଥିବା ବିପଦ ଏବଂ ସଂରକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଡବଲୁଡବଲୁଆଇର ମତାମତ ଏବଂ ସୁପାରିସ ନେଉ । ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ମୋଟ ୫,୬୩୧ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରକଳ୍ପ ପାଇଁ ମୋଟ ୪୭୧.୪୦୧ ହେକ୍ଟର ଜମି ଆବଶ୍ୟକ। ଯେଉଁଥିରୁ ୨୭.୮୮୭ ହେକ୍ଟର ଜଙ୍ଗଲ ଜମି ରହିଛି। ଏହା ସହିତ, ୧୩,୫୦୪ଟି ଗଛ କଟାଯିବାର ପ୍ରସ୍ତାବ ରହିଛି । ଏହି ଗଛଗୁଡ଼ିକ ପୁରୀ ଉପକୂଳକୁ ବାତ୍ୟାରୁ ରକ୍ଷା କରେ। ବିମାନବନ୍ଦର ପାଇଁ ଗତ ମେ ମାସ ୫ ତାରିଖରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅନୁମୋଦନ ପ୍ରଦାନ କରିଥିଲା । ଏବେ ଏଫଏସି ଜଙ୍ଗଲ ଜମି ବ୍ୟବହାରର ଅନୁମୋଦନକୁ ସ୍ଥଗିତ ରଖିଛି ।

### ସରିଆସିଲାଣି ନବଦିନାତ୍ମକ ଯାତ୍ରା
## ଆଜି ବାହୁଡ଼ିବେ କାଳିଆ ସାଆନ୍ତ

ପୁରୀ,୪ ।୭(ନିପ୍ର): ନବଦିନାତ୍ମକ ଯାତ୍ରା ସରିଆସିଲାଣି । ଶନିବାର ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା। ଶ୍ରୀଗୁଣ୍ଡିଚା ଆଡ଼ପ ମଣ୍ଡପରୁ ମହାପ୍ରଭୁ କାଳିଆ ସାଆନ୍ତ ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ନୀଳକନ୍ଦର ଅଭିମୁଖେ ବାହୁଡିବେ। ବାହୁଡ଼ା ଯାତ୍ରା ଶୃଙ୍ଖଳିତ କରିବା ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଛି। ରଥ କର୍ଡନକୁ କିଭଳି ଶୃଙ୍ଖଳିତ କରାଯାଇପାରିବ ସେ ନେଇ ଅଧିକ ଗୁରୁତ୍ୱ ଦିଆଯାଉଛି। ରଥ କର୍ଡନରେ ଲୋକ ଉପସ୍ଥିତି ଯେଭଳି କମ୍ ରହିବ ସେ ନେଇ ବ୍ୟବସ୍ଥା କରାଯାଇଛି। ଟ୍ରାଫିକକୁ ବ୍ୟବସ୍ଥିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶରଧା ବାଲିରେ ରଥ ଆଗରେ ଦଳାଚକଟାରେ ୩ ଭକ୍ତଙ୍କ ମୃତ୍ୟୁ ଘଟଣାକୁ ନେଇ ପୋଲିସ ପ୍ରଶାସନର ଅବହେଳାକୁ ନେଇ ସାଧାରଣରେ କଡା ସମାଲୋଚନା ପ୍ରକାଶ ପାଇବା ପରେ ବାହୁଡ଼ା ଯାତ୍ରା ଶୃଙ୍ଖଳିତ କରିବା ଉପରେ ପ୍ରାଧାନ୍ୟ ପ୍ରକାଶ ପାଇଛି। ବଡଦାଣ୍ଡରେ ଆମ୍ବୁଲାନ୍ସ ଯାତାୟାତ ପାଇଁ ଗ୍ରୀନ କରିଡ଼ର ରହିବ। ଯଦି କୌଣସି ଦଳାଚକଟା ଘଟଣା ଘଟେ ଅବା କେହି ଭକ୍ତ ଅସୁସ୍ଥ କି ଆହତ ହେବେ ସେମାନଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସରେ ଗ୍ରୀନ କରିଡ଼ର ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠା ଯାଇପାରିବ। କୌଣସି ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଓଡ଼ିଶା ପୋଲିସର ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍, ଏନ୍ଏସଜି ମୁତୟନ ରହିବେ। ଅଜଣା ଡ୍ରୋନକୁ ଚିହ୍ନଟ ଓ ଖସାଇଦେବାକୁ ଆଣ୍ଟିଡ୍ରୋନ ବ୍ୟବସ୍ଥା ରହିବ। ଶ୍ରୀଜିଉମାନଙ୍କ ନୀତିକାନ୍ତି ସଂପନ୍ନ ହେବା ସହ ଅପରାହ୍ଣ ୪ଟାରେ ରଥଟଣା ହେବ ବୋଲି ସୂଚନା ମିଳିଛି।



ଅପରାହ୍ଣ ୪ଟାରେ ରଥଟଣା

---

## ବାବୁ ଫେରିଲେ, ଅଫିସ୍ ଚାଲିଲା

ଭୁବନେଶ୍ୱର,୪ ।୭: ଶୁକ୍ରବାରଠୁ ସ୍ୱାଭାବିକ ହୋଇଛି ଶାସନ ବ୍ୟବସ୍ଥା । ତିନି ଦିନ ଧରି ରାଜ୍ୟବ୍ୟାପୀ ଓଏଏସମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଅଟକି ରହିଥିଲା ପ୍ରାଶାସନିକ ବ୍ୟବସ୍ଥା। ପୁଣି କାର୍ଯ୍ୟରେ ଯୋଗ ଦେଲେ ଅଧିକାରୀ । ଗତ ୩ ଦିନ ହେଲା ତହସିଲ, ବ୍ଲକ ଅଫିସକୁ ବିଭିନ୍ନ କାର୍ଯ୍ୟରେ ଯାଉଥିବା ଲୋକେ ନିରାଶ ହୋଇ ଫେରୁଥିଲେ । ବିଏମସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାରେ ଜଣେ ବିଜେପି ନେତା ଷଷ୍ଠ ଅଭିଯୁକ୍ତ ଭାବେ ଗିରଫ ହେବାପରେ ସରକାରୀ ସ୍ତରରେ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଛି।

## ଖୁବଶୀଘ୍ର ଚିଟ୍ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ମିଳିବ ଟଙ୍କା: ମନମୋହନ



ଭୁବନେଶ୍ୱର,୪ ।୭: ଖୁବଶୀଘ୍ର ଟଙ୍କା ଫେରିପାଇବେ ଚିଟ୍ଫଣ୍ଡ କ୍ଷତିଗ୍ରସ୍ତ । ସମସ୍ତ ଜମାକାରୀଙ୍କୁ ମିଳିବ ଟଙ୍କା । ରାଜ୍ୟ ବିଜେପି ସଭାପତି ମନମୋହନ ସାମିଲ ଏହା କହିଛନ୍ତି। ସେ କହିଛନ୍ତି, ବିଗତ ସରକାରରେ ୧୪ ବର୍ଷ ଭିତରେ ୧୭୪ ଚିଟଫଣ୍ଡ ସଂସ୍ଥା ଓଡ଼ିଶାର ସାଧାରଣ ଲୋକଙ୍କ ଟଙ୍କା ଆତ୍ମସାତ କରିବା ପ୍ରାୟୋଜିତ ଥିଲା । ଓଡ଼ିଶାର ଲକ୍ଷାଧିକ ଲୋକଙ୍କ ବିଶ୍ୱସନୀୟତା ସରକାରଙ୍କ ଉପରେ କମିଯାଇଥିଲା। ପ୍ରଥମେ କର୍ପସ୍ ଫଣ୍ଡ ପରେ କମିଶନ ଗଠନ କଲେ ହେଲେ ତାଙ୍କ ପ୍ରାପ୍ୟ ଫେରାଇ ପାରିଲେନି । ଆମେ ସରକାରକୁ ଆସିବା ପରେ ସଙ୍କଳ୍ପ ପତ୍ରରେ ନିଷ୍ପତ୍ତି ନେଇଥିଲୁ । ବିଭିନ୍ନ ସେକ୍ଟରରୁ ତଥ୍ୟ ଆଣି ୩ ରୁ ୪ ମାସ ଭିତରେ ୫ ଲକ୍ଷ ଜମାକାରୀଙ୍କୁ ଟଙ୍କା ଫେରାଇବୁ । ଛୋଟ ଜମାକାରୀ ଓ ବଡ଼ ଜମାକାରୀ ସମସ୍ତେ ଟଙ୍କା ପାଇବେ ବୋଲି କହିଛନ୍ତି ମନମୋହନ ସାମଲ । ଏଥିସହ ସେ ବିଜେପି ନିର୍ବାଚନୀ ସଂକଳ୍ପ ପତ୍ରରେ ଘୋଷଣା କରିଥିଲା, ସବୁ ଯୋଗ୍ୟ ଜମାକାରୀମାନଙ୍କୁ ଟଙ୍କା ଫେରସ୍ତ କରାଯିବ । ଛୋଟ, ବଡ଼ ସବୁ ଜମାକାରୀଙ୍କ ଟଙ୍କା ଫେରାଇବେ ବିଜେପି ସରକାର । ପର୍ଯ୍ୟାୟକ୍ରମେ ଟଙ୍କା ଫେରାଇବେ ସରକାର । ୩ରୁ ୪ ମାସ ଭିତରେ ୫ ଲକ୍ଷ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯିବ। ବିଜେପି ସରକାର କମିସନ ରିପୋର୍ଟ ମଧ୍ୟ ଯାଞ୍ଚ କରିବେ ବୋଲି ମନମୋହନ ସାମଲ କହିଛନ୍ତି । ଚିଟ୍ଫଣ୍ଡ ଟଙ୍କା ଫେରସ୍ତ ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ ନେଇ ବିଜେଡି ବରିଷ୍ଠ ଉପସଭାପତି ଦେବି ପ୍ରସାଦ ମିଶ୍ର ମୁହଁ ଖୋଲିଛନ୍ତି । ସେ କହିଛନ୍ତି ପୂର୍ବ ସରକାର ପଦକ୍ଷେପ ନେଇଥିଲେ ବୋଲି ଏବେ ସରକାର ଫେରାଇବାକୁ ପଦକ୍ଷେପ ନେଇଛନ୍ତି ।

# ମୌସୁମୀର ସକ୍ରିୟତା ଦେଖି ଛଡ଼ାଯିବ ଜଳ

- ହୀରାକୁଦ ଜଳସ୍ତର ଏବେ ୬୦୩.୨୫ଫୁଟ
- ରବିବାର ହେବ ପ୍ରଥମ ବନ୍ୟା ଜଳ ନିଷ୍କାସନ



ସମ୍ବଲପୁର,୪ ।୭(ନିପ୍ର) ଉପର ମୁଣ୍ଡରେ ଗତ କିଛି ଦିନ ହେବ ପ୍ରବଳ ବର୍ଷା ଏବଂ ମୌସୁମୀର ସକ୍ରିୟତାକୁ ନଜରରେ ରଖି ହୀରାକୁଦ ଡ୍ୟାମରୁ ଆସନ୍ତା ୬ ତାରିଖ ରବିବାର ଦିନ ବର୍ଷର ପ୍ରଥମ ଉଦବୃତ୍ତ ଜଳ ନିଷ୍କାସନ ପାଇଁ ନିଷ୍ପତ୍ତି ହୋଇଛି। ଶୁକ୍ରବାର ସନ୍ଧ୍ୟା ୬ ଟା ସମୟରେ ଡ୍ୟାମର ଜଳସ୍ତର ୬୦୩.୨୫ ଫୁଟ ରହିଥିଲା। ଏହି ସମୟରେ ନଦୀବନ୍ଧ ମଧ୍ୟକୁ ହାରାହାରି ୧ ଲକ୍ଷ ୧ ହଜାର ୩୪୯ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ବରଗଡ଼, ସମ୍ବଲପୁର ଏବଂ ଶାସନ କେନାଲ ଓ ପାୱାର କେନାଲ ଏବଂ ଶିଳ୍ପ ପାଇଁ ୩୪ ହଜାର ୨୫୪ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି। ସକାଳ ସୁଦ୍ଧା ପୂର୍ବ ୨୪ ଘଂଟାରେ ହୀରାକୁଦ ନଦୀବନ୍ଧର ଉପର ମୁଣ୍ଡରେ ୩୩.୧୧ ଏବଂ ତଳ ମୁଣ୍ଡରେ ୩୭.୫୧ ମିମି ବର୍ଷା ହୋଇଛି। ପୁଣି ଲଘୁଚାପ ଜନିତ ମାତ୍ରାଧିକ ବର୍ଷା ତଥା ସରକାରୀ କଳ ତରଫରୁ ପ୍ରବଳରୁ ପ୍ରବଳତର ବର୍ଷା ହେବା ପାଇଁ ଏଲର୍ଟ ମଧ ଜାରି କରିଦିଆ ଯାଇଥିଲା। ସୂଚନା ଥାଉକି, ଗତ ୨୦୨୪ ମସିହାରେ ଜୁଲାଇ ମାସ ୨୮ ତାରିଖ ଦିନ ପୁଜାର୍ଚ୍ଚନା କରାଯାଇ ହୀରାକୁଦ ଜଳଭଣ୍ଡାରର ସ୍ଲୁଇସ ଫାଟକ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ କରାଯାଇଥିଲା। ସେହି ସମୟରେ ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର ୬୧୭ରେ ରହିଥିବା ବେଳେ ୨୦ଟି ଫାଟକ ମାଧ୍ୟମରେ ଗତ ବର୍ଷର ପ୍ରଥମ ବନ୍ୟାଜଳ ହୀରାକୁଦ ଜଳଭଣ୍ଡାରରୁ ୨୦ଟି ଫାଟକ ମାଧ୍ୟମରେ କରାଯାଇଥିଲା। ଗତ ୨୦୨୩ ମସିହା ଜୁଲାଇ ମାସ ୨୩ ତାରିଖ ପୂର୍ବାହ୍ନ ୯ଟାରେ, ଗତ ୨୦୨୨ ମସିହାରେ ଜୁନ ମାସ ୨୫ ତାରିଖ ସକାଳ ୧୦ଟାରେ ପ୍ରଥମ ବନ୍ୟାଜଳ ନିଷ୍କାସିତ କରାଯାଇଥିଲା।

## ରାଜ୍ୟରେ ବନ୍ୟା ସ୍ଥିତି ନାହିଁ

- କହିଲେ, ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ
- ସୁନ୍ଦରଗଡ଼ ଓ ଛତିଶଗଡ ଛଡା ଆଉ କେଉଁଠି ବର୍ଷା ନାହିଁ

ଭୁବନେଶ୍ୱର,୪ ।୭(ନିପ୍ର): ରାଜ୍ୟରେ ବନ୍ୟା ସ୍ଥିତି ନାହିଁ । ସୁବର୍ଣ୍ଣରେଖାରେ ପାଣି କମିଛି । କେଉଁ ବେସିନରେ ପାଣି ଅଧିକ ନାହିଁ । ସତର୍କ ସୂଚନା କେଉଁଠି ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି । ସେ କହିଛନ୍ତି ଯେ, ଛତିଶଗଡରେ ବର୍ଷା ହେଉଛି । ତାଙ୍କ ପାଣି ଛାଡିବାକୁ ଆମେ ଅପେକ୍ଷା କରିଛୁ । ସ୍ୱାଭାବିକ ପ୍ରକ୍ରିୟାରେ ଏସଓପି ଅନୁସାରେ ହୀରାକୁଦର ୬ ଗେଟ ଖୋଲା ହେବ । ପୂଜା କରିକି ଗେଟ ଖୋଲାଯିବ । ହେଲେ ସତର୍କ ସ୍ଥିତି ନାହିଁ । ୬୩୦ ଫୁଟ ହୀରାକୁଦର ଜଳ ଧାରଣ କ୍ଷମତା ରହିଛି । ଏବେ ୬୦୫ ଫୁଟ ପାଣି ଅଛି । ମହାନଦୀ ଉପରମୁଣ୍ଡ ସୁନ୍ଦରଗଡ଼ ଓ ଛତିଶଗଡ ଛଡା ଆଉ କେଉଁଠି ବର୍ଷା ନାହିଁ । ରାସ୍ତା ସମ୍ପ୍ରସାରଣ ଯୋଗୁଁ ଭୁବନେଶ୍ୱରରେ ୬ ନମ୍ବର ଡ୍ରେନରେ ସ୍ଲାବ ଦବିଛି। ତେଣୁ ଜଳ ନିଷ୍କାସନ ହେବାରେ ସମସ୍ୟା ହେଉଛି । ସକାଳେ ଘଟଣା ସ୍ଥଳ ପରିଦର୍ଶନ କରାଯାଇଛି । ଜଳ ସମ୍ପଦ ବିଭାଗ ଅସ୍ଥାୟୀ ବିକଳ୍ପ ଭାବେ ତାକୁ ଖୋଲିକି ପାଣି ବାହାର କରାଯିବ ବୋଲି ସେ କହିଛନ୍ତି ।

CMYK

ନବପ୍ରଭାତ



# ବାହୁଡ଼ା ବା ଦକ୍ଷିଣାଭିମୁଖୀ ଯାତ୍ରା

ଶ୍ରୀବିଗ୍ରହମାନଙ୍କର ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ବା ଦକ୍ଷିଣାଭିମୁଖୀ ଯାତ୍ରା କୁହାଯାଏ। ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଉଲ୍ଲେଖ ଅଛି। ଅର୍ଥାତ୍, ନବମ ଦିବସରେ ଦେବତାମାନଙ୍କୁ ରଥରେ ଅଧିଷ୍ଠିତ କରାଇବେ। ଉକ୍ତ ଦିନ ପ୍ରାତଃ କାଳ ଅତ୍ୟନ୍ତ ସମୃଦ୍ଧିବାନ୍ ଅଟେ । ସେଦିନ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ । ସମ୍ପୂର୍ଣ୍ଣ ଯାତ୍ରାକୁ ତିନୋଟି ଅଙ୍ଗ ରୂପେ ଧରାଯାଇଛି । ଏଥିମଧ୍ୟରୁ ରଥଯାତ୍ରା ଗୋଟିଏ ଅଙ୍ଗ, ଗୁଣ୍ଡିଚା ମଣ୍ଡପରେ ବାସ ଦ୍ୱିତୀୟ ଅଙ୍ଗ ଏବଂ ବାହୁଡ଼ା ଯାତ୍ରା ପୂର୍ବକ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ପର୍ଯ୍ୟନ୍ତ ତୃତୀୟ ଅଙ୍ଗ । ଶାସ୍ତ୍ରୀୟ ବର୍ଣ୍ଣନାନୁସାରେ ରଥଯାତ୍ରା ସମୟରେ ପ୍ରଭୁମାନେ ଉତ୍ତରାଭିମୁଖୀ ହୋଇ ଯାତ୍ରା କରୁଥିବା ସମୟରେ ସେମାନଙ୍କୁ ଦର୍ଶନ କଲେ ଯେଉଁ ଫଳ ମିଳେ, ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖ ହୋଇ ଯାତ୍ରା କରୁଥିବା ବେଳେ ଠାକୁରମାନଙ୍କୁ ଦର୍ଶନ କଲେ ଠିକ୍ ସେହିପରି ଫଳ ମିଳିଥାଏ। ଏପରିକି ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ । ନବମୀ ଦିନ ରାତିରେ ବଡ଼ସିଂହାର , ପହୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପୁଷ୍ପାଳକମାନେ ଗମ୍ଭୀରାରୁ ବାହାରି ଆସିଥାନ୍ତି। ଏହା ପରେ ଦଇତାପତିମାନେ ଠାକୁରମାନଙ୍କ ଅନ୍ୟାନ୍ୟ ଗୁପ୍ତସେବା କରିବା ସହିତ କୋଠ ସୁଆଁସିଆମାନେ ସିଂହାସନକୁ ଲଗାଇ ଚାରମାଳ ବାନ୍ଧିଥାନ୍ତି। ରାଘବ ଦାସ ମଠ ଦେଇଥିବା ଶୁକ୍ଳ ସଜକୁ ଦଇତା ସେବକମାନେ ଠାକୁରମାନଙ୍କୁ ଲାଗି କରାଇଥାନ୍ତି। ବାହୁଡ଼ା ଯାତ୍ରା ଦିନ ସକାଳ ସମୟରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ଭିତରଛ ମହାପାତ୍ର ଓ ପାଳିଆ ପୁଷ୍ପାଳକମାନେ ବଢ଼ାଇବା ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ପୂଜାପଣ୍ଡା ଓ ଅନ୍ୟାନ୍ୟ ନୀତି ସମ୍ପୃକ୍ତ ସେବକମାନଙ୍କ ସାହାଯ୍ୟରେ ପୂଜା ସମାପନ ହୋଇଥାଏ। ଏହା ପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ସେନାପଟା ଲାଗି (ଗୁପ୍ତ ନୀତି) କରିଥାନ୍ତି । ଉକ୍ତ କାର୍ଯ୍ୟ ଶେଷ ହେବାପରେ ଶ୍ରୀଗୁଣ୍ଡିଚା ଦିନ ପରି ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକଙ୍କଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ତତ୍ପରେ ମୁଦିରସ୍ତ ଡୋରଲାଗି ଓ ପୁଷ୍ପାଞ୍ଜଳି ନୀତି ସମାପନ କରିବା ପରେ ବିଜେ କାହାଳୀ ବାଜେ ଓ ଠାକୁରମାନଙ୍କର ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥାଏ। ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଞ୍ଚିବା କ୍ଷଣି ରାଘବ ଦାସ ମଠ ପ୍ରଦତ୍ତ ଟାହିଆ ଶ୍ରୀମସ୍ତକରେ ଲାଗି କରାଯିବା ସହିତ, ପତି ମହାପାତ୍ର ପ୍ରସାଦ ଲାଗି, ବନ୍ଦାପନା, କର୍ପୂର ଆଳତି, ସାତବତୀ , ସଞ୍ଜ କାହାଳି ଓ ଘସା, ବିଡ଼ିଆ ମଣୋହି କରିଥାନ୍ତି। ଏହି ସମୟରେ ପୁଷ୍ପାଳକ ମହାଜନମାନେ ତୁଳି ଲାଗି ବଢ଼ାଇଥାନ୍ତି। ଏହି ନୀତି ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ସ୍ୱ ସ୍ୱ ରଥକୁ ବିଜେ କରିଥାନ୍ତି। ସମସ୍ତ ବିଗ୍ରହ ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ରୁନ୍ଧା କାର୍ଯ୍ୟ ବଢ଼ିଥାଏ। ଠାକୁରମାନଙ୍କ ବାହୁଡ଼ା ପହଣ୍ଡି ଓ ରଥଟଣା ସମୟରେ ହେଉଥିବା ପନ୍ତି ତାଲିକା ନିମ୍ନରେ ଉଲ୍ଲେଖ କରାଯାଇଛି। ୧.ଗୋପୀନାଥ ପୂଜାପଣ୍ଡା, ୨.ଗୁଣ୍ଡିଚାଘର ମୁକ୍ତି ମଣ୍ଡପ, ୩. ଗୋପାଳ ତୀର୍ଥ ମଠ, ୪. ଶ୍ରୀରାମ ଦାସ ମଠ, ୫.ସରକାରୀ (ରାଘବ ଦାସ), ୬. ଓଡ଼ିଆ ମଠ, ୭.ଜଗନ୍ନାଥ ବଲ୍ଲଭ, ୮.ଗଙ୍ଗାମାତା ମଠ, ୯.ଉତ୍ତର ପାର୍ଶ୍ୱ ମଠ, ୧୦.ସଂକ୍ରାନ୍ତି ମଠ, ୧୧.ରାଧା ବଲ୍ଲଭ, ୧୨.ବିଶୁନି ଜାଗା, ୧୩.ଇନ୍ଦ୍ରାସ୍ୱାମୀ, ୧୪.ଲୋକନି ବାବୁ, ୧୫.ମାଳି ଜେଗା, ୧୬.(କ) ବିମ୍ବଳା ବାବୁ ଓ (ଖ) ସୁନାର ଗୌରାଙ୍ଗ ମଠ ୧୭. ଭାରତୀ କୋଠା, ୧୮.ଜଗନ୍ନାଥ ମିଶ୍ର, ୧୯.ନିମି ଆଖେଡ଼ା ,୨୦.ମଣ୍ଡଳ କୋଠା, ୨୧.ଜଗନ୍ନାଥ ବଲ୍ଲଭ ମଠ ପରିସର, ୨୨.ଭିଙ୍ଗାରପୁର, ୨୩. କେନ୍ଦୁଝର କୋଠି, ୨୪.ଅଦ୍ୱୈତ ପ୍ରସାଦ, ୨୫. ନୀଳମଣି ବ୍ରହ୍ମା, ୨୬.ଗଙ୍ଗାଧର ମହାପାତ୍ର, ୨୭. ସାଗର ହରି ପ୍ରତିହାରୀ, ୨୮. ମରିଚ କୋଟ, ୨୯. ବଳରାମ କୋଟ, ୩୦. ଶ୍ରୀରାମ ଦାସ ଠାକୁରମାନେ ରଥାରୂଢ଼ ହେବା ପୂର୍ବରୁ ବିଶ୍ୱକର୍ମା ମହାରଣା , ଦରଜୀ ସେବକ, କୋଠ ସୁଆଁସିଆ ପ୍ରଭୃତି ସେବକ ତିନି ରଥର ଆବଶ୍ୟକୀୟ ମରାମତି କାର୍ଯ୍ୟ ପୂର୍ବଦିନରୁ କରି ଦେଇଥାନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦାଧିକାରୀ ଛେରା ପହଁରା ନିମିତ୍ତ ଗୁଣ୍ଡିଚା ମନ୍ଦିରଠାରୁ ଶ୍ରୀନଅର ଅଭିମୁଖେ ଯାଇଥାନ୍ତି। ସେହି ଦିନ ଗଜପତି ବଡ଼ଶଙ୍ଖଠାରୁ ହସ୍ତୀ, ଛତି, କାହାଳୀ ସହ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ତାମଯାନ୍ରେ ବସି ଗୁଣ୍ଡିଚା ଘର ନାକଚଣା ଦ୍ୱାରଠାରେ ରହିଥିବା ରଥ ନିକଟକୁ ଆସିଥାନ୍ତି। ସେଠାରେ ଶ୍ରୀଗୁଣ୍ଡିଚା ଦିନ ପରି ତିନି ରଥରେ ଛେରା ପହଁରା କରିଥାନ୍ତି। ଛେରା ପହଁରା ନୀତି ସରିବା ପରେ ଭୋଇ ସେବକମାନେ ରଥରୁ ଚାରମାଳ ଖୋଲିବା ସଙ୍ଗେ ସଙ୍ଗେ ରୂପକାର ସେବକମାନେ ରଥରେ ଘୋଡ଼ା ବାନ୍ଧିଥାନ୍ତି। ମହାରଣା ଓ ଭୋଇ ସେବକମନେ ରଥ ଦଉଡି ଲଗାଇବା ପରେ ରଥ ନିର୍ଦ୍ଦେଶକ ଦଳଙ୍କ ପରାମର୍ଶରେ ରଥଟଣା ହୋଇଥାଏ। ବଳଭଦ୍ର ଓ ସୁଭଦ୍ରା ଦେବୀଙ୍କ ରଥଟଣା ହୋଇ ସିଂହଦ୍ୱାରକୁ ଆସିଥାଏ।




## ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓ ଭକ୍ତ ସାଲବେଗ



ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ନାନା ଅଲୌକିକ ଘଟଣାମାନ ଘଟିବାର ଅନେକ ପ୍ରମାଣ ମିଳେ । ଭକ୍ତର ମାନ ରକ୍ଷା କରିବା ପାଇଁ କେତେବେଳେ ଭଗବାନ ବଳରାମ ଦାସଙ୍କ ବାଲି ରଥରେ ବିଜେ କରିଛନ୍ତି ତ କେତେବେଳେ ରାଜାଙ୍କୁ ସ୍ୱପ୍ନାଦେଶ ଦେଇ ଭକ୍ତ ଜଗନ୍ନାଥ ଦାସଙ୍କୁ ବନ୍ଦୀଶାଳାରୁ ମୁକ୍ତ କରିଛନ୍ତି ତ କେତେବେଳେ ଭକ୍ତର ଭୋକ ଦୂର ପାଇଁ ନିଜକୁ ଅର୍ପିତ ସୁନାଥାଳିର ଦିବ୍ୟଅନ୍ନ ବଢ଼ାଇ ଦେଇଛନ୍ତି ଭକ୍ତ ବନ୍ଧୁ ମହାନ୍ତିଙ୍କର ହାତକୁ , ଦୂରରେ ଥାଇ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ଗ୍ରହଣ କରିଛନ୍ତି ନିଜର ମହାବାହୁ ବଢ଼ାଇ । ଗୀତଗୋବିନ୍ଦ ଶୁଣିବା ପାଇଁ ସୁଦୂର ପଲ୍ଲୀରେ ବାଇଗଣ ତୋଳୁଥିବା ଅବସ୍ଥାରେ ଗୀତଗୋବିନ୍ଦ ବୋଲୁଥିବା ବୁଢ଼ୀର ବାଇଗଣ କିଆରୀରେ ହାଜର ହୋଇଛନ୍ତି । ଗର୍ବୀର ଗର୍ବ ଚୂର୍ଣ୍ଣ ପାଇଁ କେତେବେଳେ ଅଟକି ରହନ୍ତି ତ ରଥ ଉପରେ । କେତେବେଳେ ଭକ୍ତ ହାତର ସ୍ପର୍ଶ ପାଇ ମାନ ଭାଙ୍ଗନ୍ତି ମାନଗୋବିନ୍ଦ । ମହାପ୍ରଭୁଙ୍କ ମହାନ ଲୀଳା ବୁଝିବା ସାଧାରଣ ମାନବ ପକ୍ଷେ ଅସମ୍ଭବ । ସେ ଭାବକୁ ନିକଟ , ଅଭାବକୁ ଦୂର । ଯିଏ ତାଙ୍କୁ ଯେପରି ଭଜିଛି ସେ ସେପରି ତାଙ୍କୁ ପାଇଛି । ଯିଏ ତାଙ୍କୁ ଯେଉଁ ରୂପରେ ଦେଖିବାକୁ ଚାହିଁଛି ସେ ସେହି ରୂପରେ ଦେଖିବାକୁ ପାଇଛି । ସିଏ ପରା ଜଗତରନାଥ ଜଗନ୍ନାଥ ଏହା ନ କରନ୍ତେ ବା କିପରି ? ତାଙ୍କରି ଭକ୍ତ ସାଲବେଗ । ମାତା ତାଙ୍କର ହିନ୍ଦୁ ରମଣୀ ହୋଇଥିଲେ ମଧ୍ୟ ପିତା ଥିଲେ ମୋଗଲ ସୁବେଦାର ଲାଲବେଗ । ସାଲବେଗ ଯୁବକ ଅବସ୍ଥାରେ ଏକଦା ଭୀଷଣ ଭାବରେ କ୍ଷତାକ୍ତ ଓ ପୀଡ଼ିତ ହୋଇଥିଲେ । ଯେତେ ଔଷଧ ଲଗାଇଲେ ମଧ୍ୟ କ୍ଷତର ଉପଶମ ହେଲା ନାହିଁ । ନିଜ ମା'ଙ୍କ ପରାମର୍ଶକ୍ରମେ ବୃନ୍ଦାବନ ବିହାରୀଙ୍କୁ ଉପାସନା କରି ବ୍ୟାଧିମୁକ୍ତ ହୋଇଥିଲେ । ଶ୍ରୀକୃଷ୍ଣଙ୍କ କରୁଣାରୁ ମୃତ୍ୟୁମୁଖରୁ ରକ୍ଷା ପାଇଥିବାରୁ ନିଜର ସମଗ୍ର ଜୀବନ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସମର୍ପଣ ପୂର୍ବକ ସନ୍ନ୍ୟାସୀ ଜୀବନଯାପନ କରିବାକୁ ସ୍ଥିର କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ଶ୍ରୀକ୍ଷେତ୍ରରେ ଆସି ଅବସ୍ଥାନ କରିଥିଲେ । ଶ୍ରୀକ୍ଷେତ୍ରରେ ଅବସ୍ଥାନ କାଳରେ ସାଲବେଗ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ବହୁ ଜଣାଣ, ଭଜନ ରଚନା କରିଥିଲେ ଓ ତାହାକୁ ଗାଉଥିଲେ ମଧ୍ୟ । ଶ୍ରୀକ୍ଷେତ୍ରରେ ଅବସ୍ଥାନ କରୁଥିଲେ ମଧ୍ୟ ବୃନ୍ଦାବନ ଯାଇ ବୃନ୍ଦାବନ ବିହାରୀ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବା ପାଇଁ ଇଚ୍ଛା ତାଙ୍କର ବଳବତ୍ତର ହୋଇ ଉଠିଥିଲା । ଶ୍ରୀଜଗନ୍ନାଥଙ୍କ ପ୍ରତି ସାଲବେଗଙ୍କର ଥିଲା ପ୍ରଗାଢ଼ ଭକ୍ତି । ଜାତିରେ ଯବନ ହୋଇଥିବାରୁ ଶ୍ରୀମନ୍ଦିରରେ ପ୍ରବେଶ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ସୁଯୋଗ ନ ଥିବାରୁ ପ୍ରତିବର୍ଷ ରଥଯାତ୍ରାରେ ରଥାରୁଢ଼ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଆତ୍ମସନ୍ତୋଷ ଲାଭ କରୁଥିଲେ । ଏକଦା ସାଲବେଗ ବୃନ୍ଦାବନ ଯାଇ ସେଠାରେ ପ୍ରାୟ ବର୍ଷେ ଯାଏଁ ରହିବା ପରେ ରଥଯାତ୍ରା ସମୟ ପାଖେଇ ଆସିବାରୁ ବୃନ୍ଦାବନରୁ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିଥିଲେ । ବାଟରେ ଅସୁସ୍ଥ ହୋଇ କିଛି ଦିନ ବିତିଗଲା । ରଥଯାତ୍ରା ସମୟ ହେଲା କିନ୍ତୁ ଶ୍ରୀକ୍ଷେତ୍ରଠାରୁ ସେ ଥିଲେ ଅନେକ ଦୂରରେ । ବାହୁଡ଼ା ଯାତ୍ରା ଶେଷ ମଧ୍ୟରେ ଶ୍ରୀକ୍ଷେତ୍ରରେ ପହଞ୍ଚି ପାରିବାର ଆଶା ନ ଥିବାରୁ ମନ ତାଙ୍କର ଆକୁଳିତ ହୋଇଉଠିଲା । ଚିତ୍ତ ତାଙ୍କର ଆନ୍ଦୋଳିତ ହେଲା । କରୁଣ ସ୍ୱରରେ ମନର ଆବେଗ ନେଇ ପଥରେ ଗାଇଲେ-

*'ଜଗବନ୍ଧୁ ହେ ଗୋସାଇଁ*
*ତୁମ୍ଭ ଶ୍ରୀଚରଣ ବିନୁ ଅନ୍ୟ ଗତି ନାହିଁ ।'*

ସେହି ବର୍ଷ ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିରକୁ ଫେରିବା ପଥରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବଡ଼ଦାଣ୍ଡରେ ବଳଗଣ୍ଡି ନିକଟରେ ଅନିର୍ଦ୍ଦିଷ୍ଟ କାଳ ଲାଗି ଅଟକି ରହିଥିଲା । ଭକ୍ତ ସାଲବେଗ ଶ୍ରୀକ୍ଷେତ୍ରରେ ପହଞ୍ଚି ସେହିଠାରେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପରେ ନନ୍ଦିଘୋଷ ଚକ ଗଡ଼ି ଚାଲିଥିଲା ଶ୍ରୀମନ୍ଦିର ଅଭିମୁଖେ । ସାଲବେଗ ନିଜକୁ ଧନ୍ୟ ମଣିବା ସଙ୍ଗେ ସଙ୍ଗେ ସେହିଦିନଠାରୁ ବଡ଼ଦାଣ୍ଡର ସେହିଠାରେ (ଯେଉଁଠାରେ ନନ୍ଦିଘୋଷରେ ଶ୍ରୀଜଗନ୍ନାଥ ଦର୍ଶନ ଦେଇଥିଲେ) ନିଜର ଅବଶିଷ୍ଟ ଜୀବନ ଅତିବାହିତ କରିଥିଲେ । ତାଙ୍କର ପରଲୋକ ଗମନ ପରେ ସେହିଠାରେ ତତ୍କାଳୀନ ରାଜାଙ୍କ ନିର୍ଦ୍ଦେଶରେ ତାଙ୍କୁ ସମାଧି ଦିଆଯାଇଥିଲା । ସେହିଠାରେ ସାଲବେଗଙ୍କ ସମାଧି ପୀଠ ଅବସ୍ଥିତ ।

## -ଲକ୍ଷ୍ମୀନାରାୟଣ ଭେଟ-



ଜଗନ୍ନାଥ ମହାପ୍ରଭୁଙ୍କ ରଥ ମରିଚିକୋଟ ନିକଟସ୍ଥ ଶ୍ରୀନଅରଠାରେ ପହଞ୍ଚିବା ପରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ହୋଇଥାଏ । ମହାଜନ ସେବକମାନେ ଲକ୍ଷ୍ମୀ ଠାକୁରାଣୀଙ୍କୁ ପାଟବସ୍ତ୍ର, ମାଳଫୁଲ, ଅଳଙ୍କାରରେ ବେଶ କରାଇ ସାତ ପାହଚ ଦ୍ୱାରଠାରେ ଥିବା ପାଲିଙ୍କିରେ ବିଜେ କରାନ୍ତି। ପାଲିଙ୍କି ଆନନ୍ଦବଜାରସ୍ଥିତ ଚାହାଣୀ ମଣ୍ଡପକୁ ନିଆଯାଏ। ଚାହାଣୀ ମଣ୍ଡପରେ ଲକ୍ଷ୍ମୀ ବିଜେ ହୋଇବା ପରେ ଉକ୍ତ ପାଲିଙ୍କି ନନ୍ଦିଘୋଷ ରଥରେ ବିରାଜମାନ କରିଥିବା ଜଗନ୍ନାଥଙ୍କ ରଥ ନିକଟରେ ପହଞ୍ଚନ୍ତି। ପରମ୍ପରା ଅନୁଯାୟୀ ସେହି ସମୟରେ ବଳଭଦ୍ରଙ୍କ ରଥ ସମ୍ମୁଖରେ ରଥ ଘେର ପକାଯାଇଥାଏ। ଶ୍ରୀନଅର ସିଂହଦ୍ୱାରରେ ଗଜପତି ମହାରାଜା ଉପସ୍ଥିତ ହୋଇଥାନ୍ତି। ଦହିପଟି ମଣୋହି ପରେ ଗଜପତିଙ୍କ ହସ୍ତରେ ଲକ୍ଷ୍ମୀ ଦେବୀ ବିଜେ ହୋଇ ଜଗନ୍ନାଥଙ୍କ ସହିତ ଭେଟ ହୁଅନ୍ତି। ତତ୍ପରେ ରଥ ପ୍ରଦକ୍ଷିଣ ଓ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ସଙ୍ଗେ ସଙ୍ଗେ ଶ୍ରୀନଅରଠାରୁ ନନ୍ଦିଘୋଷ ଟଣା ଯାଇ ସିଂହଦ୍ୱାରଠାରେ ରଖାଯାଇଥାଏ। ଏହି ନୀତିରେ ଭିତରଛ, ପତି ମହାପାତ୍ର, ଗରାବଡୁ, ବିମାନବଡୁ, ମହାଜନ, ବଜନ୍ତରୀ ପ୍ରମୁଖ ସେବକମାନେ ଉପସ୍ଥିତ ରହିଥାନ୍ତି।

## ବଦ୍ରିନାଥ ମନ୍ଦିରରେ ଶଙ୍ଖ ଫୁଙ୍କାଯାଏ ନାହିଁ



ବର୍ଷସାରା ବଦ୍ରିନାଥ ଧାମରେ ଥଣ୍ଡା ଅନୁଭବ ହୁଏ । କିଛି ମାସକୁ ଛାଡ଼ି ସେଠାରେ ପ୍ରାୟତଃ ବରଫ ଦେଖିବାକୁ ମିଳିଥାଏ । ବିଜ୍ଞାନ ଅନୁଯାୟୀ, ପ୍ରତ୍ୟେକ ଜୀବ କିମ୍ବା କୌଣସି ବସ୍ତୁର ନିଜସ୍ୱ ଫ୍ରିକ୍ୱେନ୍ସି ଥାଏ । ଏପରି ପରିସ୍ଥିତିରେ ଯଦି ସେଠାରେ ଶଙ୍ଖ ଫୁଙ୍କାଯାଏ, ତେବେ ଏହାର ଶବ୍ଦ ପର୍ବତକୁ ଧକ୍କା ଦେଇ ପ୍ରତିଧ୍ୱନି ସୃଷ୍ଟି କରିବ । ଏହି କାରଣରୁ ବରଫ ଫାଟିବା କିମ୍ବା ବରଫ ଝଡ଼ ହେବାର ସମ୍ଭାବନା ରହିପାରେ । ଏଥି ସହିତ ବୈଜ୍ଞାନିକମାନେ କହିଛନ୍ତି ଯେ, ଏକ ନିର୍ଦ୍ଦିଷ୍ଟ ଫ୍ରିକ୍ୱେନ୍ସିର ଧ୍ୱନି ପରିବେଶକୁ କ୍ଷତି ପହଞ୍ଚାଏ । ଯେତେବେଳେ ଏହା ଘଟେ, ପର୍ବତରେ ଭୂସ୍ଖଳନ ହେବାର ଆଶଙ୍କା ବଢ଼ିଯାଏ । ଏପରି ପରିସ୍ଥିତିରେ ବୋଧହୁଏ ବଦ୍ରିନାଥଧାମରେ ଶଙ୍ଖ ଫୁଙ୍କାଯାଏ ନାହିଁ ।

## ସାମବେଦ

*'ସାମ' ଶବ୍ଦର ଅର୍ଥ ହେଉଛି ଗାନ। ସାମବେଦର ବିଭିନ୍ନ ମନ୍ତ୍ରରେ ଦେବୀ/ଦେବତାଙ୍କ ସ୍ତୁତିଗାନ କରାଯାଇଛି। ଏହି ବେଦର ତିନୋଟି ମହତ୍ତ୍ୱପୂର୍ଣ୍ଣ ଶାଖା ହେଉଛି କୌଥୁମିୟ, ଜୈମିନିୟ ଏବଂ ରଣାୟନୀୟ । ଏହି ବେଦରେ ମୁଖ୍ୟତଃ ସବିତା କିମ୍ବା ସୂର୍ଯ୍ୟଙ୍କ ସଂପର୍କରେ ବର୍ଣ୍ଣନା କରାଯାଇଛି। ଏଥିରେ ଇନ୍ଦ୍ର, ସୋମଙ୍କ ସଂପର୍କରେ ବିଶଦ ବର୍ଣ୍ଣନା କରାଯାଇଛି। ଭାରତୀୟ ସଂଗୀତର ଇତିହାସ କ୍ଷେତ୍ରରେ ସାମବେଦର ମହତ୍ତ୍ୱ ସଂପର୍କରେ ଆଲୋଚନା କରାଯାଇଛି। ସାମବେଦର ପ୍ରମୁଖ ଦେବତା ହେଉଛନ୍ତି ସବିତା। ଏଥିରେ ମୁଖ୍ୟତଃ ସୂର୍ଯ୍ୟଙ୍କ ସ୍ତୁତି ଓ ମନ୍ତ୍ର ବର୍ଣ୍ଣନା କରାଯାଇଛି। ସାମବେଦର ମନ୍ତ୍ର ସଂଗୀତମୟ ଅଟେ। ଯଜ୍ଞ, ଅନୁଷ୍ଠାନ ପ୍ରଭୃତିରେ ଏହି ମନ୍ତ୍ର ସଂଗୀତ ଆକାରରେ ଉଚ୍ଚାରଣ କରାଯାଏ। ଏହି ବେଦକୁ ସାମବେଦ କୁହାଯିବାର କାରଣ ହେଉଛି ଏଥିରେ ଗାୟନ ପଦ୍ଧତିର ମନ୍ତ୍ରସବୁ ଉଲ୍ଲେଖ ରହିଛି। ସାମବେଦର ଅଧିକାଂଶ ମନ୍ତ୍ର ଋକ୍‌ବେଦରେ ଦେଖିବାକୁ ମିଳିଥାଏ। ଏହି ବେଦ ଗାୟନରେ ତିନୋଟି ସ୍ୱର ଉଚ୍ଚାରଣ କରାଯିବା ସଂପର୍କରେ ଉଲ୍ଲେଖ କରାଯାଇଛି।*

## ମାରଦା ଜଗନ୍ନାଥ ମନ୍ଦିର

ଖୋଲା ଜାଗାରେ ଲୋକନାଥଙ୍କ ବିଗ୍ରହ ଥିବାରୁ ଏହାକୁ 'ଖରାଖିଆ ଲୋକନାଥ' ବୋଲି ସ୍ଥାନୀୟ ଭାବେ କୁହାଯାଉଛି।

ଆଠଗଡ଼ ରାଜ୍ୟ ଅନ୍ତର୍ଗତ ମଥୁରା ଗାଁର ବିନ୍ଧାଣୀମାନେ ଦୁଇମାସ କାଳ ଦିନରାତି ପରିଶ୍ରମ କରି ମାରଦା ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିରଟି କୁଣ୍ଡା ପଥରରେ ତିଆରି ହୋଇଛି। ମନ୍ଦିରଟି ବିମାନ ଓ ଜଗମୋହନକୁ ନେଇ ଗଠିତ। ବିମାନ ଓ ଜଗମୋହନର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୩୫ ଫୁଟ, ୪୫ ଫୁଟ ଏବଂ ୨୨ ଫୁଟ ଓ ୨୪ ଫୁଟ। ଏକ ବଡ ପଥର ଚଉତରା ଉପରେ ନିର୍ମିତ ସମଗ୍ର ମନ୍ଦିରଟିର ଦୈର୍ଘ୍ୟ ଓ ପ୍ରସ୍ତ ଯଥାକ୍ରମେ ୫୭ ଫୁଟ ଓ ୪୫ ଫୁଟ। ପୁରୀ ଜଗନ୍ନାଥ ମନ୍ଦିରର କବାଟ ପରି ଏଠାରେ ମଧ୍ୟ ଏକ ବଡ଼ କାଠ କବାଟ ରହିଛି। ବିମାନର ବାହାର ଚାରିପାଖ କାନ୍ଥରେ ବାମନ, ନୃସିଂହ, ବରାହଙ୍କ ପଥର ମୂର୍ତ୍ତି ପାର୍ଶ୍ୱଦେବତା ରୂପେ ଶୋଭା ପାଆନ୍ତି। ଦେଉଳର ଉପର ଭାଗ (ମସ୍ତକ ବା ଚୂଡ଼ା) ଗରୁଡ଼ଙ୍କ ମୂର୍ତ୍ତି, ଆମଳକ, ଖପୁରି, କଳସ ଏବଂ ନୀଳଚକ୍ର ଦ୍ୱାରା ବିମଣ୍ଡିତ। ବିମାନ ବା ଦେଉଳ ମଧ୍ୟରେ ଥିବା ରତ୍ନସିଂହାସନଟି ପଥରରେ ତିଆରି। ରତ୍ନସିଂହାସନ ଉପରେ ସ୍ଥାପିତ ତିନୋଟି ପଥର ଚକ (ପିଣ୍ଡି) ଉପରେ ଶ୍ରୀବିଗ୍ରହମାନେ ଉପବିଷ୍ଟ ହୋଇ ପୂଜା ପାଉଥିଲେ। ୧୭୩୩ ଖ୍ରୀ.ଅ. ମେ ମାସରେ ଶ୍ରୀବିଗ୍ରହମାନଙ୍କୁ ପୁରୀକୁ ନେଇଯିବା ପରଠାରୁ ଅଦ୍ୟାବଧି ଏହି ତିନୋଟି ଚକା ପଥର ପୂଜିତ ହେଉଛନ୍ତି। ପଥରା ଗ୍ରାମର ଜଣେ ପୂଜକ ଏହି ଦାୟିତ୍ୱରେ ଅଛନ୍ତି। ଜଗମୋହନର ମଧ୍ୟ ଭାଗରେ ଗରୁଡ ସ୍ତମ୍ଭ ରହିଛି ଯାହାର ଉଚ୍ଚତା ୮ ଫୁଟ। ଶ୍ରୀମୂର୍ତ୍ତିମାନଙ୍କ



ପୂଜାବିଧି ତଥା ଭକ୍ତମାନଙ୍କ ବ୍ୟବହାର ପାଇଁ ଉତ୍ତର କୋଣକୁ ଏକ ଗଭୀର କୂଅ ଖୋଳା ଯାଇଥିଲା। ତାହା ଏବେ ଅକ୍ଷତ ଅବସ୍ଥାରେ ରହିଛି। କୂଅ ପାଖ ଏକ ଛୋଟ ମନ୍ଦିରରେ ରାମଭକ୍ତ ହନୁମାନ ପୂଜିତ ହେଉଛନ୍ତି। ଦକ୍ଷିଣ ଦ୍ୱାର ସମ୍ମୁଖରେ ଏକ ଶିବଲିଙ୍ଗ ଏବଂ ଚକ୍ର ପୂଜା ପାଉଛନ୍ତି। ସମ୍ଭବତଃ ମୁସଲମାନମାନଙ୍କ ଆକ୍ରମଣରୁ ଜଗନ୍ନାଥଙ୍କୁ ରକ୍ଷା କରିବା ପାଇଁ ମନ୍ଦିରକୁ ବେଷ୍ଟନ କରି ଏକ ପରିଖା ଖୋଳା ହୋଇଥିଲା। ପରିଖାର ଗଭୀରତା ଥିଲା ପ୍ରାୟ ୧୦ ଫୁଟ। ବର୍ତ୍ତମାନ ପରିଖାଟିର ବହୁ ଅଂଶ ମାଟିରେ ପୋତି ହୋଇଗଲେ ମଧ୍ୟ କେତେକାଂଶରେ ପ୍ରାୟ ପାଞ୍ଚଫୁଟ ପର୍ଯ୍ୟନ୍ତ ପାଣି ରହିବା ଦେଖାଯାଏ। ଠିକ୍ ଶ୍ରୀକ୍ଷେତ୍ର ଭଳି ମାରଦା ମନ୍ଦିର ସ୍ଥାନରେ ଶ୍ରୀଲୋକନାଥ ଓ ବିମଳାଙ୍କ ମୂର୍ତ୍ତି ମଧ୍ୟ ଅଛି। ଖୋଲା ଜାଗାରେ ଲୋକନାଥଙ୍କ ବିଗ୍ରହ ଥିବାରୁ ଏହାକୁ 'ଖରାଖିଆ ଲୋକନାଥ' ବୋଲି ସ୍ଥାନୀୟ ଭାବେ କୁହାଯାଉଛି। ମାତ୍ର ଦୁଇମାସ ମଧ୍ୟରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ ମଥୁରାର ପଥର ଶିଳ୍ପୀମାନେ ମନ୍ଦିର ଦେହରେ ବିଶେଷ କାରୁକାର୍ଯ୍ୟପୂର୍ଣ୍ଣ ଖୋଦାଇ କାମ କରିପାରି ନଥିଲେ। ମନ୍ଦିର କାନ୍ଥରେ କେତେକ ଭାସ୍କର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ଦେଖାଯାଏ।



## ଦଶରଥଙ୍କ ନୀତିଶିକ୍ଷା

ରାଜା ଦଶରଥ ନିଜ ୪ ପୁତ୍ରଙ୍କୁ ବରବେଶରେ ସଜାଇ ବରଯାତ୍ରୀ ଦଳ ସହିତ ମିଥିଳାପୁରୀରେ ଥିବା ରାଜା ଜନକଙ୍କ ଦ୍ୱାରରେ ପହଞ୍ଚିଲେ । ରାଜା ଜନକ ସମ୍ମାନପୂର୍ବକ ବରଯାତ୍ରୀଙ୍କୁ ସ୍ୱାଗତ କଲେ । ଏହି ସମୟରେ ରାଜା ଦଶରଥ ଆଗକୁ ଆସି ରାଜର୍ଷି ଜନକଙ୍କ ପାଦ ଛୁଇଁ ପ୍ରଣାମ କଲେ । ଚକିତ ହୋଇ ଜନକ ରାଜା ଦଶରଥଙ୍କୁ ଧରିନେଲେ ଏବଂ କହିଲେ, ମହାରାଜ ଆପଣ ବରପକ୍ଷର ମୁଖ୍ୟ । ତେଣୁ ଆପଣ ମୋ ଠାରୁ ଜ୍ୟେଷ୍ଠ । ଏଭଳି ପରିସ୍ଥିତି ଆପଣ ମୋର ପାଦ ଛୁଇଁବା ଅନୁଚିତ। ଏହାଶୁଣି ରାଜା ଦଶରଥ କହିଲେ, ମହାରାଜ ! ଆପଣ ଦାତା । କନ୍ୟାଦାନ କରୁଛନ୍ତି । ମୁଁ ଯାଚକ, ଆପଣ ଦାନସ୍ୱରୂପ ଦେଉଥିବା କନ୍ୟାକୁ ନେବା ଲାଗି ଆସିଛି । ଏଥର ଆପଣ କୁହନ୍ତି, ଦାତା ଏବଂ ଯାଚକ ମଧ୍ୟରେ ବଡ଼ କିଏ ? ଏକଥା ଶୁଣି ରାଜା ଜନକଙ୍କ ଆଖିରୁ ଅଶ୍ରୁ ଝରିପଡ଼ିଲା । ସେ କହିଲେ ଦଶରଥଙ୍କ ଭଳି ପରିବାରରେ କନ୍ୟାଦାନ କରୁଥିବାରୁ ମୁଁ ଭାଗ୍ୟବାନ । ପ୍ରତ୍ୟେକ କନ୍ୟାର ଭାଗ୍ୟରେ ପିତା ଥାଆନ୍ତି, କିନ୍ତୁ ପ୍ରତ୍ୟେକ ପିତାଙ୍କ ଭାଗ୍ୟରେ କନ୍ୟା ନ ଥାନ୍ତି ।

## ।।।।।। ଭଲମନ୍ଦ ବାଣୀ ।।।।।।

ଶ୍ରୀମଦ୍ ଭଗବତ ଗୀତାରେ ଅତିବଡ଼ି ଜଗନ୍ନାଥ ଦାସ ପଦେ ଲେଖିଛନ୍ତି – ''ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି' । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିବା ଅନୁଯାୟୀ ଯଦି ଆମେ କର୍ମ କରି ଚାଲିବା ଫଳକୁ ଆଶା ରଖିବା ନାହିଁ । ତେବେ ପ୍ରଶ୍ନ ଆସୁଛି ଅଯଥା କାହିଁକି କିଏ କର୍ମ କରିବ ଯଦି ଫଳ କିଛି ମିଳିବ ନାହିଁ । ହରଣ କରି କରି ଭାଗ ଫଳ ଶୂନ ଯଦି ଶୂନ ପାଇବା କିଏ କାହିଁକି ସେ କାମରେ ଲାଗିବ। ଏକକୁ ଏକରେ ଗୁଣିଲେ ଯଦି ଏକ ହେବ କିଏ କାହିଁକି ପରିଶ୍ରମ କରି ଗୁଣିବ। ଶୂନରୁ ଯଦି ଶୂନ ଫେଡିଲେ ଶୂନ ତେବେ କିଏ କାହିଁକି ଫେଡିବ। ଅର୍ଥାତ୍ ଯେଉଁଠି କିଛି ମିଳିବାର ଆଶା ନାହିଁ ଲୋକ ସେଠାରେ କାହିଁକି ସମୟ ବିନିଯୋଗ କରିବ। ଲୋକ ଘର ଦ୍ୱାରା ଭୁଲି ପିଲା ସ୍ତ୍ରୀ କୁ ପରକରି ସମାଜ ସେବାରେ ମନ ଧ୍ୟାନ ନିବୃତ୍ତି କରି ସାରା ଜୀବନ ବିତେଇ ଦେଉଛନ୍ତି। କେବଳ ଫୁଲ ମାଳ ଆଉ ତାଳି ସେ ପାଉନାହାନ୍ତି ବରଂ ବେଳେ ବେଳେ ବହେ ଗାଳି ଚପଲମାଳ ବି ଖାଇଛନ୍ତି। ଆଜି ମଧ୍ୟ ଏମିତି କୌଣସି କାର୍ଯ୍ୟ ନାହିଁ ଯେ ଶହେରୁ ଶହେ ଜଣ ଲୋକ ସନ୍ତୁଷ୍ଟ ହେବେ । ପ୍ରତ୍ୟେକ କାମରେ ଅଶୀ ଭାଗ ଲୋକ ସନ୍ତୁଷ୍ଟ ହେବେ ଆଉ କୋଡ଼ିଏ ଭାଗ ଲୋକ ଅସନ୍ତୁଷ୍ଟ ହେବେ ହିଁ ହେବେ। ରାଜାମାନଙ୍କ ନ୍ୟାୟରେ ମଧ୍ୟ ଏମିତି କିଛି ଘଟଣା ଘଟିଛି । ଫଳରେ ନିଜ ଲୋକଙ୍କ ଦ୍ୱାରା ରାଜାଙ୍କର ମୃତ୍ୟୁ ଘଟିଛି। ବର୍ତ୍ତମାନ ମଧ୍ୟ କିଛି ଦେଶର ଶାସକ ନିଜ ଦଳର ଲୋକ ନିଜ ଦେଶର ସୈନ୍ୟମାନଙ୍କ ଦ୍ୱାରା ଗାଦିଚ୍ୟୁତ ହେବାର ପରିଲକ୍ଷିତ ହୋଇଛି। ଭଲ ମଣିଷଙ୍କ ସ୍ଥାନ ଆଜିର ସମାଜରେ ବହୁତ କମ୍ । ଗୁଣ୍ଡା, ଦୁର୍ନୀତିଖୋର, ଭ୍ରଷ୍ଟାଚାରୀ, ନୃଶଂସ ଅନୀତିରେ ଥିବା ଲୋକ ଆଜିର ସମାଜରେ ପୂଜ୍ୟ । ଏ ସମାଜ ସେହିମାନଙ୍କୁ ପ୍ରାୟ ସମ୍ମାନ ଦେଉଛି ଯେଉଁମାନେ ଦିନରେ ଲଣ୍ଠନ ଦେଖାଉଛନ୍ତି, ଅର୍ଥ ବଳ, ବାହୁ ବଳରେ ନିଜର ଆଧିପତ୍ୟ ବିସ୍ତାର କରିଛନ୍ତି।

## ବୃକ୍ଷ ହିଁ ଜୀବନ: ପରିବେଶ ସୁରକ୍ଷା ପାଇଁ ପରାମର୍ଶ

କେସିଙ୍ଗା,(ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବନାଞ୍ଚଳ ଅଧିକାରିଣୀ ସ୍ନିଗ୍ଧା ସରିତା ବଳିଆର ସିଂଙ୍କ ନେତୃତ୍ୱରେ ୭୬ତମ ବନ ମହୋତ୍ସବ ପାଳିତ ହୋଇ ଯାଇଛି । ତୃତୀୟ ଦିବସରେ ଚାଂଚେର ଓ ତୁଣ୍ଡଲା ସରକାରୀ ହାଇସ୍କୁଲରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କେସିଙ୍ଗା ବନାଞ୍ଚଳ ଅଧୀନସ୍ଥ କଣ୍ଡପଡ଼ା ସେକ୍ସନ ବନପାଳ ବିଶି କେଶନ କରୁଆଁଙ୍କ ସହଯୋଗରେ କସ୍ତୁପଡା ସେକ୍ସନ ଅନ୍ତର୍ଗତ ତୁଣ୍ଡଲା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଯାଇଛି ।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେସିଙ୍ଗା ରେଞ୍ଜ ଅଧିକାରିଣୀ ସ୍ନିଗ୍ଧା ସରିତା ବଳିଆର ସିଂ, ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ଶ୍ରାବଣୀ ବାନାର୍ଜୀ ସେକ୍ସନ ବନରକ୍ଷୀ ରାଜଲକ୍ଷ୍ମୀ ପଧାନ, ସୁଜାତା ବାଗ, ରୁକ୍ମଣୀ ମାଝୀ ତଥା ପି.ଏନ.ଜି.ଓ. କର୍ମଚାରୀଙ୍କ ସମେତ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ପଧାନ,ସହକାରୀ ଶିକ୍ଷକ, କର୍ମଚାରୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଏହି ବନ ମହୋତ୍ସବରେ ଅଂଶଗ୍ରହଣ କରିଥିଲେ ।

ଉକ୍ତ କାର୍ଯକ୍ରମରେ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ହୃଦବୋଧ କରାଇ ମା' ପାଇଁ ଗଛଟିଏ, ଶିଶୁ ପାଇଁ ଗଛଟିଏ ଲଗାଇବା ପାଇଁ ଛାତ୍ରୀଛାତ୍ରଙ୍କୁ ଦ୍ୱାରା ଶପଥ ପାଠ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ପାଇଁ ପ୍ରଧାନ ଶିକ୍ଷକ ତଥା ସମସ୍ତ କର୍ମଚାରୀ ବନ ବିଭାଗଙ୍କୁ ଧନ୍ୟବାଦ ଜଣାଇ ବିଦ୍ୟାଳୟ ପରିସରରେ ଓ ପ୍ରତ୍ୟେକ ଛାତ୍ରୀଛାତ୍ର ଗୋଟିଏ ବୃକ୍ଷ ରୋପଣ ପାଇଁ ସହଯୋଗ କାମନା କରିଥିଲେ ।

## ମହେଶ୍ୱର ବିଦ୍ୟାପୀଠରେ ବୃକ୍ଷରୋପଣ କଲେ ବିଚାରପତି

ତିଗିରିଆ,(ନିପ୍ର): ପୁରୁଣାତିଗିରିଆ ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ତିଗିରିଆ କୋର୍ଟର ଜେଏମଏଫସି ଅନିମେଶ ସାମଲଙ୍କ ସମେତ ବାର୍‌ର ସଦସ୍ୟମାନେ, ବରିଷ୍ଠ ବିଜେପି ନେତା ବିକ୍ରମ କେଶରୀ ଦାଶ,




ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ନାୟକ ଙ୍କ ସମେତ ଶିକ୍ଷକ -ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ, ବନ ବିଭାଗ ପକ୍ଷରୁ ପ୍ରମିଷ୍ଠା ସାମନ୍ତ, ତନ୍ମୟ ବେହେରା ଙ୍କ ସମେତ ଅନ୍ୟ କର୍ମଚାରୀ, ସୁଶୀଲ ସାହୁ, ବିଶ୍ୱ ରଞ୍ଜନ ଜେନା, ଦିଲ୍ଲୀପ ରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ । ଅଁଳା, ବାଦାମ, ବକୁଳ ପ୍ରଭୁତି ଔଷଧୀୟ ବୃକ୍ଷ ସମେତ ଅନ୍ୟାନ ବୃକ୍ଷ ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା । ସରକାରି ବେସରକାରୀ ଖାଲି ସ୍ଥାନରେ ବୃକ୍ଷ ରୋପଣ କରି ସବୁଜ ବନାନୀ ସୃଷ୍ଟି କରିବାକୁ ସଚେତନତା ସୃଷ୍ଟି କରାଯାଇଥିଲା ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ବଡପୋଖରିଆ ନିଗମାନନ୍ଦ ବିଦ୍ୟାନିକେତନ ପରିସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପାଟଶାହାଣୀଙ୍କ ପାଇଁ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଭାର ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପାଇକରାୟ । ସମ୍ମାନିତ ଅତିଥି ରୂପେ ବିଦ୍ୟାଳୟର ପୁରାତନ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ସାମନ୍ତରାୟ, ଖୋର୍ଦ୍ଧା ଜିଲ୍ଲାର ଜଣେ ସୁପ୍ରସିଦ୍ଧ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଜାନକୀ ବଲ୍ଲଭ ପଟ୍ଟନାୟକ, ପୂର୍ବତନ କ୍ରୀଡା ଶିକ୍ଷକ ଈଶ୍ୱର ଚନ୍ଦ୍ର ଜେନା, ଆଦି ଉପସ୍ଥିତ ଥିଲେ ।

## ବୃକ୍ଷରୋପଣର ମହତ୍ତ୍ୱ ଓ ଉପାଦେୟତା

ପିପିଲି,(ନିପ୍ର): ପିପିଲି ସହକାରୀ ଦୌରା ଜଜଙ୍କ କୋର୍ଟ ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ସହକାରୀ ଦୌରା ଜଜ ତଥା ପିପିଲି ତାଲୁକ ଲିଗାଲ ସର୍ଭିସ କମିଟିର ଅଧ୍ୟକ୍ଷ ବିଶେଷ କୁମାର ସାହୁ ଏବଂ ପିପିଲି ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସ୍ୱର୍ଣ୍ଣପ୍ରଭା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଏହି ସମୟରେ ପିପିଲି କୋର୍ଟ ଓକିଲ ସଂଘର ସଭାପତି, ସମ୍ପାଦକ, ଆଇନଜୀବୀମାନେ ଉପସ୍ଥିତ ଥିଲେ ।

**ଯାଜପୁର:** ନନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ପରିବେଶ ସମିତି ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ୭୬ ତମ ବନ ମହୋତ୍ସବ ସପ୍ତାହ ପାଳନ ଦଶରଥପୁର ବ୍ଲକର ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ତଥା ମୁଖ୍ୟ ଅତିଥି ଅର୍ଣ୍ଣଦା ପ୍ରସାଦ ରଣାଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି । ବର୍ଷା ଋତୁରେ ବୃକ୍ଷ ରୋପଣ କରି ତାହାର ଯତ୍ନ ନେଇ କିପରି ପରିବେଶ ସୁରକ୍ଷା କରାଯାଇପାରିବ ତାହା ସେ ବର୍ଣ୍ଣନା




କରିଥିଲେ । ରିଜିଓନାଲ ମହାବିଦ୍ୟାଳୟର ଅଧକ୍ଷ ଶାନ୍ତନୁ କୁମାର ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ବୃକ୍ଷ ରୋପଣର ମହତ୍ତ୍ୱ ଓ ଏହାର ଉପାଦେୟତା ସମ୍ବନ୍ଧରେ ଅଲୋଚନା କରିଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ପରିଡା ସମ୍ମାନୀୟ ଅତିଥି ରୂପେ ଯୋଗ ଦେଇ ଥିଲେ ।

## ମରାମତିକୁ ମାସେ ପୂରିନି, ବାଘିଲୋ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଗାଡ଼



ଡେରାବିଶ,(ନିପ୍ର): ଗ୍ରାମାଞ୍ଚଳ ରାସ୍ତାଘାଟର ଉନ୍ନତିକରଣ ପାଇଁ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର କେତେକ ସ୍ଥାନରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ତାହା ବାସ୍ତବ ରୂପରେଖ ନେଇ ପାରୁନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅଞ୍ଚଳରେ ଯାହା ଏବେ ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି । ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡା ପଞ୍ଚାୟତ ବାଘିଲୋବାବନପୁର ଠାରୁ ବାଲିଆ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଏକାଧିକ ଗାଡ଼ ସୃଷ୍ଟି ହେବା ଯୋଗୁ ପଥଚାରୀ ହୀନସ୍ତା ଭୋଗୁଛନ୍ତି । ଆଶ୍ଚର୍ଯ୍ୟର କଥା ଏହି ରାସ୍ତାରେ ପ୍ରାୟ ଏକ ମାସ ପୂର୍ବେ ଜୈନିକ ଠିକାଦାରଙ୍କ ଦ୍ୱାରା ମରାମତି କରାଯାଇଥିଲା । ମାତ୍ର ଏକ ମାସ ନ ପୁରୁଣୁ ଏହି ରାସ୍ତାଟି ପୁନର୍ବାର ପୂର୍ବ ଅବସ୍ଥାକୁ ଫେରିଯିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏହି ରାସ୍ତାର ପରବାରୀ ଗ୍ରାମ ନିକଟସ୍ଥ ରାସ୍ତାର ମଧ୍ୟ ଭାଗରେ ଏକ ବିରାଟ ଗାଡ଼ ସୃଷ୍ଟି ହେବାରୁ ସୋମବାର ଜଣେ ବାଇକ୍ ଆରୋହୀ ଦୁର୍ଘଟଣାରେ ସମ୍ମୁଖୀନ ହୋଇ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ତେବେ ଗମନାଗମନକୁ ଦୃଷ୍ଟିରେ ରଖି ଗ୍ରାମବାସୀ ଏହି ଗାଡ଼ରେ ମାଟି ଭର୍ତ୍ତି କରିଥିବା ଦେଖିବାକୁ ମିଳିଛି । ସେହିପରି ଏହି ରାସ୍ତା ଉପରେ ଠିକାଦାର ପିଚୁ କରିଥିବା ବେଳେ ଅର୍ଦ୍ଧାଧିକ ସ୍ଥାନରେ ପିଚୁ ଉଠିଯାଇ ଇତସ୍ତତଃ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଛି । ଏହି ରାସ୍ତାଟି ୫୩ ନଂ ଜାତୀୟ ରାଜପଥର ଓଲଡି ଛକକୁ ସଂଯୋଗ ହୋଇଥିବା ବେଳେ ଏହା ବ୍ୟସ୍ତ ବହୁଳ ରାସ୍ତା ଭାବେ ପରିଚିତ । ଚାଟରାଚକଡା,କାଉପଡା, ଖମୋଳ,ଗୋଳରାହାଟ ଓ ପଲେଇ ପଞ୍ଚାୟତର ଜନସାଧାରଣ ଏହି ରାସ୍ତା ଉପରେ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭର କରିଥାନ୍ତି । ମାତ୍ର ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଯାତାୟାତ ପାଇଁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାସ୍ତାକୁ ଖୁବଶୀଘ୍ର ଯାତାୟାତ ଉପଯୋଗୀ କରିବା ପାଇଁ ବାଘିଲୋବାବନପୁରର ଶିକ୍ଷାବିତ କରୁଣାକର ସ୍ୱାଇଁ ଦାବି କରିଛନ୍ତି ।

## ଶ୍ରୀଜିଉଙ୍କ ବାହୁଡା ପୂର୍ବରୁ ପ୍ରସାଦସେବନ

ରାଉରକେଲା,(ନିପ୍ର): ରାତି ପାହିଲେ ଶ୍ରୀଜିଉଙ୍କ ବାହୁଡାଯାତ୍ରା । ଶ୍ରୀଗୁଣ୍ଡିଚା ମନ୍ଦିରର ଆଡପ ମଣ୍ଡପରେ ଶ୍ରୀଜିଉଙ୍କ ଚତୁର୍ଦ୍ଧାମୂର୍ତ୍ତି । ହଜାର ହଜାର ସଂଖ୍ୟାରେ ଭକ୍ତ ଶ୍ରୀଜିଉଙ୍କ ଦର୍ଶନ କରି ଆଶିଷ ଭିକ୍ଷା କରିବା ସହିତ ଆଡପ ଅବଢ଼ା ସେବନ କରିବା ସହିତ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଶୁଣି କୃତାର୍ଥ ଲାଭ କରୁଛନ୍ତି । ସେହିପରି ରାଉରକେଲା ସହରର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଆଡପ ମଣ୍ଡପରେ ଶ୍ରୀଜୀଉଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରି ଭକ୍ତମାନେ କୃତାର୍ଥ ମନେକରିବା ସହିତ ପ୍ରସାଦ



ସେବନ କରୁଛନ୍ତି । ଗତକାଲି ସନ୍ଧ୍ୟାରେ ଶ୍ରୀଗୁଣ୍ଡିଚା ମନ୍ଦିର (ମାଉସୀମାଆ ମନ୍ଦିର) ଆଡପ ମଣ୍ଡପରେ ଶ୍ରୀଜୀଉଙ୍କ ପର୍ଶୁରାମ ବେଶ ଅନୁଷ୍ଠିତ ହୋଇଥିଲା । ରାଉରକେଲା ପାୱାର ହାଉସ୍ ରୋଡ ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ପରିସରରେ ଥିବା ମାଉସୀମାଆ ଆଡପ ମଣ୍ଡପରେ ପ୍ଲାଣ୍ଟସାଇଟ୍ ଶ୍ରୀଜିଉଙ୍କ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଭକ୍ତମାନେ ଦର୍ଶନ କରିବା ସହିତ ପ୍ରସାଦ ସେବନ କରି ତୃପ୍ତିଲାଭ କରିବା ସହିତ ସନ୍ଧ୍ୟାରେ ଭଜନ ସନ୍ଧ୍ୟାର ଭଜନ କୀର୍ତ୍ତନ ଶୁଣି ଆନନ୍ଦିତ ହେଉଛନ୍ତି । ମଧାହ୍ନରେ ମଧୁ ନନାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ପରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ । ପ୍ଲାଣ୍ଟସାଇଟ୍ ଶ୍ରୀଜଗନ୍ନାଥ ମନ୍ଦିର କମିଟିର ସତ୍ୟାନନ୍ଦ ମହାନ୍ତି, ସଂଗ୍ରାମ କିଶୋର ମହାନ୍ତି, ଗଗନ ପଣ୍ଡା, ପ୍ରଭାତ ଲେଙ୍କା, ଅରୁଣ ଦାଶ, ବଳୀ ଚୌଧୁରୀ ପ୍ରମୁଖ ସଭ୍ୟ ଶାନ୍ତି ଶୃଙ୍ଖଳାର ସହ ପ୍ରସାଦ ସେବନ କାର୍ଯ୍ୟକ୍ରମର ଯୋଗ ଦେଇ ଭକ୍ତଙ୍କୁ ପ୍ରସାଦ ସେବନ କରାଇଥିଲେ ଏବଂ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସେହିପରି ପ୍ଲାଣ୍ଟସାଇଟ୍ ମାଉସୀମାଆ ମନ୍ଦିର ପରିସରରେ ଗତକାଲି ସନ୍ଧ୍ୟାରେ ଶ୍ରୀଜିଉଙ୍କ ପର୍ଶୁରାମ ବେଶ ଅନୁଷ୍ଠିତ ହୋଇଥିବା ବେଳେ ଯଜମାନ ସୁନାକର ନାୟକଙ୍କ ସହ ସପତ୍ନୀ ମଞ୍ଜୁସା ନାୟକ ଏବଂ ସୁବ୍ରତ ନାୟକ ସହ ସପତ୍ନୀ କଳ୍ପନା ନାୟକ ଆଡପ ମଣ୍ଡପରେ ଶ୍ରୀଜୀଉଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ । ମଧାହ୍ନ ୧୨ଟା ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ହଜାର ହଜାର ଭକ୍ତ ପ୍ରସାଦ ସେବନ କରିଥିଲେ । କାର୍ଯ୍ୟକ୍ରମରେ କମଳା ବାରିକ୍, ବୁଲୁ ଦାଶ, କରୁଣାକର ବେହେରା ପ୍ରମୁଖ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସହାୟତା କରିଥିଲେ ।

## ଭାପୁର କୋର୍ଟ ପକ୍ଷରୁ ବନମହୋତ୍ସବ

ଭାପୁର,(ନିପ୍ର): 'ଗୋଟିଏ ବୃକ୍ଷ, ଗୋଟିଏ ଜୀବନ' କୁ ଆଧାର କରି ଜୁଲାଇ ମାସ ୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ୭୬ ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଭାପୁର ବିଚାର ବିଭାଗୀୟ କୋର୍ଟ ତରଫରୁ ପିଠାଖାଇ ଗ୍ରାମରେ ଅବସ୍ଥିତ ମାଣିକିଆ ୟୁ.ଜି.ଏମ.ଇ. ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ, ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ,ଜଳବାୟୁ ପରିବର୍ତ୍ତନ ବିଭାଗ ଭାପୁର କାର୍ଯ୍ୟାଳୟର ଫରେଷ୍ଟର ବନମାଳୀ ରାଉତଙ୍କ ତରଫରୁ ଆୟୋଜିତ ହୋଇଥିଲା । ବିଦ୍ୟାଳୟ ପରିସରରେ ବାହାଡା, ଅଁଳା,ରାଧାଚୁଡ଼ା, କଦମ୍ବ,ବଉଳ କୋଳି ଏବଂ




ଆମ୍ବ ଜାତୀୟ ୪୦ ରୁ ଉର୍ଦ୍ଧ୍ୱ ଗଛରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ, ବିଚାର ବିଭାଗୀୟ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଦୀପ୍ତିମୟୀ ସାହୁ ଙ୍କ ସହିତ ସରକାରୀ ସହକାରୀ ଆଇନଜୀବୀ ଅନୁରଞ୍ଜନ ବେହେରା, ଆଇନଜୀବୀ କେଦାର ନାଥ ସାହୁ, କ୍ଲର୍କ ରୁଦ୍ର ନାରାୟଣ ବେହେରା, ଫତେଗଡ ଥାନା ଆଇ.ଆଇ.ସି. ପଞ୍ଚାନନ ପରିଡ଼ା ଯୋଗଦେଇ ବୃକ୍ଷରୋପଣ କରିବା ସହିତ ଉପାଦେୟତା ଉପରେ ମତପ୍ରକାଶ କରିଥିଲେ ।

## ଆଞ୍ଚଳିକ ସାମ୍ବାଦିକ ସଂଘର ୪୧ ତମ ପ୍ରତିଷ୍ଠା ଦିବସ

ଖଣ୍ଡପଡ଼ା,(ନି.ପ୍ର) ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ୪୧ ତମ ପ୍ରତିଷ୍ଠା ଦିବସ ସଂଘ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି ।ସଂଘ ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶୃତ ତ୍ରିପାଠୀ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା




କରିଥିଲେ ।କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ସଂଘର ସଦସ୍ୟମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ଉନ୍ନତିକରଣ ନିମନ୍ତେ ବିଧାୟକ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବେ ବୋଲି ଏ ଅବସରରେ ପ୍ରତିଶ୍ରୁତି ଦେଇଥିଲେ ।ସଂଘର ସମସ୍ତ ସଦସ୍ୟ ବିଧାୟକଙ୍କ ପ୍ରସ୍ତାବକୁ ସ୍ୱାଗତ କରିଥିଲେ ।ସଂଘ ପକ୍ଷରୁ ଭବାନୀଶଙ୍କର ମହାନ୍ତି ଓ ରଞ୍ଜନ ମହାପାତ୍ର ସମସ୍ତ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସାମ୍ବାଦିକମାନେ ସର୍ବଦା ସଠିକ, ତଥ୍ୟଭିତ୍ତିକ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ ପ୍ରତି ଗୁରୁତ୍ୱ ଦେଲେ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ସାମ୍ବାଦିକତାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଆଞ୍ଚଳିକ ସାମ୍ବାଦିକ ସଂଘର ସମ୍ପାଦକ ଭବାନୀଶଙ୍କର ସିଂହସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

### ଦ୍ରୁତ ଗତି ମହାବିପତ୍ତି

## ରାସ୍ତା କଡ଼କୁ ଓଲଟିଲା ଟ୍ରକ୍

କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲା ସାରା ବର୍ଷା ଲାଗି ରହିଛି ରାସ୍ତାଘାଟରେ ତେଣୁ ଚଳପ୍ରଚଳ ଲାଗି ବିପଦ ଦେଖାଦେଇଛି । ବିଶେଷ କରି ସତର୍କ ନ ହୋଇ ଗାଡ଼ି ଚାଳନା କଲେ ବିପଦ ଦେଖାଦେଉଛି । ଏହି ପରି ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ପାଟଣା ଥାନା ଅନ୍ତର୍ଗତ ମରିଗିଖୋଜା କଟାବେଡ଼ା ଗ୍ରାମ ନିକଟରେ ରାସ୍ତା ଉପରେ ଥିବା ଏକ ଛୋଟ ପୋଲ ଉପରେ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଛି । ସୂଚନା ମିଳିଛି ଏହି ଟ୍ରକଟି ଦ୍ରୁତ ଗତିରେ ଠାକୁରମୁଣ୍ଡା ଆଡୁ ପାଟଣା ଆସୁଥିବା ବେଳେ ମୁଖ୍ୟ ରାସ୍ତାର ଏହି ଅଣଓସାରିଆ ପୋଲ ଉପରେ ଏକ ବାଇକକୁ ସାଇଡ୍ ଦେଉ ଦେଉ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ପରେ ଡ୍ରାଇଭର ଫେରାର ହୋଇଯାଇଛି ।

## ସଚେତନ ନାଗରିକ ମଞ୍ଚର ଆନ୍ଦୋଳନ

### ମିଳୁନି ପ୍ରତିଶ୍ରୁତି, ଜାରି ରହିଛି ଧାରଣା

କେସିଙ୍ଗା,(ନିପ୍ର): କେସିଙ୍ଗା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅଞ୍ଚଳର ବିକାଶ ପାଇଁ ୧୦ ଦଫା ଦାବି ନେଇ ଗତ ୧୮ ତାରିଖରୁ ଆରମ୍ଭ ହୋଇଥିବା ଧାରଣା ଇତିମଧ୍ୟରେ ୧୬ ତମ ଦିନରେ ପହଞ୍ଚିଥିଲେ ମଧ୍ୟ ସରକାର କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି ମିଳିପାରି ନାହିଁ । ସରକାରଙ୍କ ବୈମାତୃକ ମନୋଭାବ କେସିଙ୍ଗା ପ୍ରତି ଜଳ ଜଳ କରି ଦେଖାଯାଉ ଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି । ଆନ୍ଦୋଳନକୁ ଦିନକୁ ଦିନ ବିଭିନ୍ନ ସଂଗଠନର ସମର୍ଥନ ମିଳୁଛି । ୧୪ ତମ ଦିନରେ ଧାରଣାରେ ବସିଥିଲେ କେସିଙ୍ଗା ବ୍ଲକ ର ସରପଞ୍ଚ ସମୂହ ଏବଂ ୧୬ ତମ ଦିନରେ କେସିଙ୍ଗା ଓକିଲ ସଂଘର




ସଭାପତି ଚିତ୍ତରଞ୍ଜନ ଭୋଇ ଓ ସଂପାଦକ ଯୁଗଳ କିଶୋର ଦୀପଙ୍କ ନେତୃତ୍ୱରେ କେସିଙ୍ଗା ଓକିଲ ସଂଘର ଅନ୍ୟ କର୍ମକର୍ତ୍ତା ମାନେ ଆନ୍ଦୋଳନ ସ୍ଥଳକୁ ପହଞ୍ଚି ଆନ୍ଦୋଳନକୁ ସମର୍ଥନ କରି କେସିଙ୍ଗା ବିକାଶରେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଥିଲେ ।ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଆଇନଜୀବୀ ସନ୍ତୋଷ ଦାସ, ସୁନ୍ଦର ବାବୁ ପାତ୍ର, ଶମ୍ଭୁ ପ୍ରସାଦ ପଣ୍ଡା,ଦେବେନ୍ଦ୍ର ଭୁଜବଳ, କାମପାଳ ସାହା, ହରି ତାଣ୍ଡି,ସଞ୍ଜୀବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋବିନ୍ଦପୁର ଉ.ପ୍ରା. ବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ-୨୦୨୫

କେନ୍ଦୁଝର,(ନିପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉ.ପ୍ରା. ବିଦ୍ୟାଳୟ, ଗୋବିନ୍ଦପୁର ଠାରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ - ୨୦୨୫ ଜୁନ୍ ୨୬ରୁ ଜୁଲାଇ ୨ ମଧ୍ୟରେ ପାଳନ ହୋଇ ଯାଇଛି । ସର୍ବୋଚ୍ଚଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ ଶକ୍ତି ବିଭାଗ, ଓଡିଶା ସରକାରଙ୍କ ସହଯୋଗ, ପରିବେଶ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱରଙ୍କ ଆନୁକୂଲ୍ୟ ଓ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ବିଦ୍ୟୁତ ନିରୀକ୍ଷକ, କେନ୍ଦୁଝରଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ମାନ ପରିଚାଳିତ ହୋଇଥିଲା ।ଗତ ଜୁନ ୨୬ ତାରିଖରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଦ୍ୟୁତ୍ ସଚେତନତା ନିମନ୍ତେ ଆଲୋଚନା ଚକ୍ର ଓ ଶପଥ ପାଠ ହୋଇଥିବା ବେଳେ ଜୁଲାଇ ୧ ତାରିଖ ଏକ ବିଶାଳ ରାଲି ଗ୍ରାମ ପରିଭ୍ରମଣ କରିଥିଲା । ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ,ଅଭିଭାବକ, ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ । ଜୁଲାଇ ୨ ତାରିଖ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ,ମୁଁ ବି ପାରିବି ତଥା ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବ୍ଲକସ୍ତରୀୟ ତର୍କ ପ୍ରତିଯୋଗିତା 'ବିଜୁଳିର ସଠିକ ବ୍ୟବହାର, ଆମ ଜୀବନର ଆଧାର'ରେ ସରସ୍ୱତୀ ବିଦ୍ୟା ମନ୍ଦିର କେନ୍ଦୁଝରର ଛାତ୍ରୀ ଅନନ୍ୟା ଲେଙ୍କା ପ୍ରଥମ, ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରର ଛାତ୍ର ପ୍ରମୋଦ କୁମାର ନାଏକ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କେନ୍ଦୁଝରର ଛାତ୍ରୀ ଜ୍ୟୋତି କର୍ମକାର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଜୁଲାଇ ୨ ତାରିଖ ଦିନ ବିଦ୍ୟାଳୟ ପ୍ରାଙ୍ଗଣରେ ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁଙ୍କ ଅଧକ୍ଷତାରେ 'ସ୍ମାର୍ଟ ଏନର୍ଜି, ସୁରକ୍ଷିତ ରାଷ୍ଟ୍ର ' ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଅଭିଭାବକ, ଅଭିଭାବିକା, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଂ ପଦ୍ମଜା ଗିରି, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ତଥା ବିଦ୍ୟୁତ ନିରୀକ୍ଷକ, କେନ୍ଦୁଝର ଯୋଗ ଦେଇ ବିଦ୍ୟୁତ ସୁରକ୍ଷା, ସଞ୍ଚୟ, ସଦୁପଯୋଗ ଓ ବିଦ୍ୟୁତ ଶକ୍ତିର ବ୍ୟବହାରରେ ସାବଧାନତା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ ।ମୁଖ୍ୟବକ୍ତା ଭାବରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ ବିନାୟକ ବେହେରା ଏବଂ ସମ୍ମାନିତ ଅତିଥି ରୂପେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ ଦୀପ୍ତିମାନ ଆଚାର୍ଯ୍ୟ ଯୋଗଦେଇ ସ୍ମାର୍ଟ ବୋର୍ଡ ବ୍ୟବହାର କରି ବିଦ୍ୟୁତ ଆଘାତ ଜନିତ ଦୁର୍ଘଟଣା, ବିଦ୍ୟୁତର ସଦ୍ ବ୍ୟବହାର ତଥା ସୁରକ୍ଷା ସମ୍ପର୍କରେ ବ୍ୟାଖ୍ୟା କରି ଭିଡ଼ିଓ ମାଧ୍ୟମରେ ସମସ୍ତଙ୍କୁ ସଚେତନ କରାଇଥିଲେ । ଏହା ବ୍ୟତୀତ ବିଜୁଳି ଓ ଘଡଘଡି ମାରିବା ସମୟରେ କିପରି ସାବଧାନତା ଅବଲମ୍ବନ କରିହେବ ସେ ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ଏଥିରେ ଅନ୍ୟତମ ଅତିଥି ରୂପେ ସମାଜସେବୀ ରୁକ୍ମିଣୀ ସାହୁ ଶିକ୍ଷାବିତ ସୁରେଶ ଚନ୍ଦ୍ର ବଳ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରନ୍ଦର ମହାନ୍ତ ଯୋଗ ଦେଇଥିଲେ ।

## ଆମ୍ବୁଲାନ୍ସ ଅଚଳ ଯୋଗୁଁ ୨୦ ବର୍ଷୀୟ ଯୁବକର ଜୀବନ ଗଲା

ବ୍ରହ୍ମପୁର,(ନିପ୍ର): ମଧ୍ୟରାତ୍ରରେ ଦୀର୍ଘ ସମୟ ଧରି ଘାଟିରେ ଫସି ରହିଲା ଆମ୍ବୁଲାନ୍ସ , ଚାଲିଗଲା ୨୦ ବର୍ଷୀୟ ଯୁବକଙ୍କ ଜୀବନ ଗଞ୍ଜାମ ଜିଲ୍ଲାରେ ରୋଗୀ ସେବା କ୍ଷେତ୍ରରେ ନିୟୋଜିତ ରହିଥିବା ରାଜ୍ୟ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ସେବାର ବିକଳ ଚିତ୍ର ଦେଖିବାକୁ ମିଳିଛି । ବାଲୁଗାଁ ସରକାରୀ ମେଡିକାଲରୁ ଅଧିକ ଚିକିତ୍ସା କରାଇବା ପାଇଁ ବ୍ରହ୍ମପୁର ଏମ୍.କେ.ସି.ଜି ମେଡିକାଲକୁ ଏକ ୨୦ ବର୍ଷୀୟ ଯୁବକଙ୍କୁ ଅଣାଯାଉଥିବା ବେଳେ ଖଲ୍ଲିକୋଟ ଘାଟିରେ ମଧ୍ୟରାତ୍ରରେ ଗାଡ଼ି ହଠାତ୍ ଖରାପ ହୋଇଯିବା ଯୋଗୁଁ ପ୍ରାୟ ୩ଘଣ୍ଟା ଧରି ଫସି ରହିଥିଲେ ରୋଗୀ ପରିବାର ବର୍ଗ । ଶେଷରେ ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ମଧ୍ୟରେ ରହିବା ପରେ ଅନ୍ୟ ଏକ ଆମ୍ବୁଲାନ୍ସ ଆସି ଅସୁସ୍ଥ ଯୁବକଙ୍କୁ ବ୍ରହ୍ମପୁର ଏମ୍.କେ.ସି.ଜି ମେଡିକାଲରେ ପହଞ୍ଚାଇଥିଲା । ମାତ୍ର ମେଡିକାଲରେ ପହଞ୍ଚିବା ପୂର୍ବରୁ ଅସୁସ୍ଥ ଯୁବକଙ୍କ ମୃତ୍ୟୁ ହୋଇସାରିଥିବା ଡାକ୍ତର ପରିବାର ଲୋକଙ୍କୁ ଜଣାଇଥିଲେ । ରୋଗୀ ସେବା ପାଇଁ ନିୟୋଜିତ ଆମ୍ବୁଲାନ୍ସର ଅଚଳ ନେଇ ମୃତକଙ୍କ ପରିବାର ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ରାଜ୍ୟରେ ଖୁବଶୀଘ୍ର ଆରମ୍ଭ ହେବ ଏଆଇ ଚିକିତ୍ସା

ରାୟଗଡ଼ା,(ନିପ୍ର): ରାଜ୍ୟରେ ପ୍ରଥମଥର ପାଇଁ ଉପଲବ୍ଧ ହେବାକୁ ଯାଉଛି ଏଆଇ ଚିକିତ୍ସା । ଏହି କୃତ୍ରିମ ବୁଦ୍ଧିମତା ଅବଲମ୍ବନରେ ପ୍ରସୂତି ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ନେଇ ସରକାର ଘୋଷଣା କରିଥିବା ବେଳେ ଏହି ସେବା ରାୟଗଡା ଭଳି ଦୁର୍ଗମ ଅଞ୍ଚଳରୁ ପ୍ରଥମେ ଆରମ୍ଭ ହେବ । ଏହି ପ୍ରଣାଳୀ ଦ୍ୱାରା ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ପ୍ରସୂତି ମା ମାନେ ବହୁମାତ୍ରାରେ ସାହାଯସାଧ ଚିକିତ୍ସା ସୁବିଧା ପାଇପାରିବେ । ଏହାଦ୍ୱାରା ସେମାନେ ସେମାନେ ଲାଭବାନ ହୋଇପାରିବେ । ଗର୍ଭଧାରଣ ଠାରୁ ଆରମ୍ଭ କରି ପ୍ରସବ ପର୍ଯ୍ୟନ୍ତ ସବୁ ପ୍ରକ୍ରିୟା ଅନୁଧ୍ୟାନ ଲାଗି ଆଇଟି ଜ୍ଞାନକୌଶଳ ଆଧାରିତ କୀଟର ବ୍ୟବହାର କରାଯିବ । ଫଳରେ ପ୍ରସୂତିର ମୃତ୍ୟୁ ଓ ଶିଶୁ ମୃତ୍ୟୁ ହାରକୁ ବହୁଳ ମାତ୍ରାରେ ରୋକଯାଇ ପାରିବ ବୋଲି ଜଣାପଡିଛି । ରାୟଗଡା ଭଳି ଏକ ଅନଗ୍ରସର ଜିଲ୍ଲାରେ ଗତ କିଛିବର୍ଷ ଧରି ଶିଶୁ ଓ ମାତୃ ମୃତ୍ୟୁ ହାର ଜାତୀୟ ପରିସଂଖ୍ୟାନ ଠାରୁ ଅଧିକ ରହୁଥିବା ବିଶେଷଜ୍ଞଙ୍କ ଠାରୁ ପ୍ରକାଶ । ଏହା ରାଜ୍ୟଠାରୁ ଆରମ୍ଭକରି ଜାତୀୟସ୍ତରରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଚିନ୍ତାର କାରଣ ପାଲଟିଛି । ଶିଶୁ ଓ ମାତୃମୃତ୍ୟୁ ହାର କମାଇବା ପାଇଁ ତୃଣମୂଳ ସ୍ତରରେ ଥିବା ସ୍ୱାସ୍ଥ୍ୟ ବିଭାଗର କର୍ମୀଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନେ ମଧ୍ୟ ତତ୍ପରତା ପ୍ରକାଶ କରିଛନ୍ତି । ଏଥିରେ ଡିଜିଟାଲ ଡାଇଗ୍ନୋସିସ ଡିଭାଇସ ଫର ପ୍ରେଗନାନ୍ସି ମନିଟରିଙ୍ଗ ନାମକ ଏକ ଅତ୍ୟାଧୁନିକ କିଟ୍ ବ୍ୟବହାର କରାଯାଇ ଏହାର ସଫଳ ପରୀକ୍ଷଣ କରାଯାଇଛି । ଏହି ଡିଭାଇସ ପାଇଁ କମ୍ପାନୀର ଅନୁମୋଦନ ହାସଲ କରାଯାଇଛି । ଭ୍ରୂଣସ୍ଥିତି ଠାରୁ ଆରମ୍ଭ କରି ପ୍ରସବ ପର୍ଯ୍ୟନ୍ତ ଗର୍ଭସ୍ଥ ଶିଶୁର ଶାରୀରିକ ଓ ମାନସିକ ବିକାଶକୁ କିଟ ସାହାଯ୍ୟରେ ଅନୁଧ୍ୟାନ କରାଯିବ । ଗର୍ଭସ୍ଥ ଶିଶୁର ଯଦି କିଛି ସ୍ୱାସ୍ଥ୍ୟଗତ ସମସ୍ୟା ରହିଥାଏ ତେବେ ଏହା ତୁରନ୍ତ ଜଣାପଡିବା ସହ ସମୟ ଥାଉ ଥାଉ ଏହାର ଚିକିତ୍ସା କରାଯାଇପାରିବ । ସମସ୍ତ ଆଶାକର୍ମୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯାଇ ଏହି ଏଆଇ ବ୍ୟବହାର ବିଷୟରେ ତାଲିମ ଦିଆଯିବ ବୋଲି ରାୟଗଡା ମୁଖ୍ୟ ଚିକିତ୍ସାଧିକାରୀ ପ୍ରସୂତି ବିଭାଗ ମୁଖ୍ୟ ଡାକ୍ତର ପ୍ରଫୁଲ ଚନ୍ଦ୍ର ପାଢ଼ୀ ପ୍ରକାଶ କରିଛନ୍ତି ।

## ତ୍ରୁଟିପୂର୍ଣ୍ଣ ମାଟ୍ରିକ ସାର୍ଟିଫିକେଟ ଯୋଗୁଁ ଉଚ୍ଚଶିକ୍ଷାରୁ ବଞ୍ଚିତ ଛାତ୍ରୀ

### ଦୁଇ ବର୍ଷ ବିତିଲା ପଛକେ ସଠିକ୍ ମିଳିଲାନି !

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ ବଳରାମ ହାଇସ୍କୁଲର ଛାତ୍ରୀ ହେମଲତା କିସାନ ମାଟ୍ରିକ ପାସ କରିବା ପରେ ୨ ବର୍ଷ ହେବ ଉଚ୍ଚ ଶିକ୍ଷା ନିମନ୍ତେ କୌଣସି କଲେଜରେ ନାମ ଲେଖାଇ ପାରିନାହାନ୍ତି । ଝିଅଙ୍କ ଭବିଷ୍ୟତ ନଷ୍ଟ ହୋଇଥିବା ନେଇ ବାପା ଦଶରଥ କିସାନ ରାଜ୍ୟପାଳ, ଶିକ୍ଷା ବିଭାଗ ସହ ଅନୁସୂଚିତ ଜାତି ଓ ଜନଜାତି କମିଶନର,ମାନବାଧିକାର କମିଶନ ଏବଂ ସମ୍ବଲପୁର ଜିଲ୍ଲାପାଳଙ୍କୁ ଗୁହାରୀ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଫଳରେ ଝିଅ ହେମଲତା ଏବେ ମାନସିକ ଭାରସାମ୍ୟ ହରାଇ ବସିଥିବା ସେ ଅଭିଯୋଗ କରିଛନ୍ତି । ହେମଲତା ୨୦୨୩ ମସିହାରେ କୁସୁମୀ ବଳରାମ ହାଇସ୍କୁଲରୁ ମାଟ୍ରିକ ପରୀକ୍ଷା ଦେଇ ୪୫୭ ନମ୍ବର ରଖି ବି-୧ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ସାର୍ଟିଫିକେଟ ଆସିବା ପରେ ବାପାଙ୍କ ଆଧାର କାର୍ଡରେ ଥିବା ନାମର ଇଂରାଜୀ ବନାନ ଓ ସାର୍ଟିଫିକେଟରେ ଥିବା ନାମ ମେଳ ଖାଇ ନଥିଲା । ନାମରେ ବିସଙ୍ଗତି ଥିବାରୁ କୌଣସି କଲେଜରେ ନାମ ଲେଖେଇ ପାରିନଥିଲେ । ହେମଲତାଙ୍କ ବାପା ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ଲିଲି ପୁନମ ସୋରେଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ପ୍ରଧାନ ଶିକ୍ଷୟିତ୍ରୀ ମାଧ୍ୟମିକ ଶିକ୍ଷା ପରିଷଦକୁ ସାର୍ଟିଫିକେଟ ସଂଶୋଧନ ପାଇଁ ପଠାଇଥିଲେ । ଏହାର କିଛିଦିନ ପରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଦିଆଯାଇଥିବା ସାର୍ଟିଫିକେଟରେ ପୁଣି ତ୍ରୁଟି ଦେଖିବାକୁ ମିଳିଥିଲା । ହେମଲତାଙ୍କ ମାଟ୍ରିକ ପରୀକ୍ଷା ଫର୍ମ ଫିଲଅପ ସମୟରେ ବାପା ଦଶରଥ କିସାନଙ୍କ ଆଧାରକାର୍ଡ ଦିଆଯାଇଥିଲା ।

ସେହି ନୁଯାୟୀ ପରୀକ୍ଷା ପାଇଁ ଆଡମିଟ କାର୍ଡ଼ ମଧ ଆସିଥିଲା । ସେଥିରେ ବାପାଙ୍କ ନାମ ଠିକ ଥିବାବେଳେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୨ ଥର ତ୍ରୁଟିପୂର୍ଣ୍ଣ ସାର୍ଟିଫିକେଟ ଦିଆଯାଇଥିଲା । ଏନେଇ ଦଶରଥ ବିଭିନ୍ନ ଫୋରମରେ ଅଭିଯୋଗ କରିବା ପରେ ସ୍କୁଲ କର୍ତ୍ତୃପକ୍ଷ ପୁଣି ଏକ ସଂଶୋଧିତ ସାର୍ଟିଫିକେଟ ଗ୍ରହଣ କରିବାକୁ ହେମଲତାଙ୍କୁ କହୁଥିବା ବେଳେ ଏଥିରେ ମଧ୍ୟ ତ୍ରୁଟି ଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜାଣିବା ପରେ ଏହାକୁ ଗ୍ରହଣ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ହେଲେ ଆଡମିଶନ ରେଜିଷ୍ଟାରରେ ବାପାଙ୍କ ନାମ (ଇଂରାଜୀ ବନାନ) ଆଧାରକାର୍ଡ ଆଧାର ଅନୁସାରେ ଠିକ ଥିବାବେଳେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରଦତ୍ତ ଦୁଇ ଥରର ମାଟ୍ରିକ ସାର୍ଟିଫିକେଟର ତ୍ରୁଟିକୁ ସୁଧାରିବା ପାଇଁ ଆଡମିଶନ ରେଜିଷ୍ଟାରରେ ଦଶରଥଙ୍କ ଇଂରାଜୀ ବନାନକୁ ହ୍ୱାଇଟନରରେ ଲିଭାଇ ସଂଶୋଧନ କରିଥିବା ସେ ଅଭିଯୋଗ କରିଛନ୍ତି । ଦଶରଥଙ୍କ ଅଭିଯୋଗକୁ ପ୍ରଧାନ ଶିକ୍ଷୟିତ୍ରୀ ସୋରେଙ୍ଗ ଭିତ୍ତିହୀନ ବୋଲି କହିବା ସହିତ ହେମଲତା ସାନି ନିର୍ଭୁଲ ସାର୍ଟିଫିକେଟ ଗ୍ରହଣ କରୁନଥିବା କହିଛନ୍ତି ।

ଏନେଇ କୁଚିଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାରେ ଦଶରଥଙ୍କ ଅଭିଯୋଗରେ ସତ୍ୟତା ରହିଥିବା କହିଛନ୍ତି । ଆଡମିଶନ ରେଜିଷ୍ଟାରରେ ଦଶରଥଙ୍କ ନାମକୁ ହ୍ୱାଇଟନରରେ ସଂଶୋଧନ କରାଯାଇଥିବା କହିଥିଲେ । ଏଣୁ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ଦେଇ ସାରିଥିବା କହିଛନ୍ତି ।

ତିଥି : (ଦଶମୀ) : (ସ୍ୱାତୀ ତୁଳା)
ଅମୃତବେଳା: ଦିବା ଘ୪ ।୦ ଗତେ ଘ ୬ ।୨୪ ମଧ୍ୟେ

## ଆଜିର ଅନୁଚିନ୍ତନ

ଶକ୍ତି ହେଉଛି ଜୀବନ,ଦୁର୍ବଳତା ମୃତ୍ୟୁ। ସଂପ୍ରସାରଣ ଜୀବନ, ସଂକୋଚନ ମୃତ୍ୟୁ ।ପ୍ରେମ ହେଉଛି ଜୀବନ, ଘୃଣା ହେଉଛି ମୃତ୍ୟୁ।
– ବିବେକାନନ୍ଦ

# ସବୁରି ମୂଳ ସଂଯମ

ଯେ କୌଣସି ମାମଲା ହେଉ ଯେ ପର୍ଯ୍ୟନ୍ତ ଦୃଢ ପ୍ରମାଣ ସାବ୍ୟସ୍ତ ହୋଇପାରିନାହିଁ ସେ ପର୍ଯ୍ୟନ୍ତ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇପାରିବ ନାହିଁ। ଆଇନ ତା' ନିଜ ବାଟରେ ଯାଏ। ଅର୍ଥାତ୍, ଏହା ଉଖାରି ବାହାର କରିଦିଏ ସତ୍ୟର ସ୍ୱରୂପ। ବିଏମ୍‌ସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ମାମଲାରେ ଷଷ୍ଠ ଅଭିଯୁକ୍ତ ଭାବେ ଗିରଫ ବିଜେପି ନେତା ଜଣକ ଆକ୍ରମଣ ପ୍ରକରଣରେ ନିଜର କୌଣସି ସଂପୃକ୍ତି ନ ଥିବା ଦାବି କରିଛନ୍ତି। ଅପରପକ୍ଷେ ପୋଲିସ ଏହି ନେତାଙ୍କ ଗିରଫଦାରି ପଛରେ ଏତଲା ଓ ପୀଡ଼ିତଙ୍କ ବୟାନ ସର୍ବୋପରି ପ୍ରାଥମିକ ତଦନ୍ତ ଉପରେ ମିଳିଥିବା ତଥ୍ୟକୁ ନିର୍ଭର କରି ସଂପୃକ୍ତ ନେତାଙ୍କୁ ଗିରଫ କରିଥିବା କହିଛି। ଗିରଫ ଷଷ୍ଠ ଅଭିଯୁକ୍ତ ଓ ପୋଲିସର ଦାବି ପରସ୍ପରର ବିରୋଧ କରେ। କିନ୍ତୁ ତଦନ୍ତ ପରେ ସତ୍ୟ କ'ଣ ତାହା ପଦାକୁ ଆସିବ। ଉଲ୍ଲେଖ କରାଯାଇପାରେ ଯେ ନେତା ଜଣଙ୍କ ଆତ୍ମସମର୍ପଣ କରି ଗିରଫ ହେବା ପୂର୍ବରୁ ରଖିଥିବା ବିବୃତି ଉପରେ ଆଲୋକପାତ କରାଯାଇପାରେ। ଏହି ବିବୃତିକୁ ବିଶ୍ଳେଷଣ କଲେ ମନେ ହେବ ବୃହତ୍ତର ସ୍ୱାର୍ଥରକ୍ଷା ପ୍ରତି ଗୁରୁତ୍ୱ ଦେଇ ନିଜକୁ ସଂପୃକ୍ତ ନେତା ଜଣଙ୍କ ଗିରଫ କରାଇବେ। ଘଟଣାରେ ତାଙ୍କୁ ତାଙ୍କ ଦଳ ଓ ସରକାରଙ୍କୁ ବଦନାମ କରାଇବା ପାଇଁ ଉଦ୍ୟମ କରାଗଲା। ଏପରିକି ଓଏଏସ୍ ସଂଘ ମଧ୍ୟ ଯୋଜନାବଦ୍ଧ ଉଦ୍ୟମର ଶିକାର ହୋଇ ସଂପୃକ୍ତ ନେତାଙ୍କ ଗିରଫ ଦାବି କରି ଆନ୍ଦୋଳନ ଚଳାଇଥିଲା। ଏକାଧିକ ଦିନ ଧରି ଓଏଏସ୍ ସଂଘର ଆନ୍ଦୋଳନ ଏହି ନେତାଙ୍କ ଗିରଫ ଦାବି ପରେ ଅନ୍ତ ହେଲା।

'ଜାଣିଶୁଣି ସରକାରଙ୍କୁ ବଦନାମ କରାଯାଉଛି' ବୋଲି ଗିରଫ ନେତା ଜଣଙ୍କ ଆତ୍ମସମର୍ପଣ ପୂର୍ବରୁ ବିବୃତି ରଖିଥିବା ଭିନ୍ନ ଦିଗକୁ ଦର୍ଶାଉଛି। ଏହା ସଂପୃକ୍ତ ନେତାଙ୍କ ନିର୍ମଳ ଭାବମୂର୍ତ୍ତି କି ଅନ୍ୟ କିଛି ତାହା ଜଣାପଡୁନାହିଁ। ମାତ୍ର ପ୍ରଶ୍ନ ଉଠୁଛି ଜାଣିଶୁଣି କିଏ କାହିଁକି ଅପରପ୍ରତି ହିଂସାଚରଣ ବା ବିରୋଧୀ କାର୍ଯ୍ୟ କରିବ ? ଏହା ପଛରେ କେଉଁ ସ୍ତରରେ ବିବାଦ ଲୁଚି ରହିଛି କି ଯାହାକି ଅଜ୍ଞାତ ରହିଛି ? ଗୋଟିଏ କଥା ନିର୍ବିବାଦରେ କୁହାଯିବ ଯେ ଯେକୌଣସି ରାଜନୈତିକ ଦଳର ନେତା ହୁଅନ୍ତି ବା କର୍ମୀ ଅବା ସମର୍ଥକ କେହି ବି ଆଇନକୁ ହାତକୁ ନେବା ଉଚିତ ନୁହେଁ। ଆକ୍ରମଣର ଶିକାର ହୋଇଥିବା ହେତୁ ଓ ଆକ୍ରମଣକାରୀଙ୍କ କାର୍ଯ୍ୟକଳାପର ତୀବ୍ରତା ବାହାରକୁ ଯେଭଳି ଜଣାପଡୁଛି ଅନ୍ତତଃପକ୍ଷେ ଏହାର ଅନ୍ତଃସ୍ରୋତ ଭିନ୍ନ ,ଯାହା ସାଧାରଣଙ୍କୁ ଆସିପାରୁନାହିଁ। ସମଗ୍ର ଘଟଣାରେ ଶୃଙ୍ଖଳା ତଥା ନୈତିକତାର ଅଭାବ ପ୍ରତି ଇଙ୍ଗିତ କରୁଛି । ଏକଦା ବୁଦ୍ଧ ଦେବ କହିଥିଲେ - ଶୃଙ୍ଖଳିତ ମନ, ମୁକ୍ତ ମନ। ମାତ୍ର ବିଶୃଙ୍ଖଳିତ ମନ, କୌଣସି ମନୋ ଦଶା ବା କାମନାର କ୍ରୀତଦାସ ହେବାକୁ ବାଧ୍। ସୁତରାଂ ଆଲୋଚ୍ୟ ଘଟଣାରେ ବିଶୃଙ୍ଖଳା ପଛରେ ଏପରି ଘଟିଥିବା ମନେ କରାଯାଉଛି ଓ ଏହା ରହସ୍ୟ ହୋଇ ରହି ନ ଯାଉ। ନିକଟରେ ୨ଟି ଘଟଣା ସାମ୍ନାକୁ ଆସିଛି। ଗଣମାଧ୍ୟମରେ ଜଣେ ବିଧାୟକ ଦେଇଥିବା ମନ୍ତବ୍ୟର ଭିଡିଓ ଟ୍ୱିଟ୍ ପୂର୍ବକ ପ୍ରଧାନମନ୍ତ୍ରୀଙ୍କୁ ଟ୍ୟାଗ୍ କରାଯାଇଥିବାବେଳେ ଆଉ ଜଣେ ବିଧାୟକଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବା ପରେ ସେଥିରୁ ଆପତ୍ତିଜନକ ସାମଗ୍ରୀ ଉଦ୍ଧାର ଅଭିଯୋଗ ହେତୁ ତାହା ନେତାଙ୍କ ଚିନ୍ତା ବଢାଇଲାଣି, ଏପରି ଆଲୋଚନା ଜୋର୍ ଧରିଲାଣି। ସୁତରାଂ ଶାସକ ହେଉ କି ବିରୋଧୀ, ଦଳର ନେତା ହୁଅନ୍ତୁ କି କର୍ମୀ, ସଂଯମତା ରକ୍ଷା ନ କଲେ ବିପଦ ହିଁ ବିପଦ।

# ଇରାନ-ଇସ୍ରାଏଲ ଯୁଦ୍ଧର ପ୍ରଭାବ

**ସୌମେନ୍ଦ୍ର ଜେନା**

ଇସ୍ରାଏଲ-ଇରାନ ଯୁଦ୍ଧ ବିରତି ପରେ ଉଭୟ ଦେଶରେ ଭାରତର ସକ୍ରିୟତା ବାଣିଜ୍ୟିକ କ୍ଷେତ୍ରରେ ବୃଦ୍ଧିପାଇବ। କାରଣ ଇରାନର ତୈଳ ରପ୍ତାନି ଉପରୁ କଟକଣା ହଟିଲେ ଭାରତ ଶସ୍ତାରେ ଅଧିକ ତୈଳକ୍ରୟ କରିବାର ସୁବିଧା ପାଇବ । ଛବହର ବନ୍ଦର ନିର୍ମାଣ ଏବଂ ଯୋଗାଯୋଗ କ୍ଷେତ୍ରରେ ବିକାଶ ହେବ । ସେହିପରି ଇସ୍ରାଏଲର ନିର୍ମାଣ କ୍ଷେତ୍ରରେ ଅଧିକରୁ ଅଧିକ ଭାରତୀୟ ଶ୍ରମିକ ଆବଶ୍ୟକ ହେବେ । ଏପରିକି କ୍ଷେପଣାସ୍ତ୍ର କ୍ରୟ ପାଇଁ ଇସ୍ରାଏଲ ପକ୍ଷରୁ ଭାରତକୁ ଅନୁରୋଧ କରାଯିବାକୁ ମତ ପ୍ରକାଶ ପାଇଛି । ଚୀନ -ପାକିସ୍ଥାନ ମେଣ୍ଟ ଯେପରି ଅପରେସନ ସିନ୍ଦୂର ସମୟରେ ଭାରତ ବିରୋଧୀ କାର୍ଯ୍ୟ କଳାପରେ ବ୍ୟସ୍ତ ଥିଲେ ଏବେ ଇରାନ-ଇସ୍ରାଏଲ ଯୁଦ୍ଧପରେ ସାଂଘାଇ ସହଯୋଗ ସଂଗଠନର ପ୍ରତିରକ୍ଷା ମନ୍ତ୍ରିସ୍ତରୀୟ ବୈଠକ ଚୀନର ହ୍ୱାଙ୍ଗଦାଓ ସହରରେ ଚାଲିଥିବାବେଳେ ମିଳିତ ଘୋଷଣାପତ୍ରରେ ଭାରତର ପହଲଗାମ ସନ୍ତ୍ରାସୀ ଆକ୍ରମଣକୁ ସ୍ଥାନ ନ ଦେଇ ଚୀନ ଯେପରି ପାକ୍‌ର ବଲୋଚସ୍ଥାନ ଟ୍ରେନ୍ ଆକ୍ରମଣକୁ ସ୍ଥାନ ଦେଲା,ଭାରତ-ପକ୍ଷରୁ ତାର ପ୍ରତିବାଦ କରାଯାଇ ସ୍ୱାକ୍ଷର ପ୍ରଦାନ କରାନଯିବା ହେତୁ ମିଳିତ ଘୋଷଣାନାମା ପ୍ରକାଶ ପାଇଲା ନାହିଁ । କେବଳ ସେତିକି ନୁହେଁ ବ୍ରିକ୍ସ ଗୋଷ୍ଠୀର ବୈଠକ ଚଳିତବର୍ଷ ବ୍ରାଜିଲରେ ଅନୁଷ୍ଠିତ ହେବାକୁ ଯାଉଛି । କିନ୍ତୁ ବ୍ରାଜିଲ



ସରକାର ଚଳିତବର୍ଷ ବୈଠକ କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ଅତିଥି କରିଥିବା ଯୋଗୁ ଚୀନର ଗାତ୍ରଦାହ ହୋଇଛି । ଯେଉଁଥିପାଇଁ ପ୍ରଥମଥର ଲାଗି ବ୍ରିକ୍ସ ବୈଠକରେ ଯୋଗ ନ ଦେବାକୁ ଚୀନ ରାଷ୍ଟ୍ରପତି ଜିନପିଙ୍ଗ୍ ପ୍ରକାଶ କରିଛନ୍ତି । ଏକଥା ସତ ଯେ ଇରାନ-ଇସ୍ରାଏଲ ଯୁଦ୍ଧପରେ ଭାରତର ନିରପେକ୍ଷ ଆଭିମୁଖ୍ୟକୁ ବହୁଦେଶ ପସନ୍ଦ କରିବେ। ଇସ୍ରାଏଲ ଏବଂ ଇରାନ ପ୍ରତିରକ୍ଷା ଉତ୍ପାଦନ ଏବଂ କ୍ରୟ ପାଇଁ ଖର୍ଚ୍ଚବୃଦ୍ଧି କରିବେ ଏଥିରେ ସନ୍ଦେହ ନାହିଁ। ତୈଳ ବଜାରକୁ ଇରାନ ଓହ୍ଲାଇବା ପରେ ସାଉଦି, କାତାର, ସମେତ ଅନ୍ୟ ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡିକ କିଛିଟା କ୍ଷତି ସହିବେ ନିଶ୍ଚୟ। କାରଣ ଯୁଦ୍ଧ କ୍ଷୟକ୍ଷତିର ଭରଣା ପାଇଁ ଇରାନ ମୁଖ୍ୟତଃ ତୈଳ ରପ୍ତାନି ଉପରେ ନିର୍ଭର କରିବ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ହୋଇଥିବା ଇରାନ ଯେପରି ତୈଳ ରପ୍ତାନିକୁ ଜୋରଦେବ ଠିକ୍ ସେମିତି ଇସ୍ରାଏଲ ନିଜର ପ୍ରତିରକ୍ଷା ସାମଗ୍ରୀର ଉତ୍ପାଦନ ଏବଂ ବିକ୍ରିକୁ ଅଧିକ ବୃଦ୍ଧି କରିବାକୁ ଚେଷ୍ଟା କରିବ। ଏପରିକି ସହଯୋଗୀ ରାଷ୍ଟ୍ରଙ୍କ ସହ ମିଳିତ ଉତ୍ପାଦନ ମଧ କରିପାରେ । ଏଥିରେ ଭାରତକୁ ଲାଭ ହୋଇପାରେ। ଏକଥା ସତ ଯେ ଆଗାମୀ କିଛି ମାସ ପାଇଁ ମଧ୍ୟପ୍ରାଚ୍ୟ ଆର୍ଥିକ ଚାପ ମଧ୍ୟରେ ରହିବ। ଏହାର ସୁଯୋଗ ନେବାକୁ ଆମେରିକା, ଚୀନ, ରୁଷିଆ ସମେତ ବ୍ରିଟେନ ଏବଂ ଅନ୍ୟ ଦେଶଗୁଡିକ ଚେଷ୍ଟା କରିବେ । କହିବାକୁ ଗଲେ ଇରାନ-ଇସ୍ରାଏଲ ଯୁଦ୍ଧର ପରିଣତି ବିନା ହାର୍‌ଜିତରେ ଶେଷ ହୋଇଥିଲା ବେଳେ ରୁଷିଆ ଏବଂ ଚୀନପରି ରାଷ୍ଟ୍ର ପ୍ରକୃତ ଯୁଦ୍ଧକାଳରେ ଆଜି ଆମେରିକାକୁ ପ୍ରତିହତ କରିବାକୁ ଯେ ଅକ୍ଷମ ରହିଛନ୍ତି, ତାହା ସ୍ପଷ୍ଟ ହୋଇଛି। ତେଣୁ ଆଗାମୀ ଦିନରେ ବିଶ୍ୱରେ ଦଶ ଦେଶ ମଧ୍ୟରେ ସହଯୋଗ ସଂପର୍କ କ୍ଷେତ୍ରରେ ପରିବର୍ତ୍ତନ ଦେଖିବାକୁ ମିଳେ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ପୀଡ଼ିତାଙ୍କୁ ନ୍ୟାୟ କେବେ ?

**ରବୀନ୍ଦ୍ରନାଥ ଯୋଷୀ**

> "ନ୍ୟାୟାଳୟମାନଙ୍କରେ ଅନେକ ମାମଲା ବିଳମ୍ବିତ ହେଉଥିବା ବେଳେ ଅନେକ ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ ହୋଇନଥିବା ଜଣାପଡ଼ିଛି। ଭାରତ ସରକାରଙ୍କ ଗୃହ ବିଭାଗର ତଥ୍ୟ ଅନୁସାରେ ବିଚାରାଳୟମାନଙ୍କରେ ୧୯୭୩ ମସିହାରେ ୪୪.୩ ପ୍ରତିଶତ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେବେ ଅନ୍ୟ ସମସ୍ତ ମାମଲାରେ ସାକ୍ଷ୍ୟ ପ୍ରମାଣର ଅଭାବ ହେତୁ କିମ୍ବା ଦୁଇ ପକ୍ଷଙ୍କ ବୁଝାମଣା ହେତୁ ଅଥବା ଅନ୍ୟ କୌଣସି କାରଣ ପାଇଁ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇ ପାରିନାହାନ୍ତି। ସମ୍ଭବତଃ ଏହି ସବୁ କାରଣ ଅସାଧୁ ଓ ଅସାମାଜିକମାନଙ୍କୁ ଅପରାଧ ଭିଆଇବା ପାଇଁ ଉତ୍ସାହିତ କରୁଛି। ଅନ୍ୟ ଏକ ମୁଖ୍ୟ ପ୍ରସଙ୍ଗକୁ ଏଠାରେ ଅନୁଶୀଳନ କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଘଟିଥିବା ଅନେକ ଦୁଷ୍କର୍ମଜନିତ ମାମଲାରେ ନାବାଳକ ଅପରାଧୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି।

ଆମ ଦେଶ ଭାରତ ଏକ ଦେବଭୂମି। ଭାରତୀୟ ସଂସ୍କୃତି ଓ ପରମ୍ପରା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ଅଟେ । ଆମ ସଂସ୍କୃତି ଓ ପରମ୍ପରାକୁ ଆପଣେଇ ନେବା ପାଇଁ ବିଦେଶୀମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳେ। ଆଧ୍ୟାତ୍ମିକ ଓ ମାନବୀୟ ଚେତନା ଭାରତୀୟଙ୍କୁ ଶ୍ରେଷ୍ଠତା ପ୍ରଦାନ କରିଛି । ଏକ ଶାନ୍ତିପ୍ରିୟ ଦେଶ ଭାବରେ ଏବେବି ସମଗ୍ର ଜଗତ ସମ୍ମାନ ଦେଇ ଆସିଛି। ଏକଦା ଭାରତ ବିଶ୍ୱଗୁରୁର ମର୍ଯ୍ୟାଦା ଲାଭ କରିଥିଲା । ଏହାକୁ ନେଇ ଆମେ ଗର୍ବ ଅନୁଭବ କରିଥାଉ । କିନ୍ତୁ ଧୀରେ ଧୀରେ ଦେଶରେ ବୃଦ୍ଧିପାଉଥିବା ଅପରାଧ ବର୍ତ୍ତମାନ ଆମ ସମ୍ମାନ ଓ ସ୍ୱାଭିମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଗୋଟିଏ ପଟେ ବିଶ୍ୱଗୁରୁର ସ୍ଥାନ ପୁନଶ୍ଚ ଅକ୍ତିଆର କରିବା ପାଇଁ ଆମେ ପ୍ରୟାସ କରୁଥିବାବେଳେ ଅନ୍ୟପଟରେ ଦେଶରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ବଢ଼ିବାରେ ଲାଗିଛି । ପ୍ରତ୍ୟହ ଦେଶରେ କୌଣସି ନା କୌଣସି ସ୍ଥାନରେ ମହିଳାଙ୍କ ଉପରେ ଅସଦାଚରଣ ହେଉଥିବା ଖବର ବର୍ତ୍ତମାନ ଗଣ ମାଧ୍ୟମରେ ମୁଖ୍ୟ ଖବର ପାଲଟିଛି । ଆମ ରାଜ୍ୟ ଓଡିଶାରେ ମଧ୍ୟ ଏଭଳି ଅନେକ ଅଭିଯୋଗ ଲୋକଲୋଚନକୁ ଆସିଛି। ବିଗତ ଦିନରେ ଘଟିଥିବା ଅନେକ ଲୋମହର୍ଷଣକାରୀ ଘଟଣା ସାଧାରଣ ଲୋକଙ୍କ ଛାତି ଥରାଇ ଦେଇଛି। କିନ୍ତୁ କେଉଁଠି ପ୍ରମାଣ ଅଭାବରେ ଅଥବା ଆଉ କେଉଁଠି ଆଉ କେଉଁ କାରଣ ଯୋଗୁଁ ଅଭିଯୁକ୍ତ ଦୋଷମୁକ୍ତ ହୋଇଛନ୍ତି ତ ଆଉ କେଉଁ ଘଟଣାରେ ମାମଲା କୋର୍ଟ କଚେରିରେ ଏତେ ବିଳମ୍ବିତ ହୋଇଛି ଯେ ଅଭିଯୁକ୍ତ ଦଣ୍ଡ ପାଇବା ବେଳକୁ ପୀଡ଼ିତା , ଅଭିଯୋଗକାରୀ ବା ସାକ୍ଷ୍ୟପ୍ରଦାନକାରୀ ଇହଧାମ ତ୍ୟାଗ କରିସାରିଛନନ୍ତି । ଯାହା ବିଚାରଧୀନ ମାମଲାର ମୋଡ଼ ବଦଳାଇ ଦେଇଛି । ସାଂପ୍ରତିକ ସମାଜରେ ଶିକ୍ଷାର ବିକାଶ ଘଟିଛି । ମହିଳାମାନଙ୍କ ଆତ୍ମ ନିର୍ଭରଶୀଳତା ବଢ଼ିଛି । କିନ୍ତୁ ମହିଳାଙ୍କ ସୁରକ୍ଷା ଉପରେ ଏବେବି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦିନକୁ ଦିନ ମହିଳାମାନଙ୍କ ଉପରେ ଅସଦାଚରଣ, ଦୁଷ୍କର୍ମ ଓ ହତ୍ୟା ଭଳି ଅତ୍ୟାଚାର ବଢୁଛି । ସାଂପ୍ରତିକ ସାମାଜିକ ପରିବେଶ ଅପରାଧପ୍ରବଣ ହୋଇଛି । ଏଥିପାଇଁ ଦାୟୀ କିଏ ? ସରକାର,ସମାଜ ନା ପରିବେଶ । ଗଣତନ୍ତ୍ରରେ ସରକାର ଯଦିଓ ଯେ କୌଣସି ଘଟଣା ପାଇଁ ଉତ୍ତରଦାୟୀ ଅଟନ୍ତି ତଥାପି ଆମ ସମାଜ ମଧ୍ୟ ଅନୁରୂପ ଭାବରେ ସମପରିମାଣରେ ଉତ୍ତରଦାୟୀ । ସାଂପ୍ରତିକ ସମାଜରେ ପ୍ରତିଦିନ ଯେଉଁଭଳି ଭାବେ ଅପରାଧ ବୃଦ୍ଧି ପାଉଛି ଏହା ଚିନ୍ତାଜନକ ଅଟେ । ନ୍ୟାୟିକ ବ୍ୟବସ୍ଥାରେ ଥିବା ଅନେକ ଦୋଷ ତ୍ରୁଟି ଅଭିଯୋଗକାରୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇ ପାରୁନାହିଁ । ଫଳରେ ଆମ ଦେଶର ଆଇନ ଓ ଅଦାଲତ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଧୀରେ ଧୀରେ ନିଶ୍ଚିତ କମୁଛି । ଏ ସମସ୍ତ ଘଟଣାବଳୀକୁ ଅନୁଧ୍ୟାନ କରିବା ବେଳେ ଏହା ସ୍ପଷ୍ଟ ହେଉଛି ଯେ ଆଇନ ଓ ଅଦାଲତକୁ ଅପରାଧୀମାନଙ୍କ ଆଉ ଭୟ ନାହିଁ ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଦ୍ୱାରା ପ୍ରଦତ୍ତ ଏକ ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର କିପରି ବଢ଼ିଚାଲିଛି ତାହା ସ୍ପଷ୍ଟ ପ୍ରତିଫଳିତ ହେଉଛି । ୨୦୧୮ ମସିହାରେ ସମଗ୍ର ଭାରତ ବର୍ଷରେ ୩୭୮୨୩୬ ଗୋଟି ମାମଲା ପଂଜୀକୃତ ହୋଇଥିବା ବେଳେ ତନ୍ମଧ୍ୟରୁ ଓଡିଶାରେ ୨୦୨୭୪ ଗୋଟି ମାମଲା ପଂଜୀକୃତ ହୋଇଥିଲା। ସେହିପରି ୨୦୧୯ ବର୍ଷରେ ରେ ଦେଶରେ ୪୦୫୩୨୬ ଓ ଓଡିଶାରେ ୨୩୧୮୩ ଟି,୨୦୨୦ ବର୍ଷରେ ଭାରତରେ ୩୭୧୫୦୩ ଓ ଓଡିଶାରେ ୨୫୪୮୯ଟି ,୨୦୨୧ ବର୍ଷରେ ଭାରତରେ ୪୨୮୨୭୮ ଟି ଓ ଓଡ଼ିଶାରେ ୩୧୩୫୨ ଟି ଓ ୨୦୨୨ ବର୍ଷରେ ଭାରତରେ ୪୪୫୨୫୬ ଓ ଓଡ଼ିଶାରେ ୨୩୬୪୮ ଗୋଟି ମାମଲା ପଂଜୀକୃତ ହୋଇଛି । ସେହିପରି ସମଗ୍ର ଦେଶରେ ୨୦୧୮ ମସିହାରେ ୩୩୩୫୬ ଗୋଟି ପଂଜୀକୃତ ଦୁଷ୍କର୍ମ ମାମଲା ମଧ୍ୟରୁ ୯୩୧୨ ଗୋଟି ନାବାଳିକାଙ୍କ ଉପରେ ହୋଇଥିବା ଦୁଷ୍କର୍ମ ମାମଲା ଅଟେ । ୨୦୧୯ ବର୍ଷରେ ମୋଟ ୩୨୦୩୨ ଗୋଟି ମାମଲାରୁ ୪୯୩୬ ,୨୦୨୦ ବର୍ଷରେ ପଂଜୀକୃତ ୨୮୦୪୬ ମାମଲାରୁ ୨୬୪୦ ଗୋଟି ,୨୦୨୧ ବର୍ଷରେ ପଂଜୀକୃତ ୩୧୬୭୧ ଟି ମାମଲାରୁ ୩୦୩୩ ଟି ମାମଲା ଓ ୨୦୨୨ ବର୍ଷରେ ପଂଜୀକୃତ ୩୧୫୧୬ ଟି ମାମଲା ମଧ୍ୟରୁ ୧୦୦୪ ଗୋଟି ନାବାଳିକାଙ୍କ ଉପରେ ହୋଇଥିବା ଦୁଷ୍କର୍ମ ମାମଲା ହୋଇଥିବା ଜଣାପଡିଛି। ଅନୁରୂପ ଭାବରେ ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଏହାର ସଂଖ୍ୟା କମ ନୁହେଁ। ତଥ୍ୟ ଅନୁସାରେ ୨୦୧୮ ବର୍ଷରେ ପଂଜୀକୃତ ୯୧୮ ଦୁଷ୍କର୍ମ ମାମଲାରୁ ୩୭ ଗୋଟି ,୨୦୧୯ ରେ ପଂଜୀକୃତ ୧୩୮୨ ମାମଲାରୁ ୨୩୧ ଟି ୨୦୨୦ ବର୍ଷରେ ପଂଜୀକୃତ ୧୨୧୧ ମାମଲାରୁ ୧୭ ଟି ୨୦୨୨ ବର୍ଷରେ ପଂଜୀକୃତ ୧୪୬୪ ମାମଲାରୁ ୧ ଗୋଟ ମାମଲା ନାବାଳିକା ଦୁଷ୍କର୍ମ ମାମଲା ହୋଇଥିବାବେଳେ ୨୦୨୧ ବର୍ଷରେ ପଂଜୀକୃତ ୧୪୫୬ ମାମଲା ମଧ୍ୟରେ ଆଦୌ ନାବାଳିକା ଦୁଷ୍କର୍ମ ଅଭିଯୋଗ ନାହିଁ । ଆଲୋଚ୍ୟ ତଥ୍ୟ ଅନୁସାରେ ଦେଶରେ ମହିଳାମାନଙ୍କ ଉପରେ ହେଉଥିବା ଅପରାଧ ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି । ଏହା ସହିତ ଦୁଷ୍କର୍ମ ମାମଲା ମଧ୍ୟ ବଢ଼ିବାରେ ଲାଗିଛି । ନାବାଳିକା ଦୁଷ୍କର୍ମ ମାମଲାରେ ଏହି ପରିସଂଖ୍ୟାନ ଅନୁସାରେ ସାମାନ୍ୟ ନିୟନ୍ତ୍ରଣ ହୋଇଥିଲେ ମଧ୍ୟ ଏହାର ବାସ୍ତବ ଚିତ୍ର ଭିନ୍ନ ହୋଇପାରେ । ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ମଧ୍ୟ ଶତାଧିକ ଦୁଷ୍କର୍ମ ଅଭିଯୋଗ ହୋଇଛି । ପଞ୍ଜୀକୃତ ନାବାଳିକା ଦୁଷ୍କର୍ମ ସଂଖ୍ୟା ଯଦିଓ ବିଶେଷ ହୋଇନାହିଁ ତଥାପି ଏହା ଚିନ୍ତାଜନକ ସ୍ଥିତିରେ ରହିଛି । ଏଠାରେ ପ୍ରଦତ୍ତ ତଥ୍ୟ ସରକାରଙ୍କ ଗୃହ ବିଭାଗରେ ହୋଇଥିବା ପଞ୍ଜୀକୃତ ତଥ୍ୟ ଅଟେ । କିନ୍ତୁ ପ୍ରକୃତରେ ଏଭଳି ଅନେକ ସମ୍ବେଦନଶୀଳ ମାମଲା ବିଭିନ୍ନ କାରଣରୁ ପଞ୍ଜୀକୃତ ହୁଏ ନାହିଁ । ପୀଡ଼ିତା ବା ଅଭିଭାବକ ଲୋକଲଜ୍ଜା ଭୟରେ ହେଉ ବା ଅନ୍ୟ କୌଣସି କାରଣ ଯୋଗୁଁ ହେଉ ଅନେକାଂଶରେ ମାମଲା ପଞ୍ଜୀକରଣ ନ କରି ଚୁପ ହୋଇ ବସୁଛନ୍ତି । କିଛି ସ୍ଥାନରେ ପ୍ରଭାବଶାଳୀ ଲୋକଙ୍କ ହସ୍ତକ୍ଷେପ ଯୋଗୁଁ ମଧ୍ୟ ମାମଲା ଆଉ ଲୋକଲୋଚନକୁ ଆସୁନାହିଁ ।

ଏଠାରେ ଆଉ ଏକ ତଥ୍ୟ ମଧ୍ୟ ଆଲୋଚ୍ୟର ବିଷୟ ଅଟେ । ନ୍ୟାୟାଳୟମାନଙ୍କରେ ଅନେକ ମାମଲା ବିଳମ୍ବିତ ହେଉଥିବା ବେଳେ ଅନେକ ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ ହୋଇନଥିବା ଜଣାପଡ଼ିଛି । ଭାରତ ସରକାରଙ୍କ ଗୃହ ବିଭାଗର ତଥ୍ୟ ଅନୁସାରେ ବିଚାରାଳୟମାନଙ୍କରେ ୧୯୭୩ ମସିହାରେ ୪୪.୩ ପ୍ରତିଶତ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ସେହିପରି ୧୯୮୩ ମସିହାରେ ୩୭.୭ ପ୍ରତିଶତ ,୨୦୦୯ ମସିହାରେ ୨୬.୯ ପ୍ରତିଶତ, ୨୦୧୦ ମସିହାରେ ୨୬.୬ ପ୍ରତିଶତ , ୨୦୧୧ ମସିହାରେ ରେ ୨୬.୪ ପ୍ରତିଶତ ,୨୦୧୨ ମସିହାରେ ୨୪.୨ ପ୍ରତିଶତ ,୨୦୧୨ ମସିହାରେ ୨୪.୨ ପ୍ରତିଶତ ,୨୦୧୩ ମସିହାରେ ୨୭.୧ ପ୍ରତିଶତ , ୨୦୧୭ ମସିହାରେ ୩୨.୨ ପ୍ରତିଶତ ୨୦୧୮ ମସିହାରେ ୨୭.୨ ପ୍ରତିଶତ ଓ ୨୦୧୯ ମସିହାରେ ୨୭.୮ ପ୍ରତିଶତ ମାମଲାରେ ଅଭିଯୁକ୍ତମାନେ ଅଦାଲତମାନଙ୍କରେ ଦୋଷୀ ସାବ୍ୟସ୍ତ ହୋଇପାରିଛନ୍ତି । ତେବେ ଅନ୍ୟ ସମସ୍ତ ମାମଲାରେ ସାକ୍ଷ୍ୟ ପ୍ରମାଣର ଅଭାବ ହେତୁ କିମ୍ବା ଦୁଇ ପକ୍ଷଙ୍କ ବୁଝାମଣା ହେତୁ ଅଥବା ଅନ୍ୟ କୌଣସି କାରଣ ପାଇଁ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇ ପାରିନାହାନ୍ତି । ସମ୍ଭବତଃ ଏହି ସବୁ କାରଣ ଅସାଧୁ ଓ ଅସାମାଜିକମାନଙ୍କୁ ଅପରାଧ ଭିଆଇବା ପାଇଁ ଉତ୍ସାହିତ କରୁଛି । ଅନ୍ୟ ଏକ ମୁଖ୍ୟ ପ୍ରସଙ୍ଗକୁ ଏଠାରେ ଅନୁଶୀଳନ କରିବାର ଆବଶ୍ୟକତା ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଘଟିଥିବା ଅନେକ ଦୁଷ୍କର୍ମଜନିତ ମାମଲାରେ ନାବାଳକ ଅପରାଧୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ଗୃହ ବିଭାଗର ତଥ୍ୟ ଅନୁସାରେ ମହିଳାମାନଙ୍କ ଉପରେ ହେଉଥିବା ଅସଦାଚରଣ ବା ଦୁଷ୍କର୍ମ ଘଟଣାମାନଙ୍କରେ ପ୍ରାୟ ତିରିଶ ପ୍ରତିଶତ ନାବାଳକଙ୍କ ସଂପୃକ୍ତି ରହୁଛି । ଭାରତୀୟ ଦଣ୍ଡବିଧି ସଂହିତାରେ ନାବାଳକମାନଙ୍କ ପ୍ରତି ଥିବା ଉଦାରତା ମଧ୍ୟ ଏହି ସମ୍ବେଦନଶୀଳ ଘଟଣାକୁ ପ୍ରୋତ୍ସାହିତ କରୁଥିବା ଭଳି ମନେହେଉଛି ।

ବିଗତ ଦିନରେ ଓଡ଼ିଶା ମାଟିରେ ବି ଅନେକ ଏଭଳି ଅମାନବୀୟ ଘଟଣା ଘଟିଛି । କୋରାପୁଟର କୁନ୍ଦୁଲି ଗଣଧର୍ଷଣ ମାମଲା ହେଉ, ଟିକିରିର ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନଙ୍କ ଆତ୍ମହତ୍ୟା ମାମଲା ହେଉ ବା କଳାହାଣ୍ଡିର ମମିତା ମେହେର ହତ୍ୟାକାଣ୍ଡ ହେଉ। କେଉଁଠି ମୁଖ୍ୟ ଅଭିଯୁକ୍ତ ଖସିଯାଇଛି ତ ଆଉ କେଉଁଠି ଏବେ ବି ଘଟଣାର ପ୍ରକୃତ ରହସ୍ୟ ଲୋକଲୋଚନକୁ ଆସି ପାରିନାହିଁ। କେଉଁଠି ନ୍ୟାୟ ବିଳମ୍ବିତ ହୋଇଛି ତ ଆଉ କେଉଁଠି ନିର୍ଦ୍ଦୋଷରେ ଖସିଯାଉଛି ଅପରାଧୀ। ସମୟ ସ୍ରୋତରେ ସମସ୍ତ ଘଟଣା ବିସ୍ମୃତି ଗର୍ଭକୁ ଚାଲିଯାଉଛି । ଆଉ କିଛି ସମୟ ବ୍ୟବଧାନ ପରେ ଆଉ ଏକ ନୂତନ ଘଟଣା ଘଟୁଛି । ବିଗତ କିଛି ଦିନରେ ଓଡିଶାରେ ଏକାଧିକ ସ୍ଥାନରେ ଗଣଦୁଷ୍କର୍ମ ହୋଇଥିବାର ଅଭିଯୋଗ ହୋଇଛି । କେନ୍ଦୁଝର,ମୟୂରଭଂଜ , ଯାଜପୁର ଓ ଗୋପାଳପୁର ବେଳାଭୂମିରେ ଏପରି ଅମାନୁଷିକ ଘଟଣା ମହିଳାଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରିଛି । ଏ ସମସ୍ତ ବୀଭତ୍ସ ଓ ଅମାନୁଷିକ ଘଟଣାର ଅପରାଧୀଗଣ କେବେ ଦଣ୍ଡପାଇବେ ତାହା ସମୟ କହିବ କିନ୍ତୁ ଲୋକଲଜ୍ଜାକୁ ଖାତିର ନକରି ଅନ୍ୟାୟ ଓ ଅମାନବିକତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ ଜୁଟେଇଥିବା ଥିବା ସେହି ପୀଡିତାମାନଙ୍କ ସାହସ ଓ ଚେତନା ନିଶ୍ଚିତ ଭାବରେ ପ୍ରଶଂସନୀୟ । ତଥାପି ଅପରାଧୀମାନଙ୍କୁ ତୁରନ୍ତ ଦଣ୍ଡ ବିଧାନ କରିବା ଦିଗରେ ନ୍ୟାୟିକ ବ୍ୟବସ୍ଥାରେ ଆବଶ୍ୟକ ସଂସ୍କାର ନିତାନ୍ତ ଜରୁରୀ ଭଳି ମନେହୁଏ । ନଚେତ ବିଳମ୍ବିତ ନ୍ୟାୟ ଦେଶରେ ମହିଳାଙ୍କ ଶାନ୍ତି ଓ ସୁରକ୍ଷିତ ସହାବସ୍ଥାନ ପାଇଁ ଏକ ବିଡ଼ମ୍ବନା ପାଲଟିବ ।

ସିନାପାଲି (ଗୋଡାଲ ) ନୂଆପଡା

# ମଣିମାଙ୍କ ବାହୁଡ଼ା ବିଜେ

**ଡ. ଲକ୍ଷ୍ମଣ ନାୟକ**

> "ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ସେନାପଟା ଲାଗି ଗୁପ୍ତ ନୀତି କରିଥାନ୍ତି। ଉକ୍ତ କାର୍ଯ୍ୟ ଶେଷ ହେବା ପରେ ଶ୍ରୀଗୁଣ୍ଡିଚା ଦିନ ପରି ପୂଜା ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକଙ୍କ ଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ। ତାପରେ ମୁଦିରସ୍ତ ଡୋରଲାଗି ଓ ପୁଷ୍ପାଞ୍ଜଳି ନୀତି ସମାପନ କରିବାପରେ ବିଜେ କାହାଳୀ ବାଜେ ଓ ଠାକୁରମାନଙ୍କର ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥାଏ । ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଞ୍ଚିବା ମାତ୍ରେ ରାଘବଦାସ ମଠ ପ୍ରଦତ୍ତ ଟାହିୟା, ଶ୍ରୀମସ୍ତକରେ ଲାଗି କରାଯିବା ସହିତ, ପତି ମହାପାତ୍ର ପ୍ରସାଦ 'ଧଣ୍ଡି ଓ ଚନ୍ଦନ ' ବନ୍ଦାପନା, କର୍ପୂର ଆଳତି, ସାତବତୀ ସଞ୍ଜ କାହାଳି ଓ ଘସା, ବିଡ଼ିଆ ମାଣୋହି କରିଥାନ୍ତି । ଏହି ସମୟରେ ପୁଷ୍ପାଳକ ମହାଜନମାନେ ତୁଳି ଲାଗି ବଢ଼ାଇଥାନ୍ତି । ଏହି ନୀତି ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ରଥକୁ ବିଜେ କରିଥାନ୍ତି ।

ଆଷାଢ ଶୁକ୍ଳଦଶମୀ ଓଡ଼ିଶାରେ ବାହୁଡ଼ା ଦଶମୀ ନାମରେ ପରିଚିତ । ଜଗନ୍ନାଥ, ବଳଭଦ୍ର ସୁଭଦ୍ରା ତିନି ରଥରେ ଏହି ଦିନ ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ରତ୍ନବେଦିକୁ ପ୍ରତ୍ୟାବର୍ତ୍ତନ କରନ୍ତି । ତା' ପୂର୍ବରୁ ରଥଯାତ୍ରାର ସପ୍ତମ ଦିବସରେ ସନ୍ଧ୍ୟା ଦର୍ଶନ ହୁଏ । ଅଷ୍ଟମ ଦିବସରେ ରଥଗୁଡ଼ିକୁ ଦକ୍ଷିଣ ମୋଡ଼ କରାଯାଏ । ଦଶମୀ ଦିନ ବାହୁଡ଼ାଯାତ୍ରା ଅବକାଶରେ ନନ୍ଦିଘୋଷକୁ ରାଜ ନଅର ପାଖେ ରଖାଯାଇ ଯଥାବିଧିରେ ଲକ୍ଷ୍ମୀନାରାୟଣ ଭେଟ ଉତ୍ସବ କରାହୁଏ । ଏକାଦଶୀ ତିଥିରେ ରଥରେ ଦେବତାମାନଙ୍କୁ ସୁନାବେଶରେ ମଣ୍ଡିତ କରାଯାଏ ଓ ଦ୍ୱାଦଶୀ ଦିନ ଶ୍ରୀମନ୍ଦିରରେ ବିଜୟୋତ୍ସବ ବା ନୀଳାଦ୍ରି ଉତ୍ସବ ମହାନନ୍ଦ ସମାହିତ ହୁଏ। ଏହା ସହିତ ଶ୍ରୀମନ୍ଦିରର ଲୋକପ୍ରିୟ ଲୋକାନୁଷ୍ଠାନ ଦ୍ୱାରା ଲକ୍ଷ୍ମୀ ନାରାୟଣଙ୍କ କଳି ବା କବାଟ ଫିଟା ଉତ୍ସବ ବଡ଼ ନାଟକୀୟ ଢଙ୍ଗରେ ଅଭିନୀତ କରାଯାଏ । ଜଗମୋହନ ରାମାୟଣ ରଚୟିତା ସନ୍ଥ ଭକ୍ତ କବି " ବଳରାମ ଦାସ" ତାଙ୍କର ମହାକାବ୍ୟରେ ରାମଚନ୍ଦ୍ରଙ୍କୁ ଶ୍ରୀଜଗନ୍ନାଥଙ୍କ ଅବତାର ରୂପେ ଗ୍ରହଣ କରିଛନ୍ତି ବୋଲି ଦର୍ଶାଇଛନ୍ତି । ତାଙ୍କ ମତରେ ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ହେଉଛି ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଉତ୍ସବ ବା ଯାତ୍ରା ।

ମହାପ୍ରଭୁ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରନ୍ତି, ଏହି ଫେରନ୍ତା ଯାତ୍ରାକୁ ବାହୁଡ଼ା ଯାତ୍ରା କୁହାଯାଏ । ଶ୍ରୀବିଗ୍ରହମାନଙ୍କର ଫେରନ୍ତା ରଥଯାତ୍ରାକୁ ବାହୁଡ଼ା ବା ଦକ୍ଷିଣାଭିମୁଖୀ ଯାତ୍ରା ମଧ କୁହାଯାଏ । ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଉଲ୍ଲେଖ ଅଛି –
ନ୍ତନବମ୍ୟା ବାସୟେଦ୍ଦେବାନ୍ ତେଷୁ ପ୍ରାତଃ ସମୃଦ୍ଧିମତ୍ । ଦକ୍ଷିଣାଭିମୁଖୀ ଯାତ୍ରା ବିଷ୍ଣୋରେଷା ସୁଦୁର୍ଲଭା ?'

ଅର୍ଥାତ ନବମ ଦିବସରେ ଦେବତାମାନଙ୍କୁ ରଥରେ ଅଧିଷ୍ଠିତ କରାଇବେ। ଉକ୍ତ ଦିନ ପ୍ରାତଃ କାଳ ଅତ୍ୟନ୍ତ ସମୃଦ୍ଧିବାନ୍ । ସେଦିନ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ଅତ୍ୟନ୍ତ ଦୁର୍ଲଭ । ବାହୁଡ଼ା ଯାତ୍ରା ପୂର୍ବରୁ ଅଷ୍ଟମୀ ଦିନ ଶରଧାବାଲିଠାରେ ରଖାଯାଇଥିବା ତିନୋଟି ଯାକ ରଥକୁ ଦକ୍ଷିଣମୋଡ଼ କରାଯାଇ ଗୁଣ୍ଡିଚା ମନ୍ଦିରର ନାକଚଣା ଦ୍ୱାର ସମ୍ମୁଖରେ ରଖାଯାଇଥାଏ। ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ପାରମ୍ପରିକ ରୀତିମତେ ଲକ୍ଷ୍ମୀ-ନାରାୟଣ ଭେଟ କରାଯାଇଥାଏ । ସମ୍ପୂର୍ଣ୍ଣ ରଥଯାତ୍ରାକୁ ତିନୋଟି ଅଙ୍ଗ ରୂପେ ଧରାଯାଇଛି। ଏଥିମଧ୍ୟରୁ ରଥଯାତ୍ରା ଗୋଟିଏ ଅଙ୍ଗ, ଗୁଣ୍ଡିଚା ମଣ୍ଡପରେ ବାସ ଦ୍ୱିତୀୟ ଅଙ୍ଗ ଓ ବାହୁଡ଼ା ଯାତ୍ରା ପୂର୍ବକ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ପର୍ଯ୍ୟନ୍ତ ତୃତୀୟ ଅଙ୍ଗ ।

ଶ୍ରୀବିଗ୍ରହ ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖ ହୋଇ ଯାତ୍ରା କରୁଥିବାବେଳ ଠାକୁରମାନଙ୍କୁ ଦର୍ଶନ କଲେ ଗୁଣ୍ଡିଚାଯାତ୍ରା ଦିନ କରିଥିବା ଉତ୍ତରାଭିମୁଖ ଦର୍ଶନର ଫଳ ମିଳିଥାଏ ବୋଲି ପୁରାଣରେ ବର୍ଣ୍ଣିତ ଅଛି । ଏପରିକି ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରେ ଅଶ୍ୱମେଧ ଯଜ୍ଞର ଫଳ ଲାଭ କରି ଅନ୍ତକାଳରେ ବୈକୁଣ୍ଠ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ କରାଯାଏ । ନବମୀ ଦିନ ରାତ୍ରିରେ ବଡ଼ସିଂହାର, ପୁଡ଼ ଆଳତି ସରିବା ପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ପୁଷ୍ପାଳକମାନେ ଗମ୍ଭୀରାରୁ ବାହାରି ଆସିଥାନ୍ତି । ଏହାପରେ ଦଇତାପତିମାନେ ଠାକୁରମାନଙ୍କ ଅନ୍ୟାନ୍ୟ ଗୁପ୍ତସେବା କରିବା ସହିତ କୋଠ ସୁଆଁସିଆମାନେ ସିଂହାସନକୁ ଲଗାଇ ଚାରମାଳ ବାନ୍ଧିଥାନ୍ତି। ରାଘବଦାସ ମଠ ଦେଇଥିବା ଶୁକ୍ଳ ସଜକୁ ଦଇତା ସେବକମାନେ ଠାକୁରମାନଙ୍କୁ ଲାଗି କରାଇଥାନ୍ତି । ବାହୁଡ଼ା ଯାତ୍ରା ଦିନ ସକାଳ ସମୟରେ ମଙ୍ଗଳ ଆଳତି, ଅବକାଶ ଇତ୍ୟାଦି ନୀତି ଭିତରଛ ମହାପାତ୍ର ଓ ପାଳିଆ ପୁଷ୍ପାଳକମାନେ ବଡ଼ାଇବା ପରେ ଗୋପାଳ ବଲ୍ଲଭ ଓ ସକାଳ ପୂଜାପଣ୍ଡା ଓ ଅନ୍ୟାନ୍ୟ ନୀତି ସଂପୃକ୍ତ ସେବକମାନଙ୍କ ସହାୟ୍ୟରେ ପୂଜା ସମାପନ କରିଥାନ୍ତି ।

ଏହାପରେ ଦଇତାପତିମାନେ ଶ୍ରୀବିଗ୍ରହମାନଙ୍କର ସେନାପଟା ଲାଗି ଗୁପ୍ତ ନୀତି କରିଥାନ୍ତି । ଉକ୍ତ କାର୍ଯ୍ୟ ଶେଷ ହେବା ପରେ ଶ୍ରୀଗୁଣ୍ଡିଚା ଦିନ ପରି ପୂଜା ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ସେବକଙ୍କ ଦ୍ୱାରା ତିନିବାଡ଼ରେ ମଙ୍ଗଳାର୍ପଣ ହୋଇଥାଏ । ତାପରେ ମୁଦିରସ୍ତ



ଡୋରଲାଗି ଓ ପୁଷ୍ପାଞ୍ଜଳି ନୀତି ସମାପନ କରିବାପରେ ବିଜେ କାହାଳୀ ବାଜେ ଓ ଠାକୁରମାନଙ୍କର ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥାଏ । ଶ୍ରୀବିଗ୍ରହମାନେ ଜଗମୋହନ ଦୁଆର ପାଖେ ପହଞ୍ଚିବା ମାତ୍ରେ ରାଘବଦାସ ମଠ ପ୍ରଦତ୍ତ ଟାହିୟା, ଶ୍ରୀମସ୍ତକରେ ଲାଗି କରାଯିବା ସହିତ, ପତି ମହାପାତ୍ର ପ୍ରସାଦ 'ଧଣ୍ଡି ଓ ଚନ୍ଦନ ' ବନ୍ଦାପନା, କର୍ପୂର ଆଳତି, ସାତବତୀ ସଞ୍ଜ କାହାଳି ଓ ଘସା, ବିଡ଼ିଆ ମାଣୋହି କରିଥାନ୍ତି । ଏହି ସମୟରେ ପୁଷ୍ପାଳକ ମହାଜନମାନେ ତୁଳି ଲାଗି ବଢ଼ାଇଥାନ୍ତି । ଏହି ନୀତି ପରେ ଠାକୁରମାନେ ଧାଡ଼ି ପହଣ୍ଡିରେ ରଥକୁ ବିଜେ କରିଥାନ୍ତି । ଘଣ୍ଟ, ଛତା, କାହାଳୀ ସହ ମଦନମୋହନ ଓ ରାମ, କୃଷ୍ଣ ଯଥାକ୍ରମେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ରଥକୁ ବିଜେ ହୋଇଥାନ୍ତି । ସମସ୍ତ ବିଗ୍ରହ ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବାପରେ ରୁନ୍ଧା କାର୍ଯ୍ୟ ବଢିଥାଏ । ଠାକୁରମାନେ ରଥାରୂଢ଼ ହେବାପୂର୍ବରୁ ବିଶ୍ୱକର୍ମା ମହାରଣା, ଦରଜୀ ସେବକ, କୋଠ ସୁଆଁସିଆ ପ୍ରଭୃତି ସେବକ ତିନି ରଥର ଆବଶ୍ୟକୀୟ ମରାମତି କାର୍ଯ୍ୟ ପୂର୍ବ ଦିନରୁ କରି ଦେଇଥାନ୍ତି । ପୂର୍ବରୁ ଶ୍ରୀନଅର ତାମଯାନ, କାହାଳିଆ, ଭାରୁଆ ବଡ଼ଶଙ୍ଖ ଠାରେ ପହଞ୍ଚିଥାନ୍ତି । ଶ୍ରୀନଅରରୁ ଶ୍ରୀମନ୍ଦିର ଗଜପତି ମହାରାଜା କାରରେ ଛେରାପହଁରା କରିବା ନିମିତ୍ତ ବାହାରିଥାନ୍ତି । ବଡ଼ଶଙ୍ଖ ଠାରେ ସମସ୍ତ ଗାଡ଼ି ପହଁଚିବା ପରେ ସେଠାରୁ ହସ୍ତୀ, ଛତି, କାହାଳୀ ସହ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଗଜପତି ତାମଯାନରେ ବସି ଗୁଣ୍ଡିଚାଘର ନାକଚଣା ଦ୍ୱାରଠାରେ ରହିଥିବା ରଥ ନିକଟକୁ ଆସିଥାନ୍ତି । ସେଠାରେ ଶ୍ରୀଗୁଣ୍ଡିଚା ଦିନ ପରି ତିନି ରଥକୁ ଛେରାପହଁରା କରିଥାନ୍ତି । ଛେରାପହଁରା ନୀତି ସରିବା ପରେ ଭୋଇ ସେବକମାନେ ରଥରୁ ଚାରମାଳ ଖୋଲିବା ସଂଗେ ସଂଗେ ରୂପକାର ସେବକମାନେ ରଥରେ ଘୋଡ଼ା ବାନ୍ଧିଥାନ୍ତି । ମହାରଣା ଓ ଭୋଇ ସେବକମାନେ ରଥ ଦଉଡ଼ି ଲଗାଇବା ପରେ ରଥ ନିର୍ଦ୍ଦେଶକଦଳଙ୍କ ପରାମର୍ଶରେ ରଥଟଣା ହୋଇଥାଏ । ମଣ୍ଡପରେ ଲକ୍ଷ୍ମୀ ବିଜେ ହୋଇ ନନ୍ଦିଘୋଷ ରଥରେ ବିରାଜମାନ କରିଥିବା ଶ୍ରୀଜଗନ୍ନାଥଙ୍କ ସହିତ ଭେଟ ହୁଅନ୍ତି । ବାହୁଡ଼ା ଯାତ୍ରାରେ ଦକ୍ଷିଣାଭିମୁଖ ହୋଇ ବାହୁଡ଼ା ଯାତ୍ରା କରୁଥିବା ବେଳେ ଠାକୁରମାନଙ୍କୁ ଦର୍ଶନ କଲେ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

କଟକ -୪
ମୋ: ୯୦୪୦ ୧୫୧୪ ୭୫

## ଶୀତଳ ଭଣ୍ଡାର ଦାବିକୁ କର୍ଣ୍ଣପାତ କରୁନାହାନ୍ତି ସରକାର

ଦେବଗଡ଼,୪ ।୭ (ନିପ୍ର); ଓଡ଼ିଶାରେ ମୋଟ ତିରିଶ ଜିଲ୍ଲା ମଧ୍ୟରୁ ଜନସଂଖ୍ୟା ହିସାବରେ ସବୁଠାରୁ ଛୋଟ ଜିଲ୍ଲା ଦେବଗଡ଼ । ଏହା ୧୯୯୪ ମସିହାରେ ନୂତନ ଜିଲ୍ଲା ଭାବେ ମାନ୍ୟତା ପାଇଥିଲା । ତିନୋଟି ବ୍ଲକ ଓ ଗୋଟିଏ ମୁନିସିପାଲିଟିକୁ ନେଇ ଗଠିତ ଦେବଗଡ଼ ଜିଲ୍ଲା । କୃଷି ପ୍ରଧାନ ଏହି ଜିଲ୍ଲାର ପ୍ରାୟ ଲୋକ କୃଷି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି । ମୁଖ୍ୟତଃ ଧାନ ଚାଷ ସହିତ ବାଇଗଣ, ଆଳୁ, ଟମାଟୋ, ପିଆଜ, ଆମ୍ବ, ତରଭୁଜ, କମଳା, ଲିଚୁ ତଥା ବିଭିନ୍ନ ପନିପରିବା ଉତ୍ପାଦନ କରିଥାନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ ଜିଲ୍ଲା ମାନ୍ୟତା ପାଇବାର ଦୀର୍ଘ ୩୧ ବିତି ଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଗୋଟିଏ ଶୀତଳ ଭଣ୍ଡାର ହୋଇ ପାରି ନାହିଁ ।

ଯାହାଦ୍ୱାରା ଚାଷୀମାନଙ୍କୁ ନାହିଁ ନ ଥିବା କ୍ଷତି ସହିବାକୁ ପଡୁଛି । ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ବାରମ୍ବାର ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଦାବି କରାଯାଉ ଥିଲେ ମଧ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯଥାଶୀଘ୍ର ଶୀତଳଭଣ୍ଡାର ସ୍ଥାପନ କରାଗଲେ ଚାଷୀମାନେ ତାଙ୍କର ଅଭାବୀ ବିକ୍ରିରୁ ମୁକ୍ତ ହୋଇ ଉପଯୁକ୍ତ ପ୍ରାପ୍ୟ ପାଇପାରିବେ ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।

## ପ୍ରବଳ ବର୍ଷାରେ ଭାଙ୍ଗିଲା ଘର ଓ ଗାଈ ଗୁହାଳ

ଦାମନଯୋଡି,୪/୭(ନିପ୍ର): ବିଗତ ୧୫ଦିନ ହେଲା ଲଗାଣ ବର୍ଷା ଯୋଗୁଁ କୋରାପୁଟ ଜିଲ୍ଲାରେ ବହୁ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି । କୋରାପୁଟ ଜିଲ୍ଲା ସିମିଳିଗୁଡା ବ୍ଲକର ଚାରାଙ୍ଗୁଲ ଗ୍ରାମପଞ୍ଚାୟତ ଅଧୀନସ୍ଥ ଗୌଡଗୁଡ଼ା, କୁମ୍ଭାରଗୁଡ଼ା ଆଦି ଗ୍ରାମରେ ଲୋକଙ୍କ ଘର ଓ ଗାଈ ଗୁହାଳ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି । ଗଉଡ଼ଗୁଡ଼ା ନିବାସୀ ତୁମନାଥ ଗଉଡ଼ଙ୍କ ଘର ଭାଙ୍ଗି ଯାଇଥିବା ବେଳେ ବଳରାମ ଗଉଡ଼ଙ୍କ ଗାଈ ଗୁହାଳ ଭାଙ୍ଗି ସମ୍ପୂର୍ଣ୍ଣ ମାଟିରେ ମିଶି ଯାଇଛି। ସେହିପରି କୁମ୍ଭାରଗୁଡ଼ାର ଅସମତୀ ପାଙ୍ଗିଙ୍କ ଘର ଉପରେ ଗଛ ପଡ଼ି ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ସୂଚନା ମିଳିଛି । ଏ ଯାବତ୍ କ୍ଷତିଗ୍ରସ୍ତ ପରିବାରଙ୍କୁ କୌଣସି ସରକାରୀ ସୁବିଧା ମିଳିନଥିବା ଜଣା ପଡ଼ିଛି । ତେବେ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଚାରାଙ୍ଗୁଲ ସରପଞ୍ଚ ପ୍ରତିନିଧିଙ୍କ ସହ କଥା ହେବାରେ ସେ କହିଛନ୍ତି । କ୍ଷତିଗ୍ରସ୍ତ ପରିବାରଙ୍କୁ ପ୍ରଶାସନ ତୁରନ୍ତ କ୍ଷତିପୂରଣ ସହ ଥଇଥାନ କରିବାକୁ ସାଧାରଣରେ ଦାବି ହେଉଛି।



## ନିମ୍ନମାନର ରାସ୍ତା କାମକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ

ରାୟଗଡା,୪ ।୭ (ନିପ୍ର); ନିମ୍ନମାନର ରାସ୍ତା କାମକୁ ନେଇ ଗ୍ରାମବାସୀ ଅସନ୍ତୁଷ୍ଟ, ଅଞ୍ଚଳରେ ବୃଦ୍ଧିପାଉଛି ଉତ୍ତେଜନା, ଅଳ୍ପ ଦିନରେ ରାସ୍ତାରୁ ଉଠିଲାଣି ପିଚୁ। ରାୟଗଡା ଜିଲ୍ଲା ଅନ୍ତର୍ଗତ ମୁନିଗୁଡା ବ୍ଲକସ୍ଥିତ ଆଗୁଳ ପଞ୍ଚାୟତ ନିକଟ ନିଆଳି ଛକ ଠାରୁ ଭାୟା ମାଦାଖାଲ ମଧ ଦେଇ ହୁମାଗୁଞ୍ଜି ଯାକେ ପ୍ରାୟ ୫ କିଲୋମିଟର ନିର୍ମାଣ କରାଯାଇଥିବା ରାସ୍ତା କାମ ଯାହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରିଛି ତାହା ନିମ୍ନମାନର ବୋଲି ଅଭିଯୋଗ ହେଉଛି। ଏହି ଯେଉଁ ୫ କି. ମି. ପିଚୁ ରାସ୍ତା କାମ କରାଯାଇଛି ସେଥିରେ ହାତ ରେ କାଢ଼ିଲେ ପିଚୁ ବାହାରି ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତାକାମ ଚାଲିଥିବା ବେଳେ ଏହାକୁ ଦାୟିତ୍ୱରେ ଥିବା ଯନ୍ତ୍ରୀ ମାନେ ତଦାରଖ କରୁନଥିବାବେଳେ ଠିକାଦାରର ମଧ କାର୍ଯ୍ୟାସ୍ଥଳିରେ ଦେଖାମିଳିନଥାଏ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା କାମରେ ନିୟୋଜିତ ହୋଇଥିବା ଲେବର ମାନଙ୍କ ଦ୍ୱାରା କରାଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟରେ ଯେଉଁ ନିୟମରେ କରାଯିବା କଥା ସେପରି କରାଯାଇନଥିବା ଅଭିଯୋଗ ହୋଇଛି ।ଏପରି ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ସପ୍ତାହେ ମଧ୍ୟରେ ରାସ୍ତାରୁ ଘସିଫଡାପରି ଉଠିଯାଉଛି ପିଚୁ। ଯଦି ପିଚୁ ଉଠିଯାଉଛି ତେବେ ସାନି ପିଚୁ ପକାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ଗ୍ରାମବାସୀ ଏହି ନିମ୍ନମାନର ରାସ୍ତା କାମ ବିଷୟରେ ଯେ ଇ ସୁଜ୍ଞାନୀ ବେହେରାଙ୍କୁ ଜଣାଇବାରୁ ସେ ଏଥିପ୍ରତି କର୍ଣ୍ଣପାତ କରିନଥିବା ଗ୍ରାମବାସୀ କହିଛନ୍ତି। ଉପରିସ୍ଥ ବିଭାଗୀୟ ଅଧିକାରୀ ଗ୍ରାମବାସୀଙ୍କ ଅଭିଯୋଗକୁ ବିଚାରକୁ ନେଇ ଏହାର ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଜାଣିପାରନ୍ତେ ବୋଲି ବରିଷ୍ଠ ନାଗରିକମାନେ କହିଛନ୍ତି।

## ମହିଳାକୁ ମାଡ଼ ବିରୋଧରେ ମତ୍ସଜୀବୀର ସଂଘ ମେଳି

ରମ୍ଭା,୪ ।୭ (ନିପ୍ର): ନିକଟରେ ମତ୍ସ୍ୟଜୀବୀ ବିଧବା ମହିଳା କୁମାରୀ ବେହେରା ସମେତ ଅନ୍ୟାନ୍ୟ ମହିଳାକୁ ସ୍ୱୟଂ ଗୋଦାମ ମାଲିକଙ୍କ ଅମାନୁଷିକ ଭାବେ ନିଜର ଗୋଦାମ ଗୃହରେ



ମାଡ଼ ପିଟ କରି ଧମକ ଦେଇଥିବାରୁ ମତ୍ସଜୀବୀ ସଙ୍ଘ ନିନ୍ଦା କରିଛି। ଜନୈକଙ୍କ ପୁଅ ଚିଲିକା ସ୍ଥାନକୁ ଜୋର ଜବରଦସ୍ତ ଘର କରି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛି। ସଙ୍ଘ ତଥା ମହିଳା ଗୋଷ୍ଠୀ ଦାବି କରୁଛନ୍ତି ସେଠାରୁ ନ ହଟିଲେ ଆଇନ ହାତକୁ ନେବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି । କୁମାରୀ ବେହେରାକୁ ଅମାନୁଷିକ ଭାବେ ମାଡ଼ ପିଟ କରାଯାଇଛି। ବାଲୁଗାଁ ଥାନା ସହଯୋଗ କରୁନଥିବା ଅଭିଯୋଗ ହେଉଛି। ସେଥିପାଇଁ ଏସ୍‌ପି ଏବଂ ମୁଖ୍ୟମନ୍ତ୍ରୀ ପାଖକୁ ଯିବା ପାଇ ସସ୍ୟଜୀବୀ ସଂଘ ଚେତାବନୀ ଶୁଣାଇଛନ୍ତି। ମତ୍ସ୍ୟଜୀବୀ ମହାସଂଘ ସଭାପତି ଶ୍ୟାମ ସୁନ୍ଦର ବେହେରା,ସମ୍ପାଦକ କାଳନ୍ଦୀ ବେହେରା, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା,ପ୍ରକାଶ ବେହେରା, ରତନ ବେହେରା, ବାବୁ ବେହେରା ସମେତଏହି ଘଟଣାକୁ ନିନ୍ଦା କରିଛନ୍ତି. ଏହି ବୈଠକରେ ଭୀମସେନ ବେହେରା,ରମ୍ଭା ଏନ ଏ ସି ଉପାଧାକ କାଳିଆ ତରେଇ, ଘନଶ୍ୟାମ ବେହେରା, ଅଜିତ ବେହେରା, ଦୁଲହଣା ବେହେରା, ବାସନ୍ତୀ ବେହେରା ମହିଳା ଗୋଷ୍ଠୀ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଚିଲିକା କୂଳରେ ବୈଠକ ସହ ତାହାର ନିର୍ଯାସ କରି ସଂଘ ମହାମେଳି ହୋଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସଂଘବଦ୍ଧ ଭାବେ ବୈଠକରେ ନିଷ୍ପତ୍ତି ହୋଇଛି।

## ଟ୍ରିପର ତଳେ ଚାପି ହୋଇ ଜଣେ ମୃତ

ଡାବୁଗାଁ ,୪ ।୭ (ନିପ୍ର); ଡାବୁଗାଁ ବସ୍‌ଷ୍ଟାଣ୍ଡ ନିକଟରେ ଡାବୁଗାଁ – ବୋରିଗାଁ ରାସ୍ତା ଉପରେ ଏକ ଟ୍ରିପର ଚକା ତଳେ ଜଣେ ଚାପି ହୋଇ ମୃତ୍ୟୁ ବରଣ କରିଥିବା ଦେଖିବକୁ ମିଳିଛି। ସୂଚନାଯୋଗ୍ୟ ଡାବୁଗାଁ ଗ୍ରାମର ରାଜୁ ଯାଦବ (୫୩) । ସେ କୌଣସି କାମରେ ନିଜ ହୋଟେଲରୁ ବାହାରି ଯାଉଥିବା ସମୟରେ ଏକ ଟ୍ରିପର ନଂ ଓଡି ୨୬ ଜି ୩୬୩୦ ଡାବୁଗାଁ ପଟୁ ବୋରିଗାଁ ରାସ୍ତାରେ ଯାଉଥିବା ବେଳେ ଟ୍ରିପର ଚକାତଳେ ଚାପି ହୋଇ ଯାଇଥିଲେ। ଫଳରେ ଘଟଣସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଟ୍ରିପରର ପଛ ଚକା ମୃତ ବ୍ୟକ୍ତିଉପରେ ଚାପି ହେବାପରେ ଡ୍ରାଇଭର ଗାଡି ନ ଅଟକାଇ ସେଠାରୁ ଗାଡି ନେଇ ଚାଲିଗଲା ଏବଂ ମଝିଗୁଡ଼ା ନିକଟରେ ଗାଡି ରଖି ଫେରାର ହୋଇଯାଇଛି । ଏହି ଘଟଣା ପରେ ପରିବାର ଲୋକେ ରାସ୍ତା ଅବରୋଧ କରିଥିଲେ । ସୂଚନା ପାଇ ଘଟଣା ସ୍ଥଳରେ ଡାବୁଗାଁ ପୋଲିସ୍ ପହଞ୍ଚି ଥିଲା ଏବଂ ଟ୍ରିପରକୁ ଜବତ କରି ଡାବୁଗାଁ ଥାନା ପରିସରରେ ରଖି ଘଟଣାର ତଦନ୍ତ ଜାରି ରଖିଛନ୍ତି । ଡାବୁଗାଁରେ ଏପରି ଦୁର୍ଘଟଣାର ହେଉଥିବା ମୁଖ୍ୟ କାରଣ ହେଉଛି ଡାବୁଗାଁ – ବୋରିଗାଁ ରାସ୍ତା ଓ ଡାବୁଗାଁ – ମାନିଗାଁର ରାସ୍ତା କଡ଼ରେ ଥିବା ଉଠା ଦୋକାନୀମାନେ ରାସ୍ତାକୁ ଲଗାଇ କେବିନ୍ ଗୁଡ଼ିକ ପକାଇବା ଦ୍ୱାରା ଏହି ଦୁଇ ଲାଇନ୍‌ରେ ପ୍ରତ୍ୟେକ ଦିନ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି। ଏବଂ ଏଭଳି ଛୋଟ ବଡ଼ ଦୁର୍ଘଟଣା ଘଟିଯାଉଛି। ଏଥି ପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

# କାଳିଗିରି ବ୍ରିଜ୍ ଶେଷ ହେବା ଅନିଶ୍ଚିତ, ଅସ୍ଥାୟୀ ରାସ୍ତା ବିପଦ ସଂକୁଳ

ଭାପୁର,୦୪/୦୭(ନିପ୍ର) କଳାପଥର- କଣ୍ଟିଲୋ ମଧ ଦେଇ ଯାଇଥିବା ୪୮ ନମ୍ବର ରାଜ୍ୟ ରାଜପଥର ଫତେଗଡ ଗ୍ରାମ ସନ୍ନିକଟ କାଳିଗିରି ବ୍ରିଜ୍ ଅସ୍ଥାୟୀ ରାସ୍ତା ଅତ୍ୟନ୍ତ ଦୟନୀୟ ଓ ବିପଦସଙ୍କୁଳ ହୋଇପଡ଼ିଛି । ନୂତନ ବ୍ରିଜ୍ ନିର୍ମାଣ ଚାରି ବର୍ଷ ହେଲା ଚାଲିଥିବା ବେଳେ ଶେଷ ହେବାର ନାଁ ଧରୁ ନାହିଁ । ନୂତନ ବ୍ରିଜ୍ ନିର୍ମାଣ ଚାଲି ଥିବାରୁ ଯାତାୟାତ ପାଇଁ ଏକ ଶାଖା ପଥ ଅସ୍ଥାୟୀ ଭାବରେ ନିର୍ମାଣ ହୋଇଛି ଯାହାକି ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ସେହି ଶାଖା ବାଟରେ ଯାନବାହନ ଯାତାୟାତ କରୁଛି । ରାସ୍ତା ରେ ୩/୪ ବର୍ଷ ମଧ୍ୟରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ଧନ ଓ ଜୀବନ ହାନି ହେବାର ନଜିର ରହି ଆସିଛି କିନ୍ତୁ, ପ୍ରଶାସନର ନିଦ୍ରା ଭଙ୍ଗ ହୋଇ ନଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।



୪୮ ନମ୍ବର ରାଜ୍ୟ ରାଜପଥର କାଳିଗିରି ବ୍ରିଜ୍ ଏକ ମୁଖ୍ୟ ରାସ୍ତାର ବ୍ରିଜ୍ ଏବଂ କାର୍ଯ୍ୟ ଧୀରେ ଧୀରେ ହେଉଥିବାରୁ ବିଳମ୍ବ ନେଇ ତୀବ୍ର ଅସନ୍ତୋଷ ସାଧାରଣରେ ପ୍ରକାଶ ପାଇଲାଣି । ଏଭଳିକି, ବର୍ଷା ଦିନେ ମହାନଦୀରେ ବନ୍ୟା ଆସିଲେ ତାର ଶାଖା ନଦୀ କାଳିଗିରି ବ୍ରିଜ୍‌ର ଅସ୍ଥାୟୀ ରାସ୍ତା ଉପରେ ପାଣି ହୋଇଯିବାରୁ ୩/୪ ଦିନ ଧରି ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଏ ।

ପ୍ରତିଦିନ ୨୪ ଘଣ୍ଟା ଧରି କଳାପଥର ଠାରୁ କଣ୍ଟିଲୋ - ଖଣ୍ଡପଡା ରାସ୍ତାରେ ଶହଶହ ଗାଡି ମୋଟର ଓ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନାଗରିକ ପର୍ଯ୍ୟନ୍ତ ଯାତାୟାତର କାଳିଗିରି ବ୍ରିଜ୍ 'ଲାଇଫ୍ ଲାଇନ୍' ହୋଇଥିବାବେଳେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ଧୀରେଧୀରେ ହେଉଥିବାରୁ ଜାତୀୟ ରାଜପଥ ବିଭାଗ ଏକ ଏକ୍ସପର୍ଟ ଟିମ୍ ଘଟଣାସ୍ଥଳକୁ ପଠେଇ କାର୍ଯ୍ୟ ବିଳମ୍ବକୁ ନେଇ ତଦନ୍ତ କରିବା ନିମନ୍ତେ ଭାପୁର ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ବନମହୋତ୍ସବ ଓ ସଚେତନତା କାର୍ଯ୍ୟକ୍ରମ

ରେଢ଼ାଖୋଲ ୪/୭ (ନିପ୍ର) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନ ବିଭାଗ ପକ୍ଷରୁ ସ୍ଥାନୀୟ କଦଳୀଗଡ ପିଏମ୍‌ଶ୍ରୀ ଉନ୍ନୀତ ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ଶୁକ୍ରବାର ୭୬ ତମ ବନ ମହୋତ୍ସବ ପାଳିତ ହେବା ଅବସରରେ ବନ ବିଭାଗ ଏବଂ ଛାତ୍ରଛାତ୍ରୀଙ୍କୁ ନେଇ ବୃକ୍ଷରୋପଣ କରାଯାଇଛି । ଏହି ବନମହୋତ୍ସବରେ ରେଢ଼ାଖୋଲ ବନବିଭାଗ ଅଧିକାରୀ ଡ଼ ଏଲାବରେସନ୍ କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ଉପରେ ଉପସ୍ଥିତ ଛାତ୍ରୀମାନଙ୍କୁ ଏବଂ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କୁ ବୃକ୍ଷରୋପଣ ମହତ୍ତ୍ୱ, ଗ୍ଲୋବାଲ ୱାର୍ମିଙ୍ଗ,ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିରେ ରେଞ୍ଜ ଅଧିକାରୀ ପ୍ରଜ୍ଞାପରମିତା ଦିପ୍, କଦଳୀଗଡ ସେକ୍ସନ୍ ଫରେଷ୍ଟର ସଞ୍ଜୟ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ ପଧାନ, ସରପଞ୍ଚ ସରୋଜ ସେଠୀ, ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପ୍ରଧାନ, ସ୍କୁଲ ପରିଚାଳନା ସଭାପତି ପଦ୍ମନାଭ ବିଶୀ,ଶିକ୍ଷକ ଶ୍ରୀକାନ୍ତ ମହାନ୍ତି, ଦୁଃଖି ଶ୍ୟାମ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା ଅତିଥିମାନେ ବନ ମହୋତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଓ ସଚେତନତାକୁ



ନେଇ ବନ କର୍ମଚାରୀମାନଙ୍କୁ ଓ ଛାତ୍ରୀମାନଙ୍କୁ ଅବଗତ କରିବା ସହ ବର୍ତ୍ତମାନ ସମୟରେ ଜଙ୍ଗଲ ଅବକ୍ଷୟ ଯୋଗୁଁ ଉତ୍ତାପ ବୃଦ୍ଧି, ଜଳବାୟୁ ପରିବର୍ତ୍ତନ , ଜଙ୍ଗଲ କ୍ଷୟ ହେଲେ ମନୁଷ୍ୟ ଉପରେ ପଡୁଥିବା ପ୍ରଭାବ, ତତ୍ ସହିତ ନୂତନ ଜଙ୍ଗଲ ସୃଷ୍ଟି କରିବା,ବୃକ୍ଷ ରୋପଣ କରିବା ଇତ୍ୟାଦି ଉପରେ ପ୍ରତିକ୍ରିୟା ଦେବା ସହ ସମସ୍ତେ ମିଶି ବୃକ୍ଷରୋପଣ କରିବା ସହ ଅନ୍ୟ ମାନଙ୍କୁ ବୃକ୍ଷ ରୋପଣ ପାଇଁ ସଚେତନ କରାଇବା ପାଇଁ କହିଥିଲେ ।

## ଦୁଇ କୁଖ୍ୟାତ ଚୋର ଗିରଫ

ରାଉରକେଲା ୪/୭ (ନିପ୍ର); ସହରର ୨ ପେସାଦାର ଚୋରଙ୍କୁ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିବା ସହ ୩ ବାଇକ୍ ଉଦ୍ଧାର କରିଛି। ଅଭିଯୁକ୍ତମାନେ ହେଲେ ଗୁରୁଦ୍ୱାର ରୋଡ୍ ଅଞ୍ଚଳର ଶମ୍ଭୁ ସାହୁ(୨୩) ଏବଂ ମାଲଗୋଦାମ ଏଫ୍‌ସିଆଇ ବସ୍ତି ଅଞ୍ଚଳର ମନୁ ସାହୁ(୨୬) ବର୍ଷ। ସେମାନଙ୍କଠାରୁ



୩ଟି ଚୋରି ବାଇକ୍ ଜବତ କରାଯାଇଛି। ସୂଚନା ଅନୁସାରେ ମଇ ୩୧ ତାରିଖ, ଜୁନ୍ ୨୫ ତାରିଖ ଓ ଜୁନ୍ ୩୦ ତାରିଖରେ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ୩ଟି (ଓଡି-୧୪ପି ୧୭୧୦, ଓଆର ୧୪ଭି ୫୬୨୯ ଏବଂ ଓଆର ୧୪ଏନ୍ ୯୭୬୧) ବାଇକ୍ ଚୋରି ହୋଇଥିଲା। ପ୍ଲାଣ୍ଟସାଇଟ୍ ପୁଲିସ୍ ମାମଲା ରୁଜୁକରି ତଦନ୍ତ କରୁଥିଲା ବେଳେ, ସହରର ୨ ପୁରୁଣା କୁଖ୍ୟାତ ଅପରାଧୀଙ୍କୁ କାବୁକରି ପଚରାଉଚରା କରାଯାଇଥିଲା। ଜେରା ସମୟରେ ଉଭୟ ମିଶି ୩ଟି ବାଇକ୍ ଚୋରି କରିଥିବା ପୁଲିସକୁ କହିଥିଲେ । ଅଭିଯୁକ୍ତ ଶମ୍ଭୁ ନାଁରେ ପ୍ଲାଣ୍ଟସାଇଟ୍ ଥାନାରେ ଚୋରି, ଡକାୟତି ଓ ବନ୍ଧୁକ ଚାଲାଣ ଭଳି ୧୪ଟି ମାମଲା ଓ ମନୁ ନାଁରେ ସହରର ଏକାଧିକ ଥାନାରେ ଚୋରି ଓ ଡକାୟତି ମାମଲା ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ ନ ମିଳିବା ନେଇ ମାଲିକ ସଂଘର ଅଭିଯୋଗ

ଦେବଗଡ଼,୪ ।୭(ନିପ୍ର):ଦେବଗଡ଼ ଜିଲ୍ଲାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ତନ୍ମଧ୍ୟରୁ ନୂଆ ବାଲିରୋଇ ସ୍ଥିତ ନୂତନ ଭାବେ ନିର୍ମିତ ହୋଇଥିବା ବସ୍‌ଷ୍ଟାଣ୍ଡକୁ ମଧ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । କିନ୍ତୁ ଏ ନେଇ ଜିଲ୍ଲା ବସମାଲିକ ସଂଘ ସ୍ଥାନୀୟ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରି ସ୍ଥାନୀୟ ପ୍ରଶାସନ, ମାଲିକ ସଂଘକୁ କୌଣସି ପ୍ରକାର ବସଷ୍ଟାଣ୍ଡ ଉଦ୍‌ଘାଟନ ପାଇଁ ନିମନ୍ତ୍ରଣ କିମ୍ବା ସୂଚନା ଦେଇ ନ ଥିବା ଅଭିଯୋଗ କରିଛନ୍ତି । ଜିଲ୍ଲା ପ୍ରଶାସନର ଏ ପ୍ରକାରର ମନୋଭାବକୁ ମାଲିକ ସଂଘ ତରଫରୁ ନିନ୍ଦା କରାଯାଇଛି । କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ପ୍ରକାର ଅଭିଯୋଗକୁ ଖଣ୍ଡନ କରାଯାଇଛି ଓ ଘରୋଇ ବସ୍ ମାଲିକ ସଂଘକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବସଷ୍ଟାଣ୍ଡ ଉଦ୍‌ଘାଟନ ପାଇଁ ନିମନ୍ତ୍ରଣ ପତ୍ର ଦିଆଯାଇଥିବା ସୂଚନା ଦିଆଯାଇଛି ।

## ସ୍କୁଲ ଛାତରୁ ଗଳୁଛି ପାଣି, ବାରଣ୍ଡାରେ ପାଠପଢ଼ା

କେସିଙ୍ଗା,୪ ।୭ (ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧୀନ ବାଲସି ପଞ୍ଚାୟତର କୋକୋଡ଼ମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତରୁ ବର୍ଷା ପାଣି ଗଳୁଥିବାରୁ ଛାତ୍ରୀଛାତ୍ର ଗୁରୁବାର ସ୍କୁଲ ବାରଣ୍ଡାରେ ବସି ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଥିଲା। ୧୯୮୧ରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ୨୪ ଜଣ ଛାତ୍ରୀଛାତ୍ର ଥିବାବେଳେ ଦୁଇଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଲଘୁଚାପ ଜନିତ ବର୍ଷାରେ ଶ୍ରେଣୀ ଗୃହ, ରୋଷେଇ ଘର, କାର୍ଯ୍ୟାଳୟ ଓ ଗୋଦାମରେ ପାଣି ଗଳୁଛି। ସ୍କୁଲ ଛାତରୁ ସିମେଣ୍ଟ ଖଣ୍ଡ ଖସୁଛି। ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ପିଲାଙ୍କୁ ସ୍କୁଲ ବାରଣ୍ଡାରେ ବସାଇ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହି ସମସ୍ୟା ନେଇ ପୂର୍ବରୁ ସ୍କୁଲ ଶିକ୍ଷା କମିଟି ସଭାପତି, ଅଭିଭାବକ ମାନେ ଅଭିଯୋଗ କରିଥିଲେ। ପୁନଶ୍ଚ ବର୍ଷାଜନିତ ସମସ୍ୟା ନେଇ ଅଭିଭାବକଙ୍କଠାରୁ ଖବର ପାଇ ସିଆରସିସି ଆଶୁତୋଷ ଭୋଇ ସ୍କୁଲ ପରିଦର୍ଶନରେ ଆସିଥିଲେ।

ସେ ଏହି ସମସ୍ୟା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇବେ ବୋଲି ପ୍ରକାଶ କରିଥିବା ବେଳେ ବିଇଓ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ସେ ଛାତ୍ରଛାତ୍ରୀ ମାନଙ୍କୁ ଶୀଘ୍ର ଅନ୍ୟ ଜାଗାକୁ ସ୍ଥାନାନ୍ତର କରାଯିବ ଏବଂ ନୂଆ କୋଠା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



## ବର୍ଷାରେ କୁଡ଼ାପଡ଼ା-ଗୟାମାଲ ରାସ୍ତା ଶୋଚନୀୟ

କୁଚିଣ୍ଡା,୪ ।୭ (ନିପ୍ର); ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ଼ ପଞ୍ଚାୟତ କୁଡାପଡା- ଗୟାମାଲ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ରାସ୍ତାଟି କୁଚିଣ୍ଡାରୁ ଫାଶିମାଲକୁ ସଂଯୋଗ କରୁଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଯିବା ଆସିବା କରିଥାନ୍ତି। ହେଲେ ବର୍ଷା ଯୋଗୁଁ ଯାତାୟାତରେ ବାଧକ ସାଜିଛି। ଗାୟମାଲ ଗ୍ରାମବାସୀ ପଞ୍ଚାୟତ ମୁଖ୍ୟାଳୟ କୁଲେଇଗଡ଼କୁ ଏହି ରାସ୍ତା ଦେଇ ଭତ୍ତା, ଚାଉଳ ଆଣିବା ପାଇଁ ପଞ୍ଚାୟତକୁ ଯାଉଥିବା ବେଳେ ସ୍କୁଲ କଲେଜ ପିଲାମାନେ ପ୍ରତିଦିନ ଏଥିରେ ଯିବାଆସିବା କରିଥାନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ପାଣିକାଦୁଅ ରାସ୍ତା ଅତିକ୍ରମ କରି ରୋଗୀମାନେ ବହୁକଷ୍ଟରେ କୁଚିଣ୍ଡା ମେଡିକାଲକୁ ଯାଉଛନ୍ତି। ତେଣୁ ବ୍ଲକ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।



## ବାଇକ୍ ଚୋରି ଅଭିଯୋଗ: ୪ ଗିରଫ

ରାଜଗାଙ୍ଗପୁର, ୪ ।୭(ନିପ୍ର); ରାଜଗାଙ୍ଗପୁରରେ ବାଇକ୍ ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭାଟାପଡାର ମହମ୍ମଦ ସଲିମ, ରବାନି ଚୌକର ମହମ୍ମଦ ନିଶାର, ବଡଗାଁ ଜରଙ୍ଗଲୋଇର ଝସକେତନ ବାଗ ଏବଂ ଅମିତ ନାଏକ। ଅଭିଯୁକ୍ତଙ୍କଠାରୁ ୩ଟି ବାଇକ୍ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ରାଜଗାଙ୍ଗପୁରରେ କିଛିଦିନ ହେବ ବାଇକ୍ ଚୋରି ହେଉଥିବାର ଅଭିଯୋଗ ହେଉଥିଲା। ଏ ସଂକ୍ରାନ୍ତରେ ରାଜଗାଙ୍ଗପୁର ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଲିମ, ନିଶାରଙ୍କୁ ଗିରଫ କରିବା ସହିତ ଚୋରି ହୋଇଥିବା ବାଇକ୍‌କୁ ନେଇଥିବା ଅଭିଯୋଗରେ ଝସକେତନ ଓ ଅମିତଙ୍କୁ ଗିରଫ କରାଯାଇଛି।

## ଟୁରିଜିମ୍ କର୍ପୋରେସନ ପକ୍ଷରୁ ଭାରତ ଗୌରବ ଟ୍ରେନରେ ଦକ୍ଷିଣ ଭାରତ ଯାତ୍ରା

ରାଉରକେଲା,୪ ।୭(ନିପ୍ର); ଭାରତ ଗୌରବ ଟ୍ରେନରେ ଦକ୍ଷିଣ ଭାରତ ଯାତ୍ରା ପାଇଁ ଇଣ୍ଡିଆନ ରେଲୱେ କାଟରିଂ ଏଣ୍ଡ୍ ଟୁରିଜିମ୍ କର୍ପୋରେସନ ଲିମିଟେଡ ପକ୍ଷରୁ ୨୭ ଜୁଲାଇ ୨୦୨୫ରେ ଭାଗଲପୁରରୁ ଆରମ୍ଭ ହେଉଥିବା ଭାରତ ଗୌରବ ସ୍ୱତନ୍ତ୍ର ପର୍ଯ୍ୟଟନ ଟ୍ରେନ ଦ୍ୱାରା ୧୨ ଦିନିଆ ରେଳ ଯାତ୍ରା, ବହୁ ପ୍ରତୀକ୍ଷିତ ଦକ୍ଷିଣ ଭାରତ ଯାତ୍ରା ଆରମ୍ଭ କରିବାକୁ ଘୋଷଣା କରାଯାଇଛି। ଦକ୍ଷିଣ ଭାରତ ଯାତ୍ରା କରିବା ଭକ୍ତମାନଙ୍କ ପାଇଁ ଏକ ଆଧ୍ୟାତ୍ମିକ ଭାବ ଏବଂ କମ ଖର୍ଚ୍ଚରେ ତୀର୍ଥଯାତ୍ରାର ସୁଯୋଗ ପ୍ରଦାନ କରେ ବୋଲି ରାଉରକେଲା ରେଳଷ୍ଟେସନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଯାତ୍ରା ଭକ୍ତମାନଙ୍କୁ ଦକ୍ଷିଣ ଭାରତର କିଛି ସର୍ବୋତ୍ତମ ମନ୍ଦିର ଏବଂ ପବିତ୍ର ସ୍ଥାନରେ ଆଶୀର୍ବାଦ ପାଇବା ସହ ସେମାନଙ୍କର ଆଧ୍ୟାତ୍ମିକ ସଂଯୋଗକୁ ଆହୁରି ଗଭୀର କରିବ ଏବଂ ଦିବ୍ୟ ଉପସ୍ଥିତି ଅନୁଭବ କରିବାର ସୁଯୋଗ ପ୍ରଦାନ କରିବ। ଏହି ତୀର୍ଥଯାତ୍ରାରେ ଭାରତ ଗୌରବ ଟ୍ରେନ ଯାତ୍ରୀମାନଙ୍କୁ ତିରୁପତି, ରାମେଶ୍ୱରମ୍, ମଦୁରାଇ, କନ୍ୟାକୁମାରୀ ଏବଂ ମଲ୍ଲିକାର୍ଜୁନକୁ ନେଇଯିବ। ଏହି ଯାତ୍ରାରେ ଭାଗଲପୁର, ଜସିଡିହ, ମଧୁପୁର, ବାରାକର, ଧନବାଦ, ବୋକାରୋ ଷ୍ଟିଲ୍ ସିଟି, ମୁରି, ରାଞ୍ଚି, ରାଉରକେଲା, ଝାରସୁଗୁଡା, ଚମ୍ପା, ବିଳାସପୁର, ରାୟପୁର ଏବଂ ଦୁର୍ଗ ସମେତ ଅନେକ ବୋର୍ଡିଂ ଏବଂ ଡି-ବୋର୍ଡିଂ ପଏଣ୍ଟ ପ୍ରଦାନ କରିବ। ଏହି ଟ୍ରେନ୍ ତୀର୍ଥଯାତ୍ରୀଙ୍କୁ ୧୧ ରାତି ଏବଂ ୧୨ ଦିନ ଯାତ୍ରା କରିବାର ସୁଯୋଗ ପ୍ରଦାନ କରିବ। ଏହି ଭାରତ ଗୌରବ ଟ୍ରେନ୍ ରାଉରକେଲା ରେଳଷ୍ଟେସନରୁ ୩୧ ଜୁଲାଇ ୨୦୨୫ରେ ବାହାରି ୧୧ ଅଗଷ୍ଟ ୨୦୨୫ରେ ଫେରିବ ବୋଲି ସୂଚନା ଦିଆଯାଇଛି। ଏଥିରେ ପ୍ରଦାନ କରାଯାଉଥିବା ଶ୍ରେଣୀ ମଧ୍ୟରେ ସ୍ଲିପର ଶ୍ରେଣୀ (ଅର୍ଥନୀତି) ୭୨୦ ଆସନ, ୩ଏସି (ମାନକ)- ୭୦ ଆସନ। ଏଥିରେ ସୁଲଭ ପ୍ୟାକେଜ୍ ଦର ଅର୍ଥନୀତି ଶ୍ରେଣୀ ପାଇଁ ପ୍ରତି ବ୍ୟକ୍ତି ପିଛା ୨୨ ହଜାର ୭୬୦ ଟଙ୍କା (ଜିଏସଟି ସହିତ) ରଖାଯାଇଥିବା ବେଳେ ଆଦର୍ଶ ଶ୍ରେଣୀ ପାଇଁ ପ୍ରତି ବ୍ୟକ୍ତି ପିଛା ୩୯ ହଜାର ୯୯୦ ଟଙ୍କା (ଜିଏସଟି ସହିତ) ରଖାଯାଇଛି। ସେହିପରି ପ୍ୟାକେଜ୍‌ର ସୁବିଧା ଗୁଡିକ ମଧ୍ୟରେ ରହିଛି ନିଶ୍ଚିତ ଟ୍ରେନ୍ ଟିକେଟ୍, ସମସ୍ତ ଖାଦ୍ୟ (ଚା, ଜଳଖିଆ, ମଧ୍ୟାହ୍ନ ଭୋଜନ, ରାତ୍ରୀଭୋଜନ)। ଡବଲ କିମ୍ବା ଟ୍ରିପଲ୍ ସେୟାରିଂ ଆଧାରରେ ଆରାମଦାୟକ ଏବଂ ପରିଷ୍କାର ରହଣି (ଅର୍ଥନୀତି, ନନ୍-ଏସି, ଏସି ଓ ମାନକ ଏବଂ ଆରାମଦାୟକ ଶ୍ରେଣୀ)। ବସ୍ ଦ୍ୱାରା ସ୍ଥାନାନ୍ତର ଏବଂ ଦର୍ଶନ (ଅର୍ଥନୀତି ପାଇଁ ନନ୍-ଏସି ଏବଂ ମାନକ ଶ୍ରେଣୀ ପାଇଁ ଏସି)। ଅନ୍-ବୋର୍ଡ ଏସ୍କର୍ଟ, ହାଉସକିପିଂ, ସୁରକ୍ଷା ଏବଂ ପାରାମେଡିକାଲ୍ କର୍ମଚାରୀମାନେ ମୌଳିକ ଔଷଧ ଯୋଗାଇ ଦେବାର ସୁବିଧା ସହିତ। ଏହି ଯାତ୍ରା ସୁଲଭ ମୂଲ୍ୟରେ ଆରାମ, ସୁରକ୍ଷା ଏବଂ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ପ୍ରଦାନ କରେ ବୋଲି ଇଣ୍ଡିଆନ୍ ରେଲୱେ କାଟରିଂ ଏଣ୍ଡ୍ ଟୁରିଜିମ୍ କର୍ପୋରେସନ ପକ୍ଷରୁ ସୂଚନା ଦିଆଯାଇଛି। ଯାହା ଜୀବନରେ ଥରେ ଗୋଟିଏ ଯାତ୍ରାରେ ଅନେକ ଧାର୍ମିକ ସ୍ଥାନ ପରିଦର୍ଶନ କରିବାର ସୁଯୋଗ ସୃଷ୍ଟି କରିବ। ଟିକେଟ୍ ବୁକିଂ ଏବଂ ସମସ୍ତ ବିବରଣୀ ପାଇଁ ରେଲୱେର www.irctctourism.comକୁ ଯାଆନ୍ତୁ। ଅଥବା ହେଲପଲାଇନ୍ ନମ୍ବର: ୮୫୯୫୯୩୭୭୧୧କୁ କଲ୍ କରନ୍ତୁ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରେଲୱେ କେଟରିଂ ଏଣ୍ଡ ଟୁରିଜିମ୍ କର୍ପୋରେସନ ଲିମିଟେଡର ଏଏମ୍ ମୈଙ୍କ ଦତ୍ତା, ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଜିତେନ୍ଦ୍ର କୁମାରଙ୍କ ସମେତ ଚିଫ୍ ସୁପରଭାଇଜର କୀର୍ତ୍ତନ କୁମାର ଚୌଧୁରୀ ଉପସ୍ଥିତ ଥିଲେ।

# ବନ୍ଦ ହେବ ଆଉ ଏକ ଯୁଦ୍ଧ, ଟ୍ରମ୍ପଙ୍କ ଆକଳନ



ୱାଶିଂଟନ,୪ ।୭: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର କହିଛନ୍ତି ଯେ ପାଲେଷ୍ଟାଇନୀ ଆତଙ୍କବାଦୀ ସଂଗଠନ ହମାସ ଗାଜାରେ ଇସ୍ରାଏଲ-ହମାସ ଯୁଦ୍ଧବିରତି ପାଇଁ ଚୂଡ଼ାନ୍ତ ପ୍ରସ୍ତାବ ଗ୍ରହଣ କରିବାକୁ ରାଜି ହୋଇଛି କି ନାହିଁ ତାହା ସମ୍ଭବତଃ ୨୪ଘଣ୍ଟା ମଧ୍ୟରେ ଜଣାପଡିବ। ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ସେ ଆବ୍ରାହାମ ଚୁକ୍ତିକୁ ବିସ୍ତାର କରିବା ବିଷୟରେ ସାଉଦି ଆରବ ସହିତ କଥା ହୋଇଛନ୍ତି, ଏହା ସମ୍ପର୍କ ସ୍ୱାଭାବିକ କରିବା ପାଇଁ ଏକ ଚୁକ୍ତି ଯାହା ତାଙ୍କ ପ୍ରଶାସନ ତାଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ ଇସ୍ରାଏଲ ଏବଂ କିଛି ଉପସାଗରୀୟ ଦେଶ ମଧ୍ୟରେ ଆଲୋଚନା କରିଥିଲା। ଟ୍ରମ୍ପ ମଙ୍ଗଳବାର କହିଥିଲେ ଯେ ଇସ୍ରାଏଲ ହମାସ ସହିତ ୬୦ ଦିନିଆ ଯୁଦ୍ଧବିରତି ଚୂଡ଼ାନ୍ତ କରିବା ପାଇଁ ଆବଶ୍ୟକ ସର୍ତ୍ତାବଳୀ ଗ୍ରହଣ କରିଛି ଯାହା ମଧ୍ୟରେ ଉଭୟ ପକ୍ଷ ଯୁଦ୍ଧ ସମାପ୍ତ କରିବା ପାଇଁ କାମ କରିବେ। ଯେତେବେଳେ ଟ୍ରମ୍ପଙ୍କୁ ପଚରାଗଲା ଯେ ହମାସ ଯୁଦ୍ଧବିରତି ଚୁକ୍ତିର ସଦ୍ୟତମ ରୂପରେଖାରେ ରାଜି ହୋଇଛି କି ନାହିଁ, ସେ କହିଥିଲେ, 'ଆମେ ଦେଖିବୁ କ'ଣ ହୁଏ, ଆମେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଜାଣିବୁ।' ହମାସର ଏକ ନିକଟତର ସୂତ୍ର ଗୁରୁବାର କହିଛି ଯେ ଇସଲାମିକ ଗୋଷ୍ଠୀ ଗ୍ୟାରେଣ୍ଟି ମାଗିଛି ଯେ ଏକ ନୂତନ ଆମେରିକା-ସମର୍ଥିତ ଯୁଦ୍ଧବିରତି ପ୍ରସ୍ତାବ ଗାଜାରେ ଇସ୍ରାଏଲର ଯୁଦ୍ଧ ସମାପ୍ତ କରିବ। ଦୁଇ ଇସ୍ରାଏଲୀ ଅଧିକାରୀ କହିଛନ୍ତି ଯେ ସେହି ବିବରଣୀଗୁଡ଼ିକ ଏପର୍ଯ୍ୟନ୍ତ କାର୍ଯ୍ୟ କରାଯାଉଛି। ଗାଜା ଅଧିକାରୀଙ୍କ ଅନୁଯାୟୀ ଗୁରୁବାର ଇସ୍ରାଏଲୀ ଆକ୍ରମଣରେ ଡଜନେ ପାଲେଷ୍ଟାଇନୀ ନିହତ ହୋଇଥିଲେ। ଦଶନ୍ଧି ଧରି ଚାଲିଥିବା ଇସ୍ରାଏଲୀ-ପାଲେଷ୍ଟାଇନ ସଂଘର୍ଷର ସଦ୍ୟତମ ବୃଦ୍ଧି ଅକ୍ଟୋବର ୨୦୨୩ ରେ ଆରମ୍ଭ ହୋଇଥିଲା। ଯେତେବେଳେ ହମାସ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା, ଯେଉଁଥିରେ ୧,୨୦୦ ଲୋକଙ୍କୁ ହତ୍ୟା କରାଯାଇଥିଲା ଏବଂ ପ୍ରାୟ ୨୫୦ ଜଣଙ୍କୁ ବନ୍ଧକ କରାଯାଇଥିଲା। ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ପରବର୍ତ୍ତୀ ଇସ୍ରାଏଲୀ ସାମରିକ ଆକ୍ରମଣରେ ୫୬,୦୦୦ରୁ ଅଧିକ ପାଲେଷ୍ଟାଇନୀ ନିହତ ହୋଇଛନ୍ତି। ଏହି ଯୁଦ୍ଧ ମଧ୍ୟ ଦୁର୍ଭିକ୍ଷ ସୃଷ୍ଟି କରିଛି, ଗାଜାର ସମଗ୍ର ଜନସଂଖ୍ୟାକୁ ଆଭ୍ୟନ୍ତରୀଣ ଭାବରେ ବିସ୍ଥାପିତ କରିଛି ଏବଂ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତରେ ନରସଂହାର ଏବଂ ଆନ୍ତର୍ଜାତୀୟ ଅପରାଧ ଅଦାଲତରେ ଯୁଦ୍ଧ ଅପରାଧର ଅଭିଯୋଗ ଆଣିଛି। ଇସ୍ରାଏଲ ଏହି ଅଭିଯୋଗଗୁଡ଼ିକୁ ଅସ୍ୱୀକାର କରିଛି। ଟ୍ରମ୍ପ ଏହି ବର୍ଷ ପ୍ରାରମ୍ଭରେ ଗାଜା ଉପରେ ଆମେରିକାର ଦଖଲ ପ୍ରସ୍ତାବ ଦେଇଥିଲେ, ଯାହାକୁ ମାନବାଧିକାର ବିଶେଷଜ୍ଞ, ଜାତିସଂଘ ଏବଂ ପାଲେଷ୍ଟାଇନୀମାନେ ବିଶ୍ୱବ୍ୟାପୀ ନିନ୍ଦା କରିଥିଲେ।

# ମୁଖ୍ୟମନ୍ତ୍ରୀ ଦୌଡ଼ରେ ଆରଜେଡି ନେତା

## ସି-ଭୋଟର ସର୍ଭେ: ତେଜସ୍ୱୀ ଯାଦବ ଶୀର୍ଷରେ



ପାଟଣା,୪ ।୭: କିଏ ହେବ ବିହାରର ମୁଖ୍ୟମନ୍ତ୍ରୀ? ଚାଲିଛି ଅଙ୍କକଷା । ନିର୍ବାଚନ ଯେତିକି ପାଖେଇ ଆସୁଛି ବିହାର ରାଜନୀତି ସେତିକି ସରଗରମ ହେଉଛି । ବୟାନବାଜି, ଦଳ ଡିଆଁ ରାଜନୀତି ଭିତରେ କିଏ ହେବେ ବିହାର ସେନେଇ ଆସିଛି ଏକ ରିପୋର୍ଟ । କିଏ କିଏ ସିଏମ ଦୌଡ଼ରେ ଅଛନ୍ତି ସେନେଇ ଏବେ ଚର୍ଚ୍ଚା ହେଉଛି । ତେବେ ଏନଡିଏରୁ ମୁଖ୍ୟମନ୍ତ୍ରୀ ଚେହେରା ନୀତୀଶ କୁମାର କୁହାଯାଉଥିବା ବେଳେ ଇଣ୍ଡିଆ ଆଲାଏନ୍ସରୁ ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ଚେହେରା ହେବେ ବୋଲି ନିଶ୍ଚିତ ହୋଇଛି । ସଦ୍ୟ ସର୍ଭେରୁ ଯାହା ସାମ୍ନାକୁ ଆସିଛି, ସେଥିରେ ଜଣାପଡିଛି କି ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଆଗରେ ଅଛନ୍ତି । ଜୁନ୍ ୨୦୨୫ର ସି-ଭୋଟର ସର୍ଭେ ଅନୁଯାୟୀ, ୩୫ ପ୍ରତିଶତ ଲୋକଙ୍କ ପସନ୍ଦ ସହିତ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଆରଜେଡି ନେତା ତେଜସ୍ୱୀ ଯାଦବ ଶୀର୍ଷରେ ଅଛନ୍ତି । ଫେବୃଆରୀରେ ତାଙ୍କର ଲୋକପ୍ରିୟତା ୪୧% ଥିଲା, ଏପ୍ରିଲରେ ୩୬% ଥିଲା ଏବଂ ଏବେ ଜୁନ୍ ମାସରେ ଏହା ୩୫%କୁ ହ୍ରାସ ପାଇଛି । ଅନ୍ୟପକ୍ଷରେ ଜନ ସୂରଜର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ଏହି ସର୍ଭେରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ଫେବୃଆରୀରେ ତାଙ୍କର ଲୋକପ୍ରିୟତା ୧୫ ପ୍ରତିଶତ ଥିଲା, ତା'ପରେ ଏପ୍ରିଲରେ ଏହା ୧୭ ଏବଂ ଜୁନରେ ୧୮% ହୋଇଗଲା । ଏହାର ଅର୍ଥ ହେଉଛି ପ୍ରଶାନ୍ତ କିଶୋର ମଧ୍ୟ ଏହି ନିର୍ବାଚନରେ ବହୁତ କିଛି କରିପାରିବେ । ଏହା ସହିତ ପ୍ରଶାନ୍ତ କିଶୋର ମୁଖ୍ୟମନ୍ତ୍ରୀ ଦୌଡ଼ରେ ଜନସାଧାରଣଙ୍କ ଦ୍ୱିତୀୟ ପସନ୍ଦ ପାଲଟିଛନ୍ତି । ଲୋକ ଜନଶକ୍ତି ପାର୍ଟି ନେତା ଏବଂ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶୱାନ ବିହାରରୁ ନିର୍ବାଚନ ଲଢ଼ିବା ମୁଡରେ ଅଛନ୍ତି ।

# ଭାରତ ଉପରେ ନିଜ ଅସ୍ତ୍ର ପରୀକ୍ଷଣ କରିଥିଲା ଚୀନ୍



ନୂଆଦିଲ୍ଲୀ,୪ ।୭: ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂରର ସଫଳତା କାହାଠାରୁ ଅଛପା ନାହିଁ। କିଛି ମାସ ତଳେ ଭାରତ-ପାକିସ୍ତାନ ମୁହାଁମୁହିଁ ହୋଇଥିଲେ, ଆଉ ଆରମ୍ଭ ହୋଇଯାଇଥିଲା ଯୁଦ୍ଧ। ବାରମ୍ବାର ଯୁଦ୍ଧ ବିରତି ପାଇଁ ନିବେଦନ କରିବା ପରେ ପାକିସ୍ତାନ ପ୍ରଥମେ ଆକ୍ରମଣ କରୁଥିଲା। ପକିସ୍ତାନର ଅନେକ ଡ୍ରୋନକୁ ଭାରତ ଖସାଇଥିଲେ ବି ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନଥିଲା ପାକିସ୍ତାନ। ଆର୍ଥିକ ସ୍ଥିତି ଏତେ ଦୁର୍ବଳ ହୋଇ ବି ପାକିସ୍ତାନ କିଭଳି ଯୁଦ୍ଧ ଜାରି ରଖିଛି, ତାହା ଅନେକଙ୍କ ମନରେ ବଡ଼ ପ୍ରଶ୍ନ ଥିବା ବେଳେ ଏବେ ସେନାର ଉପ-ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ରାହୁଲ ଆର. ସିଂହ ଭାରତର ଅନ୍ୟ ୨ଶତ୍ରୁଙ୍କ ମୁଖା ଖୋଲିଛନ୍ତି। ପାକିସ୍ତାନ ସାମ୍ନାରୁ ଆକ୍ରମଣ କରୁଥିଲେ ବି ପଛରେ ରହି ତାକୁ ଚୀନ୍ ଓ ତୁର୍କୀ ସମର୍ଥନ କରୁଥିଲେ ବୋଲି ସେ କହିଛନ୍ତି। ଏଫଆଇସିସିଆଇର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ କହିଛନ୍ତି ଯେ, 'ଯୁଦ୍ଧ ଗୋଟିଏ ସୀମାରେ ହେଉଥିଲା କିନ୍ତୁ ଶତ୍ରୁ ତିନିଜଣ ଥିଲେ। ପାକିସ୍ତାନ ଆଗରେ ଥିଲା କିନ୍ତୁ ଚୀନ୍ ତାକୁ ସବୁ ପ୍ରକାରେ ସାହାଯ୍ୟ କରୁଥିଲା। ଏହା ଆଶ୍ଚର୍ଯ୍ୟଜନକ ନୁହେଁ। ଗତ ପାଞ୍ଚ ବର୍ଷ ମଧ୍ୟରେ ପାକିସ୍ତାନ ବ୍ୟବହାର କରୁଥିବା ୮୧ପ୍ରତିଶତ ଅସ୍ତ୍ରଶସ୍ତ୍ର ଚୀନ୍‌ର। ଚୀନ୍ ଅନ୍ୟ ଅସ୍ତ୍ର ସହିତ ତା'ର ଅସ୍ତ୍ର ପରୀକ୍ଷା କରୁଥିଲା। ପାକିସ୍ତାନ ଦ୍ୱାରା ଭାରତ ଉପରେ ଆକ୍ରମଣ କରି ଚୀନ୍ ତା'ର ଅସ୍ତ୍ର ପରୀକ୍ଷା କରୁଥିଲା। ଚୀନ୍ ପରେ ପାକିସ୍ତାନକୁ ସମର୍ଥନ କରିବାରେ ତୁର୍କୀ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହି ଯୁଦ୍ଧ ସମୟରେ ଆମର କିଛି ସ୍ୱଦେଶୀ ଅସ୍ତ୍ର ଭଲ କାମ କରିଥିଲା, କିନ୍ତୁ କିଛି ଅସ୍ତ୍ର କାମ କରିନଥିଲା।

# ଆଫଗାନିସ୍ତାନର ତାଲିବାନ ଶାସନକୁ ଋଷିଆର ସ୍ୱୀକୃତି

ନୂଆଦିଲ୍ଲୀ,୪/୭:ତାଲିବାନ ଶାସନକୁ ନେଇ ଋଷିଆ ବଡ଼ ନିଷ୍ପତ୍ତି । ଆଫଗାନିସ୍ତାନର ତାଲିବାନ ଶାସନକୁ ସରକାରୀ ଭାବେ ସ୍ୱୀକୃତି ଦେଇଛି ଋଷ। ତାଲିବାନ ସରକାରକୁ ସ୍ୱୀକୃତି ଦେବାରେ ଋଷ ହେଉଛି ପ୍ରଥମ ରାଷ୍ଟ୍ର। ଆଫଗାନିସ୍ତାନ ବୈଦେଶିକ ମନ୍ତ୍ରୀ ଆମରି ଖାଁ ମୁତ୍ତାକି ଓ ଋଷର ରାଷ୍ଟ୍ରଦୂତ ଦିମିତ୍ରି ଝିରନୋଙ୍କ ମଧ୍ୟରେ ଆଲୋଚନା ପରେ ତାଲିବାନ ସରକାରକୁ ରୁଷ ସ୍ୱୀକୃତି ଦେଇଛି। ସୋସିଆଲ ମିଡିଆ ୱେବ୍‌ସାଇଟ୍ ଏକ୍ସରେ ତାଲିବାନ୍ ପକ୍ଷରୁ କୁହାଯାଇଛି ଯେ, ଏହା ଅନ୍ୟ ଦେଶଗୁଡ଼ିକ ପାଇଁ ଏକ ଉଦାହରଣ । ବର୍ତ୍ତମାନ ତାଲିବାନୀ ସରକାରକୁ ସ୍ୱୀକୃତି ଦେବା ପ୍ରକ୍ରିୟା ଆରମ୍ଭ ହେଲା । ଯେତେବେଳେ ଏହି ପ୍ରକ୍ରିୟା ଆରମ୍ଭ ହେଲା ଏ କ୍ଷେତ୍ରରେ ଋଷିଆ ପ୍ରଥମ ଦେଶ ଭାବରେ ଆଗକୁ ଆସିଥିଲା । ତାଲିବାନ ବୈଦେଶିକ ମନ୍ତ୍ରାଳୟ ପ୍ରବକ୍ତା ଜିଆ ଅହମ୍ମଦ ତକାଲ କହିଛନ୍ତି ଯେ,ଋଷିଆ ପ୍ରଥମ ଦେଶରେ ତାଲିବାନକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେଇଛି । ଆଫଗାନିସ୍ତାନରେ ତାଲିବାନ ସରକାର ଗଠନ ହେବା ପରଠାରୁ ବିଭିନ୍ନ ପ୍ରସଙ୍ଗରେ ଏହି ସରକାରକୁ ବିଶ୍ୱସ୍ତରରେ ସମାଲୋଚନା କରାଯାଇଥିଲା। ବିଶେଷ କରି ତାଲିବାନୀ ନୀତିକୁ ସମାଲୋଚନା କରାଯାଉଥିଲା। ଆଫଗାନିସ୍ତାନରେ ଚୀନ ଓ ପାକିସ୍ତାନ ସମେତ ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରଦୂତ ଥିଲେ ବି ତାଲିବାନ ସରକାରକୁ ସେହି ଦେଶମାନେ ସ୍ୱୀକୃତି ଦେଇନାହାନ୍ତି। ଆଫଗାନିସ୍ତାନରେ ୧୯୯୬ରୁ ୨୦୦୧ ଯାଏ ତାଲିବାନ ଶାସନ ଚାଲିଥିଲା। ପରେ ୨୦୨୧ରେ ସେମାନେ ପୁଣି ଶାସନକୁ ଆସିଥିଲେ ।ତାଲିବାନ ଶାସନକୁ ମାନ୍ୟତା ଦେବା ପୁଟିନ୍‌ଙ୍କ ମାଷ୍ଟରଷ୍ଟ୍ରୋକ୍ ବୋଲି କୁହାଯାଉଛି । କାରଣ ଏହାଦ୍ୱାରା ଆମେରିକାକୁ ଅନେକ ରଣନୀତି ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିପାରେ । ଅପରେସନ ସିନ୍ଦୂର ସମୟରେ ନିଜକୁ ନିରପେକ୍ଷ ଦେଖାଇବାକୁ ଯାଇ ଭାରତର ସପକ୍ଷରେ ରହିନଥିଲା ଟ୍ରମ୍ପ୍ ସରକାର । ବର୍ତ୍ତମାନ ଋଷିଆ ସରକାରଙ୍କ ଜରିଆରେ ଆଫଗାନିସ୍ତାନ ସାରା ବିଶ୍ୱର ଦେଶଗୁଡ଼ିକ ସହ ବାଣିଜ୍ୟିକ କିମ୍ବା କୂଟନୈତିକ ସମ୍ପର୍କ ସ୍ଥାପନ କରିପାରେ ।

# ଜେନ୍ ଷ୍ଟ୍ରିଟ୍‌କୁ ନିଷିଦ୍ଧ ଘୋଷଣା କଲା ସେବି

**ନୂଆଦିଲ୍ଲୀ, ୪/୭:** ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ-ସେବି ଷ୍ଟକ୍ ସୂଚକାଙ୍କରେ ହେରଫେର କରିବା ଏବଂ ବେଆଇନ ଭାବରେ ୪ ହଜାର ୮୪୩ କୋଟି ଟଙ୍କା ଆୟ କରିବା ଅଭିଯୋଗରେ ଆମେରିକାର ନିବେଶ ସଂସ୍ଥା ଜେନ୍ ଷ୍ଟ୍ରିଟ୍‌କୁ ଭାରତୀୟ ପ୍ରତିଭୂତି ବଜାରରୁ ନିଷିଦ୍ଧ କରିଛି। ଏକ ଆଦେଶରେ, ସେବି କହିଛି ଯେ ଜେନ୍ ଷ୍ଟ୍ରିଟ୍ ଗ୍ରୁପ୍ ପ୍ରମୁଖ ବ୍ୟାଙ୍କ ନିଫ୍ଟି ଏବଂ ନିଫ୍ଟି ୫୦ ସାଂଗଠନିକ ଷ୍ଟକ୍‌ଗୁଡ଼ିକର ବେନିୟମ କ୍ରୟ ଏବଂ ବିକ୍ରୟ ମାଧ୍ୟମରେ ସୂଚକାଙ୍କ ସ୍ତରକୁ ହେରଫେର କରିଛି, ଯାହାଦ୍ୱାରା ଯଥେଷ୍ଟ ଲାଭ ସୃଷ୍ଟି କରିବା ପାଇଁ ବିକଳ୍ପ ମୂଲ୍ୟ ନିର୍ଦ୍ଧାରଣକୁ ପ୍ରଭାବିତ କରିଛି। ସେବି ବେଆଇନ ଭାବରେ ଅର୍ଜିତ ଟଙ୍କା ସ୍ଥାନାନ୍ତର କରିବା ପାଇଁ ଗୋଷ୍ଠୀକୁ ଏକ ସୂଚୀବଦ୍ଧ ବାଣିଜ୍ୟିକ ବ୍ୟାଙ୍କରେ ଏକ ଏସ୍କ୍ରୋ ଆକାଉଣ୍ଟ ଖୋଲିବାକୁ ନିର୍ଦ୍ଦେଶ ଦେଇଛି ଏବଂ ସେବିର ଅନୁମତି ବିନା ଜେ.ଏସ୍. ଗ୍ରୁପ୍‌ର ଆକାଉଣ୍ଟରେ ଟଙ୍କା ଡେବିଟ୍ ନକରିବାକୁ ବ୍ୟାଙ୍କ, ଜମାକାରୀ ଏବଂ ଅନ୍ୟ ବଜାର ପ୍ରତିଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଜେ.ଏସ୍. ଗ୍ରୁପ୍ ସଂସ୍ଥାଗୁଡ଼ିକୁ ଜବାବ ଦେବା ପାଇଁ ୨୧ ଦିନ ସମୟ ଦିଆଯାଇଛି।


## ଦଲାଇଲାମା ଚୟନ ପ୍ରସଙ୍ଗ

# ଭାରତକୁ ଚୀନର ଚେତାବନୀ



ବେଜିଂ, ୪/୭: ନୂଆ ଦଲାଇଲାମା ଚୟନ ପ୍ରସଙ୍ଗକୁ ନେଇ ଭାରତକୁ ଚେତାବନୀ ଶୁଣାଇଛି ଚୀନ। ତିବ୍ବତ ଚୀନର ଆଭ୍ୟନ୍ତରୀଣ ପ୍ରସଙ୍ଗ ଓ ଏ ପ୍ରସଙ୍ଗରେ ଭାରତ ହସ୍ତକ୍ଷେପ କରିବାରୁ ବିରତ ରହୁ ବୋଲି ଚୀନ କହିଛି । ଆଗକୁ ଏହି ପ୍ରସଙ୍ଗ ଦୁଇ ଦେଶ ମଧ୍ୟରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି । ଶୁକ୍ରବାର ଭାରତର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଦେଇଥିବା ମନ୍ତବ୍ୟ ଉପରେ ଆଜି ଆପତ୍ତି ଉଠାଇଛି ଚୀନ । ରିଜିଜୁ କହିଥିଲେ ଯେ ଦଲାଇଲାମା ତାଙ୍କ ଇଚ୍ଛା ଅନୁଯାୟୀ ତାଙ୍କ ଉତ୍ତରାଧିକାରୀ ବାଛିବା ଉଚିତ। ଏହାକୁ ନେଇ ଚୀନର ବୈଦେଶିକ ମନ୍ତ୍ରାଳୟ କହିଛି ଯେ ଭାରତ ତିବ୍ବତ ସହ ଜଡିତ ପ୍ରସଙ୍ଗ ଉପରେ ସତର୍କତାର ସହ କାର୍ଯ୍ୟ କରିବା ଉଚିତ ଯଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କରେ ଚାଲିଥିବା ସୁଧାର ପ୍ରଭାବିତ ହେବ ନାହିଁ। ରିଜିଜୁଙ୍କ ମନ୍ତବ୍ୟ ଉପରେ ଏକ ପ୍ରଶ୍ନର ଉତ୍ତର ଦେଇ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଭାରତ ୧୪ତମ ଦଲାଇଲାମାଙ୍କ ଚୀନ୍ ବିରୋଧୀ ବିଚ୍ଛିନ୍ନତାବାଦୀ ସ୍ୱଭାବ ବିଷୟରେ ସ୍ପଷ୍ଟ ହେବା ଉଚିତ ଏବଂ ଜିଜାଙ୍ଗ (ତିବ୍ବତ) ସହ ଜଡିତ ପ୍ରସଙ୍ଗରେ ଏହାର ପ୍ରତିବଦ୍ଧତାକୁ ସମ୍ମାନ କରିବା ଉଚିତ। ଚୀନ୍ ତିବ୍ବତକୁ ଜିଜାଙ୍ଗ ବୋଲି ଉଲ୍ଲେଖ କରେ।

# ୟୁକ୍ରେନର ୫୫୦ଟି ଲକ୍ଷ୍ୟସ୍ଥଳ ଉପରେ ଋଷର ବିମାନ ଆକ୍ରମଣ, ୨୩ ଆହତ



**ନୂଆଦିଲ୍ଲୀ, ୪/୭:** ରୁଷ ୟୁକ୍ରେନ ଉପରେ ଭୟଙ୍କର ବିମାନ ଆକ୍ରମଣ ଆରମ୍ଭ କରିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲ ଦିମିର ଜେଲେନ୍‌ସ୍କି ଆଜି ଘୋଷଣା କରିଛନ୍ତି ଯେ ରୁଷ ସାମ୍ପ୍ରତିକ ସମୟରେ ୟୁକ୍ରେନ ଉପରେ ସବୁଠାରୁ ବଡ଼ ବିମାନ ଆକ୍ରମଣ କରିଛି, ଯେଉଁଥିରେ ୫୫୦ଟି ଲକ୍ଷ୍ୟସ୍ଥଳ ସାମିଲ ଅଛି, ଯେଉଁଥିରେ ଅତି କମରେ ୩୩୦ଟି ରୁଷ-ଇରାନ 'ଶାହେଦ' ଡ୍ରୋନ ଏବଂ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ। ସେ ଦାବି କରିଛନ୍ତି ଯେ ୟୁକ୍ରେନ ୨୭୦ଟି ବିମାନ ଲକ୍ଷ୍ୟସ୍ଥଳରେ ଖସାଇବାରେ ସଫଳ ହୋଇଛି, ଯେତେବେଳେ ଅନ୍ୟ ୨୦୮ଟି ଡ୍ରୋନ ଇଲେକ୍ଟ୍ରୋନିକ୍ ଯୁଦ୍ଧ ଦ୍ୱାରା ଜାମ୍ ହୋଇଛି। ଜେଲେନ୍‌ସ୍କି କହିଛନ୍ତି ଯେ ରୁଷ ଆକ୍ରମଣ କେବଳ ରାଜଧାନୀ କିଭ ନୁହେଁ, ବରଂ ଡ୍ନିପ୍ରୋ, ସୁମି, ଖାରକିଭ ଏବଂ ଚେର୍ନିହିଭ ଅଞ୍ଚଳକୁ ମଧ୍ୟ ପ୍ରଭାବିତ କରିଛି ଏବଂ ଏପର୍ଯ୍ୟନ୍ତ ଏହି ଆକ୍ରମଣରେ ୨୩ ଜଣ ଆହତ ହୋଇଥିବା ଜଣାପଡ଼ିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଟେଲିଫୋନରେ ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ୟୁକ୍ରେନର ପରିସ୍ଥିତି ପ୍ରତି ନିଜର ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ ଦ୍ୱନ୍ଦ୍ୱ ସମାଧାନରେ କୌଣସି ଅଗ୍ରଗତି ହେଉନାହିଁ। ଅନ୍ୟପକ୍ଷରେ, ଗତ ମାସରେ ଇସ୍ତାନବୁଲରେ ଦୁଇ ଦେଶ ଦ୍ୱାରା ହୋଇଥିବା ଚୁକ୍ତି ଅନୁଯାୟୀ, ରୁଷ ଏବଂ ୟୁକ୍ରେନ ଆଜି ଏକ ନୂତନ ଯୁଦ୍ଧ ବନ୍ଦୀ ବିନିମୟ ବୁଝାମଣାରେ ସାମିଲ ହୋଇଛନ୍ତି। ଇସ୍ତାନବୁଲରେ ଆଲୋଚନା ସମୟରେ ଦୁଇ ଯୁଦ୍ଧବାଦୀ ପକ୍ଷ ସମସ୍ତ ଗୁରୁତର ଆହତ, ଅସୁସ୍ଥ ଏବଂ ୨୫ ବର୍ଷରୁ କମ୍ ବୟସ୍କ ବନ୍ଦୀ ସୈନ୍ୟଙ୍କୁ ମୁକ୍ତ କରିବାକୁ ରାଜି ହୋଇଥିଲେ। ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି ମୁକ୍ତ ୟୁକ୍ରେନୀୟ ସୈନ୍ୟଙ୍କ ଫଟୋଚିତ୍ର ପ୍ରକାଶ କରି କହିଛନ୍ତି ଯେ ସେମାନଙ୍କ ମଧ୍ୟରୁ ଅଧିକାଂଶ ୨୦୨୨ ମସିହାରୁ ରୁଷରେ ବନ୍ଦୀ ଥିଲେ।

# ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ଥଲାପତି ବିଜୟ: ଟିଭିକେର ବଡ଼ ଘୋଷଣା



ଚେନ୍ନାଇ,୪ ।୭: ଅଭିନେତାରୁ ରାଜନେତା ପାଲଟିଥିବା ଥଲାପତି ବିଜୟ ତାମିଲନାଡୁ ନିର୍ବାଚନ ପାଇଁ ତାମିଲଗା ଭେଟ୍ରି କାଝାଗମ (ଟିଭିକେ)ର ମୁଖ୍ୟମନ୍ତ୍ରୀ ମୁହଁ ହେବେ। ତାଙ୍କ ଦଳ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଟିଭିକେ ଦଳର କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଗୃହୀତ ଏକ ସ୍ୱତନ୍ତ୍ର ପ୍ରସ୍ତାବ ପାସ କରିଛି। ଏଥିରେ ଏହାର ପ୍ରତିଷ୍ଠାତା ବିଜୟଙ୍କୁ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବରେ ନାମିତ କରାଯାଇଛି। ବିଜୟ କହିଛନ୍ତି, ତାଙ୍କ ଦଳ ୨୦୨୬ ତାମିଲନାଡୁ ନିର୍ବାଚନ ପାଇଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଡିଏମକେ ଏବଂ ଭାଜପା ସହିତ ମେଣ୍ଟ କରିବ ନାହିଁ। ଭାଜପା ତାମିଲନାଡୁରେ କେବେ ବି ଆଗକୁ ବଢିବ ନାହିଁ। ଆମେ ଡିଏମକେ କିମ୍ବା ଏଆଇଏଡିଏମକେ ପରି ନୁହେଁ ଯେ ରାଜନୈତିକ ଲାଭ ପାଇଁ ଭାଜପା ସହିତ ମେଣ୍ଟ କରିବୁ କାରଣ ଆମେ ଟିଭିକେ। ସଂକଳ୍ପ ଅନୁଯାୟୀ, ଦଳ ଡିଏମକେ, ଏଆଇଏଡିଏମକେ ଏବଂ ବିଜେପିର ଶିବିରରେ ନଥିବା ଦଳଗୁଡ଼ିକର ମେଣ୍ଟର ନେତୃତ୍ୱ ନେବ। ଭାଜପାକୁ ଟାର୍ଗେଟ୍ କରି ବିଜୟ କହିଛନ୍ତି, କେନ୍ଦ୍ରର ଶାସକ ଦଳ 'ଶସ୍ତା ରାଜନୀତି' ଏବଂ 'ରାଜନୈତିକ ଲାଭ' ପାଇଁ 'ସାମ୍ପ୍ରଦାୟିକ ଆଧାରରେ ଲୋକଙ୍କୁ ବିଭାଜିତ' କରିବାକୁ ଚେଷ୍ଟା କରୁଛି। ସେମାନଙ୍କର ଏହି କାର୍ଯ୍ୟ ଅନ୍ୟତ୍ର କାମ କରିପାରେ, କିନ୍ତୁ ତାମିଲନାଡୁରେ ନୁହେଁ। ତାମିଲନାଡୁ ଏପରି ଏକ ଭୂମି ଯେଉଁଠାରେ ସାମାଜିକ ନ୍ୟାୟ, ସଦ୍ଭାବନା ଏବଂ ଭାଇଚାରା ଗଭୀର ଭାବରେ ଜଡିତ।

# ବିଜେପି ପ୍ରଥମ ମହିଳା ରାଷ୍ଟ୍ରୀୟ ଅଧ୍ୟକ୍ଷ: ଦୌଡ଼ରେ ୩ ଜଣ

ନୂଆଦିଲ୍ଲୀ,୪/୭: କିଏ ହେବ ବିଜେପିର ନୂଆ ଅଧ୍ୟକ୍ଷ ? ବିଜେପି କିପରି ଚୟନ କରିବ ଆଗାମୀ ଅଧ୍ୟକ୍ଷ ? ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଜାନୁଆରୀ ୨୦୨୩ରେ ସରିବାକୁ ଥିଲା । ହେଲେ ଲୋକସଭା ନିର୍ବାଚନ ପାଇଁ କାର୍ଯ୍ୟକାଳକୁ ୨୦୨୪ ଜୁନ୍ ଯାଏ ବଢାଯାଇଥିଲା । ହେଲେ ଆଗାମୀ ବିଜେପି ଅଧ୍ୟକ୍ଷ କିଏ ହେବ ତାକୁ ନେଇ ରହସ୍ୟ ଜାରି ରହିଛି । କିଛି ଦିନ ଭିତରେ ନୂଆ ଅଧ୍ୟକ୍ଷ ନାମ ଘୋଷଣା ହେବ । ଚର୍ଚ୍ଚା ହେଉଛି କି ଏଥର ବିଜେପିରେ ମହିଳା ଅଧ୍ୟକ୍ଷ ହୋଇପାରନ୍ତି । ଦୌଡ଼ରେ ୩ ପ୍ରମୁଖ ମହିଳା ନେତ୍ରୀ ରହିଛନ୍ତି । ନିର୍ମଳା ସୀତାରମଣ ସବୁଠୁ ଆଗରେ ରହିଛନ୍ତି । ନିର୍ମଳା ସୀତାରମଣ- ବର୍ତ୍ତମାନ ଅର୍ଥମନ୍ତ୍ରୀ ଏବଂ ପୂର୍ବ ରକ୍ଷାମନ୍ତ୍ରୀ ନିର୍ମଳା ସୀତାରମଣ ଦଳର ସଂଗଠନ ସହ ଏବଂ କେନ୍ଦ୍ର ସରକାରରେ ଲମ୍ବା ଅଭିଜ୍ଞତା ରହିଛି । ସେ ବିଜେପିର ପରବର୍ତ୍ତୀ ଅଧ୍ୟକ୍ଷା ହେବା ନେଇ ଅଧିକ ସମ୍ଭାବନା ରହିଛି । ନିକଟରେ ବିଜେପି ମୁଖ୍ୟାଳୟରେ ଜେପି ନଡ୍ଡା ଏବଂ ମହାସଚିବ ବିଏଲ ସନ୍ତୋଷଙ୍କ ସହିତ ବୈଠକରେ ସାମିଲ ହୋଇଥିଲେ । ସେ ଦକ୍ଷିଣ ଭାରତୀୟ। ତେଣୁ ସେ ବିଜେପି ମୁଖ୍ୟ ହେଲେ ଦକ୍ଷିଣ ଭାରତରେ ବିସ୍ତାର ରଣନୀତି ପାଇଁ ଲଭାଦାୟକ ହେବ। ଡ଼ି. ପୁରେନ୍ଦ୍ରେଶ୍ୱରୀ- ଆନ୍ଧ୍ରପ୍ରଦେଶ ଭାଜପା ପୂର୍ବ ଅଧ୍ୟକ୍ଷା ଡି.ପୁରେନ୍ଦ୍ରେଶ୍ୱରୀଙ୍କ ପାଖରେ ମଧ୍ୟ ଯଥେଷ୍ଟ ଅଭିଜ୍ଞତା ରହିଛି । ଅନେକ ରାଜନୀତି ଦଳ ସହ ସେ କାମ କରି ସାରିଛନ୍ତି ଏବଂ ଦଳରେ ତାଙ୍କୁ ବ୍ୟାପକ ଭାବେ ସମର୍ଥନ ବି କରେ । ସେ ଅପରେସନ୍ ସିନ୍ଦୂର ପରି ଅନ୍ତର୍ଜାତୀୟ କୂଟନୀତିର ମଧ୍ୟ ଅଂଶ ହୋଇଛନ୍ତି । ବନାଥି ଶ୍ରୀନିବାସନ- ତାମିଲନାଡୁ କୋଏମ୍ବାଟୁର ଦକ୍ଷିଣ ଆସନର ବିଧାୟକ ଏବଂ ଭାଜପା ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ରହି ସାରିଛନ୍ତି ବନାଥି ଶ୍ରୀନିବାସନ । ୧୯୯୩ରୁ ବିଜେପି ସହ ଯୋଡ଼ି ହୋଇରହିଛନ୍ତି ଶ୍ରୀନିବାସନ । ସଂଗଠନର ଅନେକ ପଦରେ ମଧ୍ୟ ଦାୟିତ୍ୱ ଗ୍ରହଣ କରି ସାରିଛନ୍ତି । ୨୦୨୨ରେ କେନ୍ଦ୍ରୀୟ ନିର୍ବାଚନ ସମିତିର ସଦସ୍ୟ ହୋଇଥିଲେ । ପ୍ରଥମ ତାମିଲ ମହିଳା ଭାବେ ସମିତିର ନେତା ହୋଇଥିଲେ । ସଂଘର ସମର୍ଥନ- ସୁତ୍ର ଅନୁସାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଏହି ବିଚାରକୁ ସମର୍ଥନ କରିଛି । ଭାଜପାକୁ ଏବେ ଜଣେ ମହିଳାଙ୍କୁ ଶୀର୍ଷ ନେତୃତ୍ୱ ଦେବା ଦରକାର । ଏହି ପଦକ୍ଷେପ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଧେୟକ ଭାବନାର ଅନୁରୂପ ହେବ । ଯାହାର ପ୍ରଭାବ ଆଗାମୀ ସୀମାନିର୍ଦ୍ଧାରଣ ଲୋକସଭାରେ ଦେଖିବାକୁ ମିଳିବ ।

# ହିମାଚଳରେ ମୌସୁମୀ ବର୍ଷା: ୭୦ ମୃତ



ଶିମଲା,୪ ।୭: ହିମାଚଳରେ ତାଣ୍ଡବ ରଚୁଛି ମୌସୁମୀ। ପ୍ରବଳ ବର୍ଷାରେ ବେହାଲ ହେଲେଣି ହିମାଚଳବାସୀ। ଅନେକ ଲୋକ ନିଜ ପ୍ରିୟଜନକୁ ହରାଇଥିବା ବେଳେ କିଛି ଲୋକଙ୍କ ମୁଣ୍ଡ ଉପରୁ ଛାତ ଉଡ଼ିଯାଇଛି। ବର୍ଷା ଧୋଇ ନେଇଛି ଖୁସି। ମୌସୁମୀ ଆସୁ ଆସୁ ହିମାଚଳ ପ୍ରଦେଶରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଜୁନ୍ ୨୦ ତାରିଖରେ ରାଜ୍ୟରେ ମୌସୁମୀ ପ୍ରବେଶ କରିବା ପରଠାରୁ, ମାତ୍ର ୧୩ ଦିନ ମଧ୍ୟରେ ବାଦଲଫଟା ବର୍ଷା ଏବଂ ଭୂସ୍ଖଳନ ଘଟଣାରେ ଅନ୍ୟୂନ ୭୦ ଜଣ ପ୍ରାଣ ହରାଇଛନ୍ତି। ଏହା ସହ ୪୦ ଜଣ ଏବେ ବି ନିଖୋଜ ଅଛନ୍ତି। ରାଜସ୍ୱ ବିଭାଗର ବିପର୍ଯ୍ୟୟ ପରିଚାଳନା ତଥ୍ୟ ଅନୁଯାୟୀ, ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ରାଜ୍ୟରେ ପ୍ରାୟ ୪୦୦ କୋଟି ଟଙ୍କାରୁ ଅଧିକ କ୍ଷତି ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅନେକ ଜନ ଜୀବନ ଏବଂ ସମ୍ପତ୍ତିର କ୍ଷତି ହୋଇଛି। ମଣ୍ଡିରେ ସର୍ବାଧିକ କ୍ଷତି ହୋଇଥିବା ଜଣାଯାଇଛି। ମଣ୍ଡି ଜିଲ୍ଲାର ଥୁନାଗ, ବାଗସାୟେଡ (ଯାହା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଜୟରାମ ଠାକୁରଙ୍କ ବିଧାନସଭା କ୍ଷେତ୍ରରେ ଆସିଥାଏ)ରେ ପ୍ରବଳ କ୍ଷୟକ୍ଷତି ହୋଇଛି। ଏହା ବ୍ୟତୀତ ମଣ୍ଡିର କରସୋଗ ଏବଂ ଧର୍ମପୁରରେ ମଧ୍ୟ ଅଧିକ କ୍ଷତି ହୋଇଛି। ଏହି ଦୁଃଖଦ ଘଟଣା ଦ୍ୱାରା ମଣ୍ଡି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି, ଯେଉଁଠାରେ ଏପର୍ଯ୍ୟନ୍ତ ପ୍ରାୟ ୧୭ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ପ୍ରାୟ ୩୦ ଜଣ ନିଖୋଜ ଅଛନ୍ତି। ଅନ୍ୟାନ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ, ବିଳାସପୁରରେ ୬, ଚମ୍ବାରେ ୬, ହମିରପୁରରେ ୨, କାଙ୍ଗଡ଼ାରେ ୧୩, କିନ୍ନୌରରେ ୨, କୁଲୁରେ ୪, ଲାହୌଲ ସ୍ପିତିରେ ୧, ଶିମଲାରେ ୫, ସିରମୌରରେ ୧, ସୋଲାନରେ ୨ ଏବଂ ଉନା ଜିଲ୍ଲାରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି।

**୪୦୦କୋଟିର ସମ୍ପତ୍ତି ନଷ୍ଟ**

# ଜୀବଜଗତ ଧ୍ୱଂସ ପରେ ୫୦ ଲକ୍ଷ ବର୍ଷ ଜଳିଥିଲା ପୃଥିବୀ



ନୂଆଦିଲ୍ଲୀ,୪/୭: ଆଜିକୁ ପ୍ରାୟ ୨୫.୨ କୋଟି ବର୍ଷ ତଳେ, ପୃଥିବୀ ଏପର୍ଯ୍ୟନ୍ତର ସବୁଠୁ ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଏହି ଘଟଣା ଏକ ସାମୂହିକ ବିଲୁପ୍ତିର କାରଣ ହୋଇଥିଲା । 'ଗ୍ରେଟ୍ ଡାଇଙ୍ଗ୍' ନାମରେ ପରିଚିତ ଏହି ଭୟାନକ ବିପର୍ଯ୍ୟୟ ପୃଥିବୀରୁ ପ୍ରାୟ ୯୦ ଭାଗ ଜୀବଜଗତ ନଷ୍ଟ କରିଦେଇଥିଲା । ଏହି ଘଟଣା ପରେ ଯାହା ହେଲା, ଲମ୍ବା ସମୟ ଧରି ତାହା ବୈଜ୍ଞାନିକଙ୍କୁ ଦ୍ୱନ୍ଦ୍ୱରେ ରଖିଛି । 'ଗ୍ରେଟ୍ ଡାଇଙ୍ଗ୍' ଭଳି ଭୟାନକ ବିପର୍ଯ୍ୟୟ ପରେ ପୃଥିବୀ ଘାତକ ରୂପେ ଉତ୍ତପ୍ତ ହୋଇଗଲା ଏବଂ ୫୦ ଲକ୍ଷ ବର୍ଷ ଧରି ସେହି ଉତ୍ତପ୍ତ ଅବସ୍ଥାରେ ରହିଲା । ଅନ୍ତର୍ଜାତୀୟ ଅଧ୍ୟୟନକର୍ତ୍ତାଙ୍କର ଏକ ଟିମ୍ ଅନୁସାରେ, ଜୀବାଶ୍ମମାନଙ୍କର ଏକ ବିଶାଳ ଭଣ୍ଡାରକୁ ବିଶ୍ଲେଷଣ କରି ସେମାନେ ଏହାର କାରଣ ଖୋଜି ପାଇଛନ୍ତି । ଉଷ୍ମମଣ୍ଡଳୀୟ ଜଙ୍ଗଲ ସହ ଏ ସମଗ୍ର ଘଟଣାର ସିଧା ସମ୍ପର୍କ ରହିଛି । ଅଧ୍ୟୟନଟି ନେଚର କମ୍ୟୁନିକେସନ୍ ପତ୍ରିକାରେ ପ୍ରକାଶ ପାଇଛି । ଏହାର ତଥ୍ୟ ପୃଥିବୀର ଗହନ ରହସ୍ୟକୁ ସମାଧାନ କରିପାରେ । କିନ୍ତୁ ଜୀବାଶ୍ମ ଇନ୍ଧନ ଜାଳି ମଣିଷ ପୃଥିବୀକୁ ନିରନ୍ତର ଉତ୍ତପ୍ତ କରିଚାଲିଥିବାରୁ ଭବିଷ୍ୟତର ବିପର୍ଯ୍ୟୟ ପାଇଁ ଏହା ଗମ୍ଭୀର ଚେତାବନୀ ହୋଇଛି । ପୃଥିବୀ ଇତିହାସକୁ ଧକ୍କା ଦେଇଥିବା ୫ ସାମୂହିକ ବିଲୁପ୍ତି ମଧ୍ୟରେ 'ଦ ଗ୍ରେଟ୍ ଡାଇଙ୍ଗ୍' ବିପର୍ଯ୍ୟୟ ସବୁଠୁ ଭୟାନକ ଥିଲା । ପରମିଆନ୍ ଭୂବୈଜ୍ଞାନିକ ଯୁଗ ଅନ୍ତରେ ଏହାର ଯୋଗଦାନ ଥିଲା । ସାଇବେରିଆନ୍ ଟ୍ରାପ୍ସ ଭାବେ ପରିଚିତ ଏକ କ୍ଷେତ୍ରରେ ଆଗ୍ନେୟଗିରି ଗତିବିଧିର ସମୟ ପାଇଁ ଏହା ଦାୟୀ । ଏହା ବାୟୁମଣ୍ଡଳକୁ ବ୍ୟାପକ ପରିମାଣର ଅଙ୍ଗାରକ ଓ ଅନ୍ୟ ଗ୍ରହଉତ୍ତପ୍ତକାରୀ ଗ୍ୟାସ୍ ଛାଡ଼ିଥିଲା । ଫଳରେ ବିଶ୍ୱ ଉତ୍ତାପନ ତୀବ୍ର ହୋଇଥିଲା । ଅସଂଖ୍ୟ ସାମୁଦ୍ରିକ ଓ ଭୂପୃଷ୍ଠ ଉଦ୍ଭିଦ ଏବଂ ଜନ୍ତୁ ପ୍ରାଣ ହରାଇଥିଲେ । ପରିସଂସ୍ଥାନ ଧ୍ୱସ୍ତ ହୋଇଥିଲା ଏବଂ ମହାସାଗର ଅମ୍ଳୀକୃତ ହୋଇଥିଲା । ତେବେ ପୃଥିବୀ କାହିଁକି ଏତେ ମାତ୍ରାରେ ଉତ୍ତପ୍ତ ହେଲା ଏବଂ ଚରମ ଗ୍ରୀନ୍‌ହାଉସ୍ ଗ୍ୟାସ୍ ସ୍ଥିତି ଏତେ ଲମ୍ବା ସମୟ ଧରି କାହିଁକି ବଜାୟ ରହିଲା, ତାହା ଅଦ୍ୟାବଧି ସ୍ପଷ୍ଟ ହୋଇନାହିଁ । ଏପରିକି ଆଗ୍ନେୟଗିରି ଗତିବିଧି ବନ୍ଦ ହେବା ପରେ ମଧ୍ୟ ଏହି ସ୍ଥିତି ବଜାୟ ରହିଥିଲା । ଅଧ୍ୟୟନର ଲେଖକ ଲିଡ୍ସ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ଆର୍ଥ୍ ଏନ୍‌ଭିରନ୍‌ମେଣ୍ଟର ଗବେଷକ ଝେନ୍ ସୁ କହିଛନ୍ତି, ଅନ୍ୟ କୌଣସି ବିପର୍ଯ୍ୟୟ ଘଟଣା ତୁଳନାରେ ତାପମାତ୍ରା ବୃଦ୍ଧି ସ୍ତର ବହୁତ ଅଧିକ । କିଛି ଥିଓରି ମହାସାଗର ଭିତରେ ରହିଯାଇଛି । ଚରମ ଉତ୍ତାପ ଅଙ୍ଗାରକ ଅବଶୋଷଣକାରୀ ସାମୁଦ୍ରିକ ଉଦ୍ଭିଦଗୁଡ଼ିକୁ ନଷ୍ଟ କରିଥିଲା କିମ୍ବା ମହାସାଗରର ରାସାୟନିକ ସଂରଚନାକୁ ବଦଳାଇ ଦେଇଥିଲା, ଯାହା ଅଙ୍ଗାରକ ସଞ୍ଚୟରେ କମ୍ ପ୍ରଭାବଶାଳୀ ହୋଇଥିଲା ଥିଓରି ଏହା ଦର୍ଶାଉଛନ୍ତି । କିନ୍ତୁ ଇଂଲଣ୍ଡର ଲିଡ୍‌ସ ବିଶ୍ୱବିଦ୍ୟାଳୟ ଓ ଚାଇନା ୟୁନିଭର୍ସିଟି ଅଫ୍ ଜିଓସାଇନ୍ସେସ୍‌ର ବୈଜ୍ଞାନିକଙ୍କ ଅନୁସାରେ, ଏହାର ଉତ୍ତର ଜଳବାୟୁ ସଙ୍କଟକାଳୀନ ସ୍ଥିତିରେ ଲୁଚିଛି ଏବଂ ତାହା ହେଉଛି ଉଷ୍ମମଣ୍ଡଳୀୟ ଜଙ୍ଗଲ ଧ୍ୱଂସ । ଅନ୍ୟତମ ଅଧ୍ୟୟନକର୍ତ୍ତା ଲିଡ୍ସ ବିଶ୍ୱବିଦ୍ୟାଳୟର ଆର୍ଥ୍ ସିଷ୍ଟମ୍ ଇଭୋଲ୍ୟୁସନ୍‌ର ପ୍ରଫେସର ବେଞ୍ଜାମିନ୍ ମିଲ୍ସ କହିଛନ୍ତି, ଏହି ଗ୍ରେଟ୍ ଡାଇଙ୍ଗ୍ ଏକ୍ସଟିନ୍‌ସନ୍ ବା ସାମୂହିକ ବିଲୁପ୍ତି ଘଟଣା ଅନନ୍ୟ । କାରଣ ଏହା ଏକମାତ୍ର ଘଟଣା ଯେଉଁଥିରେ ସମସ୍ତ ଉଦ୍ଭିଦ ମରିଯାଆନ୍ତି । ଏହି ସିଦ୍ଧାନ୍ତର ପରୀକ୍ଷା ଲାଗି ବୈଜ୍ଞାନିକମାନେ ଚୀନ୍‌ରେ ଜୀବାଶ୍ମ ତଥ୍ୟର ଏକ ବିଶାଳ ସଂଗ୍ରହର ଉପଯୋଗ କରିଥିଲେ, ଯାହା ଚାଇନିଜ୍ ଭୂବିଜ୍ଞାନୀମାନଙ୍କର ୩ ପିଢ଼ିଙ୍କ ଦ୍ୱାରା ଦୀର୍ଘ ଦଶନ୍ଧିର ପରିଶ୍ରମରେ ପ୍ରସ୍ତୁତ ହୋଇଛି । ଅତୀତର ଜଳବାୟୁ ସ୍ଥିତି ବିଷୟରେ ସୁରାଗ ପାଇବାକୁ ସେମାନେ ଜୀବାଶ୍ମ ଓ ଶିଳା ସଂରଚନାଗୁଡ଼ିକୁ ବିଶ୍ଲେଷଣ କଲେ । ସାମୂହିକ ବିଲୁପ୍ତି ଘଟଣା ପୂର୍ବରୁ, ସେହି ସମୟରେ ଏବଂ ତା'ପରେ ପୃଥିବୀର ପ୍ରତ୍ୟେକ ଭାଗରେ ଥିବା ଉଦ୍ଭିଦ ଓ ବୃକ୍ଷମାନଙ୍କର ମାନଚିତ୍ରର ପୁନଃନିର୍ମାଣରେ ଏହା ସାହାଯ୍ୟ କଲା । ଏଭଳି ମାନଚିତ୍ର ପୂର୍ବରୁ କେହି ପ୍ରସ୍ତୁତ କରିନାହାନ୍ତି ବୋଲି ମିଲ୍ସ କହିଛନ୍ତି । ଅଧ୍ୟୟନର ଫଳ ସେମାନଙ୍କ ଅନୁମାନକୁ ସ୍ପଷ୍ଟ କଲା । ସାମୂହିକ ବିଲୁପ୍ତି ଘଟଣା ସମୟରେ ଉଦ୍ଭିଦ ଜଗତ ଧ୍ୱଂସ ପାଇବା ଦ୍ୱାରା ସେମାନଙ୍କ ଅଙ୍ଗାରକ ସଞ୍ଚୟ ସାମର୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭାବେ ହ୍ରାସ ପାଇଲା । ଫଳରେ ବାୟୁମଣ୍ଡଳରେ ଉଚ୍ଚ ମାତ୍ରାର ଅଙ୍ଗାରକ ରହିଲା । ଜଳବାୟୁକୁ ନିୟନ୍ତ୍ରଣରେ ରଖିବାରେ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ।

# ଜେଲ୍‌ରେ ରାତି କାଟିଲେ ଜଗନ୍ନାଥ ପ୍ରଧାନ

ଭୁବନେଶ୍ୱର(ନିପ୍ର): ବିଏମସି ଜନ ଶୁଣାଣି ବେଳେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଗିରଫ ହୋଇଛନ୍ତି। ଗିରଫଦାରି ପରେ ଶ୍ରୀପ୍ରଧାନଙ୍କ ଜାମିନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ସେ ଗତକାଲି ରାତି ଝାରପଡ଼ା ଜେଲର ଚାରିକାନ୍ଥ ମଧ୍ୟରେ ରାତି ବିତାଇଛନ୍ତି। ଅପରପକ୍ଷରେ ତାଙ୍କ ସମର୍ଥକମାନେ ଥାନା ଆଗରେ ହୋହଲ୍ଲା କରିଛନ୍ତି। ପୂର୍ବରୁ ଏହି ଘଟଣାରେ ପୁଲିସ ୫ଜଣଙ୍କୁ ଗିରଫ କରିଥିଲେ। ବିଏମସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ ନେଇ ଗତ ତିନିଦିନ ହେଲା ପ୍ରସାଶନିକ ସେବା ଠପ ହୋଇପଡିଥିଲା। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ଦେଖାଦେବାରୁ ସରକାର ଏକ ବଡ ପଦକ୍ଷେପ ନେଇଛନ୍ତି। ଓଏଏସ ସଂଘର ଦାବି ପରେ ରାଜ୍ୟ ବିଜେପି ଓ ସରକାର ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆଂଶଙ୍କା ସୃଷ୍ଟି ହୋଇଥିଲା। ଏହି ଆଶଙ୍କା ଭିତରେ ଜଗନ୍ନାଥ ପ୍ରଧାନ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ପାର୍ଟି କାର୍ଯ୍ୟାଳୟରେ ପହଂଚିଥିଲେ। ସେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ବରିଷ୍ଠ ନେତୃବୃନ୍ଦଙ୍କୁ ଦଳୀୟ କାର୍ଯ୍ୟାଳୟରେ ଭେଟିଥିଲେ। ସେ ଶୃଙ୍ଖଳା କମିଟି ଆଗରେ ନିଜର ମତ ରଖିଥିଲେ। ଗତକାଲି ସନ୍ଧ୍ୟାରେ ଶ୍ରୀ ପ୍ରଧାନ ଡିସିପି ଅଫିସରେ ପହଞ୍ଚି ଆତ୍ମ ସମର୍ପଣ କରିଥିଲେ। ପରେ ପୁଲିସ ତାଙ୍କୁ ଗିରଫ କରିଥିଲା। ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍‌ପିଟାଲ ନେଇଥିଲା । ସେଠାରେ ଜଗନ୍ନାଥ ପ୍ରଧାନଙ୍କୁ ଦୁଇ ଜଣ ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶେଷରେ ଡାକ୍ତରଖାନାରୁ ଜଗନ୍ନାଥ ପ୍ରଧାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସେଠାରେ



କୋର୍ଟ ତାଙ୍କର ଜାମିନକୁ ନାମଞ୍ଜୁର କରିଦେବା ପରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ଜେଲକୁ ପଠାଇ ଦିଆଯାଇଥିଲା। ଜଗନ୍ନାଥ ପ୍ରଧାନଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୩୩୩ (ସରକାରୀ କର୍ମଚାରୀଙ୍କୁ ତାଙ୍କ କର୍ତ୍ତବ୍ୟ ପାଳନରୁ ନିବୃତ୍ତ କରିବା ପାଇଁ ସ୍ୱେଚ୍ଛାକୃତ ଭାବରେ ଗୁରୁତର ଆଘାତ ଦେବା), ୧୨୧(୧) (ଅପରାଧ ଘଟାଇବାକୁ ଷଡ଼ଯନ୍ତ୍ର), ୧୨୧(୨), ୩୫୧(୨) (ଆକ୍ରମଣ କରିବା), ୬୨ ଓ ୩୦୪ରେ ମାମଲା ରୁଜୁ କରାଯାଇଛି। ସେପଟେ ଜଗନ୍ନାଥ ପ୍ରଧାନ ଜେଲ୍ ଯିବା ପରେ ରାଜରାସ୍ତାରେ ସମର୍ଥକଙ୍କ ହଙ୍ଗାମା ଦେଖିବାକୁ ମିଳିଥିଲା। ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ଗିରଫଦାରୀକୁ ସମର୍ଥକମାନଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଡିସିପିଙ୍କ କାର୍ଯ୍ୟାଳୟ ଓ ଝାରପଡ଼ା ଜେଲ୍ ସାମ୍ନାରେ ସମର୍ଥକ ମାନେ ବିରୋଧ କରିବା ସହ ଜୋରଦାର ହୋହଲ୍ଲା କରିଛନ୍ତି । ଯଦି ଜଗନ୍ନାଥ ପ୍ରଧାନ ଗିରଫ ହୋଇଛନ୍ତି, ତେବେ ବିଏମ୍‌ସି ଅତିରିକ୍ତ କମିସନର ରତ୍ନାକର ସାହୁ ମଧ୍ୟ ଗିରଫ ହେବା ଦରକାର ବୋଲି ତାଙ୍କ ସମର୍ଥକ ଦାବି କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରିବାର ଥିଲା । ତଦନ୍ତରେ ସେ ଯଦି ଅଭିଯୁକ୍ତ ପ୍ରମାଣିତ ହୋଇଥାନ୍ତେ ଗିରଫ କରିଥିଲେ କୌଣସି ଆପତ୍ତି ନଥିଲା ବୋଲି କିଛି ସମର୍ଥକ କହିଛନ୍ତି।


## ପଥରରେ ଛେଚି ମାମୁଙ୍କୁ ହତ୍ୟା: ଭଣଜା ଗିରଫ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଧୂତିପାଲି ଗ୍ରାମରେ ମାମୁଁଙ୍କୁ ପଥରରେ ଛେଚି ଭଣଜା ହତ୍ୟା କରିଛି । ହତ୍ୟାକାରୀ ଭଣଜା ହେଲା ଧୂତିପାଲି ଗ୍ରାମର ସତ୍ୟକାନ୍ତ ସିଂ ଏବଂ ମୃତକ ହେଲେ ଧୂତୁପାଲି (ତାଲମୁଣ୍ଡା)ଗ୍ରାମର ସୁକାନ୍ତ ଗର୍ଡିଆ(୪୦)। ମୃତକଙ୍କ କାକା ଗୁଣମଣି ଗର୍ଡିଆଙ୍କ ରିପୋର୍ଟ କ୍ରମେ ପୋଲିସ କୁଚିଣ୍ଡା ଥାନାରେ ଦଫା ୧୦୩(୧)ବିଏନଏସ (ନଂ.୧୭୫/୨୫)ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ମୃତଦେହ ଜବତ କରି କୁଚିଣ୍ଡା ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ସହ କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ ଓ ଏସଡିପିଓ ପ୍ରଦୀପ କୁମାର ଦାଶ ପହଞ୍ଚି ତଦନ୍ତ କରିଛନ୍ତି। ଶୁକ୍ରବାର ଅପରାହ୍ନ ସାଢେ ୧ଟା ସମୟରେ ଭଣଜା ସତ୍ୟକାନ୍ତଙ୍କ ସହ ମୃତ ସୁକାନ୍ତଙ୍କ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଉତ୍ତ୍ୟକ୍ତ ଭଣଜା ସତ୍ୟକାନ୍ତ ମାମୁଁଙ୍କ ଉପରେ ଏକ ବଡ ପଥର କଚାଡି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ମାମୁଁଙ୍କ ମୃତ୍ୟୁ ହୋଇଥିଲା। ଶନିବାର ଅଭିଯୁକ୍ତ ସତ୍ୟକାନ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ୧୩୦ଲିଟର ଦେଶୀ ମଦ ଜବତ: ୮ ଗିରଫ

ଆସିକା(ନିପ୍ର): ଆସିକା ଅବକାରୀ ବିଭାଗ ପକ୍ଷରୁ ୧୩୦ଲିଟର ଦେଶୀ ମଦ ସହ ୨ଜଣ ମହିଳା ଓ ୬ଜଣ ପୁରୁଷ ଗିରଫ କରାଯାଇଛି । ଆସିକା ଅବକାରୀ ବିଭାଗ ପୂର୍ବ ସୂଚନା ମୁତାବକ ନୂଆଁ ସାହାପୁର, ଆସିକା କରତାଳି ଏରେଗଲା କେମ୍ପ, ବସଷ୍ଟାଣ୍ଡ ସନ୍ତୋଷୀମା ମନ୍ଦିର କେମ୍ପ, ଆସିକା ତୁମ୍ୱାଠେଙ୍ଗା ପଲ୍ଲୀ କେମ୍ପ, ଗଣ୍ଡପଲ୍ଲୀ କେମ୍ପ ଆଦି ସ୍ଥାନରେ ଚଢ଼ାଉ କରି ୮ଜଣଙ୍କୁ ଗିରଫ କରିଛି। ପ୍ରକାଶ ଥାଉକି ଅବକାରୀ ବିଭାଗ ପକ୍ଷରୁ ମଦ ଧରପଗଡ଼ ଏକ ପ୍ରହସନ ପାଲଟିଛି। ଆସିକା ଅବକାରୀ ବିଭାଗ ପକ୍ଷରୁ ଛୋଟ ଛୋଟ ଚୋରା ମଦ ବେପାରୀଙ୍କୁ ଧରି ବାଃ ବାଃ ନେଉଥିଲା ବେଳେ ଅବକାରୀ ବିଭାଗୀୟ ଅଧିକାରୀଙ୍କ ଛତ୍ରଛାୟା ତଳେ ଏହି ମଦ ବେପାର ଚାଲିଥିବା ଅଞ୍ଚଳରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳୁଛି। ଅବକାରୀ ବିଭାଗୀୟ ଅଧିକାରୀ ମାନେ ବାଃ ବାଃ ପାଇବା ପାଇଁ ଛୋଟ ଛୋଟ ବେପାରୀଙ୍କୁ ଧରି ସେମାନଙ୍କ ଠାରୁ ଅଳ୍ପ ମାତ୍ରାରେ ମଦ ଜବତ କରି ମଦ ପରିମାଣ ବଢ଼ାଇ ନିରୀହ ଲୋକଙ୍କୁ ହଇରାଣ କରିଥିବା ମଧ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଠି ଗୋଟିଏ ପ୍ରଶ୍ନ ଉଠୁଛି ଯଦି ଅବକାରୀ ବିଭାଗ ପକ୍ଷରୁ ମଦ ଧରପଗଡ଼ ଚାଲିଛି ତେବେ ଏତେ ପରିମାଣର ଚୋରା ମଦ ଆସୁଛି କେଉଁଠି ? ଅବକାରୀ ବିଭାଗ ପାଖରେ ଯଦି ଆଗରୁ ଅଭିଯୋଗ ଥିଲା ତେବେ ସେ ଉପରେ ଧରପଗଡ଼ କାହିଁକି କରିନଥିଲା।

## ବାଇକ ଉପରେ ଚଢ଼ିଗଲା ଟ୍ରକ୍: ଯୁବକ ଗୁରୁତର




କଟକ(ନିପ୍ର): ସଦର ଥାନା ନିକଟସ୍ଥ ଗୋପାଳପୁର ଟୋଲଗେଟ ନିକଟରେ ଟ୍ରକଟି ଭୁବନେଶ୍ୱରରୁ ଫେରୁଥିଲା ବେଳେ ବାଇକରେ ଯୁବକ ଜଣକ ଯାଉଥିବା ସମୟରେ ଟ୍ରକର ବାମ ଚକରେ ବାଇକର ଆଗ ଚକା ଖସିଯିବାରୁ ବାଇକ ଆରୋହୀ ଜଣକ ତଳେ ପଡ଼ି ଯାଇଥିଲେ । ଫଳରେ ଟ୍ରକର ଚକା ବାଇକ ଆରୋହୀଙ୍କ ଡାହାଣ ଗୋଡ଼ରେ ଚଢ଼ି ଯାଇଥିଲା । ଏଥିରେ ସ୍ଥାନୀୟ ଲୋକେ ପହଞ୍ଚି ଯୁବକ ଜଣକୁ ଏସସିବି ମେଡ଼ିକାଲକୁ ନେଇଥିଲେ । ସେଠାରେ ତାର ଚିକିତ୍ସା କରାଯାଉଛି ଓ ଯୁବକ ଜଣକ ସୁସ୍ଥ ଅଛନ୍ତି । ସ୍ଥାନୀୟ ଲୋକ ମେଡ଼ିକାଲକୁ ପଠାଇବା ପରେ ସଦର ଥାନା ପୋଲିସ ପହଞ୍ଚି ଟ୍ରକଟିକୁ ଜବତ କରିଛି । ଗାଡ଼ି ନମ୍ବର ଟିଜି୦୭ଟି୪୧୬୧ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ଯୁବକଟିର ପରିଚୟ ଏପର୍ଯ୍ୟନ୍ତ ପୋଲିସକୁ ମିଳିନାହିଁ ।

## ଗୁଣି ସନ୍ଦେହ: ଘର ଭଙ୍ଗାରୁଜା: ନ୍ୟାୟ ଭିକ୍ଷାକଲେ ପୂଜାରି



ଭଦ୍ରକ(ନିପ୍ର): ଭଦ୍ରକ ତିହିଡି ଜୁଣିଆପାଳ ଗ୍ରାମରେ ଥିବା ଶିବ ଦୁର୍ଗା ମନ୍ଦିରରେ ଦୀର୍ଘ ୯ ଦିନ ହେଲା ମା'ଙ୍କ ପୂଜାରେ ବ୍ୟାଘାତ ନେଇ ଜନୈକ ପୂଜକ ଜଣକ ଆଜି ଏକ ସାମ୍ବାଦିକ ସମ୍ମିଳନୀ ମାଧମରେ ନ୍ୟାୟ ପ୍ରାର୍ଥନା କରିଛନ୍ତି। ସୂଚନା ଅନୁସାରେ ଜୁଣିଆପାଳ ଗ୍ରାମର ପ୍ରତାପ ଜେନା ନିଜ ଘରେ ଏକ ମନ୍ଦିରକରି ଶିବ ଦୁର୍ଗାଙ୍କୁ ପୂଜା କରୁଥିବା ବେଳେ ଗତ କିଛିଦିନ ପୂର୍ବରୁ ଗ୍ରାମର କିଛି ଲୋକ ଗୁଣିଆ ସନ୍ଦେହରେ ମାରଧର କରି ତାଙ୍କ ଘର ଭାଙ୍ଗି ଦେବା ସହ ତାଙ୍କ ମନ୍ଦିରରେ ଚାବି ପକାଇ ଦେଇଥିଲେ। ଏ ବିଷୟରେ ପୋଲିସ ଖବରପାଇ ସେମାନଙ୍କୁ ଥାନାକୁ ନେଇ ଘଟଣାଟିର ଆଶୁ ସମାଧାନ କରାଯାଇଥିଲା। ମାତ୍ର ଏହା ସତ୍ତ୍ୱେ ମଧ ଗ୍ରାମରେ କିଛି ଲୋକ ଆକ୍ରୋଶ ରଖି ମନ୍ଦିରରେ ଚାବି ପକାଇ ରଖିଛନ୍ତି । ଫଳରେ ସେ ନିରୁପାୟ ହୋଇ ଶୁକ୍ରବାର ସାମ୍ବାଦିକ ସମ୍ମିଳନୀ ଡ଼କାଇ ନ୍ୟାୟ ପ୍ରାର୍ଥନା କରିଛନ୍ତି।

## ଗଛ ଲଗାଇବା ଉପରେ ସଚେତନତା




ଭୁବନେଶ୍ୱର(ନିପ୍ର): ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ରାମେଶ୍ୱର ପାଟଣା, ସାବିତ୍ରୀ ସଦନ, ୱାର୍ଡ ନମ୍ବର ୫୪ରେ ସେବା ପ୍ରତିନିଧି ଓ ୟୁରୋ ସ୍ମାର୍ଟ ସ୍କୁଲର ମିଳିତ ଉଦ୍ୟମରେ ଗଛ ଲଗାଯାଇଥିଲା। ୫ମ ଶ୍ରେଣୀ ପାଠ୍ୟ ପୁସ୍ତକରେ ସ୍ଥାନ ପାଇଥିବା ବିଷୟ 'ଗଛ ଲଗାଇବା କାହା ପାଇଁ?' ଏହାର ସାରମର୍ମ ଜନ ସାଧାରଣ ତଥା ଛୋଟ ଛୋଟ ପିଲାମାନଙ୍କୁ ମନେପକାଇ ଦିଆଯାଇଥିଲା। ବର୍ତ୍ତମାନ ଯୁଆଡେ ଦେଖିବ, ବୃକ୍ଷ ଶୂନ୍ୟ। ଉତ୍ତାପ ୫୪ ଡିଗ୍ରୀରେ ପହଞ୍ଚିଛି। ରାସ୍ତା ଘାଟ କଂକ୍ରିଟ ଜଙ୍ଗଲରେ ପରିପୂର୍ଣ୍ଣ। ଜମିବାଡ଼ିକୁ ବାସୋପଯୋଗୀ ଭାବରେ ବ୍ୟବହୃତ କରାଯାଉଛି। ଏହାର ପ୍ରଭାବରେ ଜଙ୍ଗଲର ଜୀବଜନ୍ତୁ ସହର ମୁଖୀ ହେବାରେ ଲାଗିଲେଣି। ଯଦି ଏହିପରି ହୁଏ, ପାଣି ବୋତଲ ପରି ଅକ୍ସିଜେନ୍ ଥଳି ଧରି ସମସ୍ତେ ବୁଲିବେ। ଆନ୍ତରିକତାର ସହିତ ଗଛ ଲଗାଇ ଏହାର ଯତ୍ନ ନେବା। ଯେପରି ଆଗାମୀ ଦିନରେ ସବୁଜ ବଳୟ ସୃଷ୍ଟି ହୋଇପାରିବ। ଏହି କାର୍ଯ୍ୟକ୍ରମରେ ସସ୍ମିତା ମହାପାତ୍ର, ସସ୍ମିତା ସାହୁ, ରଶ୍ମି ରଞ୍ଜନ ମହାରଣା, ବିନୟ କୁମାର ନନ୍ଦ, ତାରା ଚରଣ ଆଚାର୍ଯ୍ୟ, ଗିରିଜା ଶଙ୍କର ମହାପାତ୍ର, ଚନ୍ଦ୍ରକାନ୍ତ ପତି, ହୃଷୀକେଶ ବେହେରା,ରତି ରଞ୍ଜନ ଦାସ, ସୁରେଶ ଚନ୍ଦ୍ର ସାହୁ, ଉଲ୍ଲାସ ମହାପାତ୍ର, ବିପିନ ବିହାରୀ ରାଉତରାୟ ଓ ସୈ ।ଦାମିନୀ ସାମଲ ପ୍ରମୁଖ ଭାଗ ନେଇଥିଲେ।

## ରୋଜଗାର ପାଇଁ ଯାଇ ଶବ ହୋଇ ଫେରିଲେ ସିଦ୍ଧାର୍ଥ

ହିଞ୍ଜିଳିକାଟୁ(ନିପ୍ର): ତେଲେଙ୍ଗାନା କେମିକାଲ୍ ଫ୍ୟାକ୍ଟ୍ରିକୁ ରୋଜଗାର ପାଇଁ ଯାଇ ଶବ ହୋଇ ଫେରିଲେ ହିଞ୍ଜିଳିକାଟୁ ବ୍ଲକ୍ ପୋଡିଙ୍ଗି ଗ୍ରାମର ସିଦ୍ଧାର୍ଥ ଗୌଡ (୧୯)। ଘରର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ବାହାରକୁ ଯାଇଥିଲେ ରୋଜଗାର କରିବାକୁ। ହେଲେ କିଏ ଜାଣିଥିଲା ଫେରିବେ ଶବ ହୋଇ । ତେଲେଙ୍ଗାନା ସାଙ୍ଗାରେଡ୍ଡି ଜିଲ୍ଲା ଅନ୍ତର୍ଗତ ପଶମିଲାରାମ ଶିଳ୍ପାଞ୍ଚଳରେ ଥିବା ରାସାୟନିକ କାରଖାନା ସିଗାଛି ଫାର୍ମା କମ୍ପାନୀରେ ହୋଇଥିବା ବିସ୍ଫୋରଣରେ ହିଞ୍ଜିଳିକାଟୁ ବ୍ଲକ୍ ପୋଡିଙ୍ଗି ଗ୍ରାମର ଡାକ ଗୌଡଙ୍କ ପୁଅ ସିଦ୍ଧାର୍ଥ ଗୌଡଙ୍କର ମୃତ୍ୟୁ ହୋଇଛି । ଉକ୍ତ ରାସାୟନିକ କାରଖାନାରେ ଗତ ସୋମବାର ସକାଳ ପ୍ରାୟ ୮.୧୫ରୁ ୯.୩୦ ମଧ୍ୟରେ ଏହି ବିସ୍ଫୋରଣ ଘଟିଥିଲା। ସେତେବେଳେ କାରଖାନାରେ ପ୍ରାୟ ୧୮୯ ଶ୍ରମିକ କାମ କରୁଥିଲେ । ରିଆକ୍ଟରରେ ସାଙ୍ଘାତିକ ରାସାୟନିକ ପ୍ରତିକ୍ରିୟା ହେବା ଯୋଗୁ ବିସ୍ଫୋରଣ ହୋଇଥିବା ଜଣାପଡ଼ୁଛି । ବିସ୍ଫୋରଣ ପରେ କାରଖାନାପରିସରରେ ନିଆଁ ଲାଗିଯାଇଥିଲା । ଏହି ଘଟଣାରେ ମୋଟ ୩୮ ଜଣ ମୃତ୍ୟୁ ଘଟିଥିବା ବେଳେ ଗଞ୍ଜାମ ଜିଲ୍ଲାର ୩ ଜଣ ବୋଲି ସୂଚନା ମିଳିଛି । ତେବେ କମ୍ପାନୀ ତରଫରୁ ଶୁକ୍ରବାର ଅପରାହ୍ନରେ ତାଙ୍କ ଶବକୁ ଆମ୍ବୁଲାନ୍ସ ଯୋଗେ ମରଶରୀର ପୋଡଙ୍ଗି ଗ୍ରାମରେ ପହଞ୍ଚିଛି। ତେବେ ରୋଜଗାରିଆ ପୁଅର ଅକାଳ ମୃତ୍ୟୁରେ ସିଦ୍ଧାର୍ଥଙ୍କ ପୁରା ପରିବାର ଭାଙ୍ଗି ପଡିଥିଲା ବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଶବ ପହଞ୍ଚିବା ପରେ ହିଞ୍ଜିଳିକାଟୁ ବିଡ଼ିଓ ସାଗରିକା ଷଡ଼ଙ୍ଗୀ, ତହସିଲଦାର ତପନ କୁମାର ମହାପାତ୍ର ପହଞ୍ଚି ରେଡକ୍ରସ ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

## ଆମ ଆଦମୀ ପାର୍ଟି ପକ୍ଷରୁ ଗୋପ ବିଡ଼ିଓଙ୍କ ନିକଟରେ ଅଭିଯୋଗ

ଚାରିଛକ(ନିପ୍ର): ପୁରୀ ଜିଲ୍ଲା ଗୋପ ବ୍ଲକ ବଉଲାଙ୍ଗ ପଞ୍ଚାୟତରେ ଥିବା କରମଙ୍ଗା ପାଞ୍ଚଣା ସମବାୟ ସମିତିରେ ଚାଷୀଙ୍କୁ ଟୋକନ ମିଳିଥିଲେ ମଧ ଧାନ ଉଠୁନାହିଁ ବୋଲି ଅଭିଯୋଗ ହୋଇଛି । ସୂଚନାରୁ ପ୍ରକାଶ ଯେ ଉକ୍ତ ସମିତିରେ ରବି ଫସଲ ଧାନ ବିକ୍ରି କରିବା ପାଇଁ ଚାଷୀମାନଙ୍କୁ ସମ୍ପାଦକ ଟୋକନ ପ୍ରଦାନ କରିଥିଲେ । କିନ୍ତୁ କେତେକ ପ୍ରକୃତ ଚାଷୀ ଟୋକନ ପାଇ ଧାନ ମଣ୍ଡିରେ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି । ଯାହା ଫଳରେ ଚାଷୀ ତାଙ୍କର କରଜ, ଧାର ଉଦ୍ଧାର କରି ଚାଷରେ ଖର୍ଚ୍ଚ କରିଥିବା ଟଙ୍କା ଭରଣ କରିବା ପାଇଁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବୋଲି ଚାଷୀ କହିଛନ୍ତି । ଆମ ଆଦମୀ ପାର୍ଟି କର୍ମୀ ଓ ଚାଷୀମାନେ ଆସି ଗୋପ ବ୍ଲକ ବିଡ଼ିଓ ଛବିରାଣୀ ସାହୁଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏହି




ଅଭିଯୋଗ ପାଇ ବିଡ଼ିଓ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅଭିଯୋଗ ସମୟରେ ଆମ ଆଦମୀ ପାର୍ଟିର ପୁରୀ ଜିଲ୍ଲା ଉପସଭାପତି ରବୀନ୍ଦ୍ରନାଥ ସାହୁ, ପୁରୀ ଜିଲ୍ଲା ଆପ କୃଷକ ସଭାପତି ଦେବ ପ୍ରଧାନ, ନିମାପଡା ଯୁବ କର୍ମୀ ଉମାକାନ୍ତ ସାହୁ, କାକଟପୁର ନିର୍ବାଚନ ମଣ୍ଡଳୀର ସଭାପତି ରମାକାନ୍ତ ସ୍ୱାଇଁ, ୧୪ ନଂ ଜିଲା ପରିଷଦ ଯୋନ ସଭାପତି ରମେଶ ଚନ୍ଦ୍ର ମହାନ୍ତି, ଚାଷୀ ବାମଦେବ ସାହୁ, ସଂଗ୍ରାମ କେଶରୀ ସାହୁ, ପୁରୁଷୋତ୍ତମ ସ୍ୱାଇଁ, ରାମଚନ୍ଦ୍ର ପାଇଟାଳ, ସୌମ୍ୟ ରଞ୍ଜନ ପାଇଟଳ, ଗଦାଧର ପାଇଟଳ ସମେତ ୫୦ରୁ ଚାଷୀ ଉପସ୍ଥିତ ଥିଲେ ।

### ଜାତୀୟ ଶିକ୍ଷା ନୀତିର କାର୍ଯ୍ୟାନ୍ୱୟନ

## ବସିଲା ଦ୍ୱିତୀୟ ରାଜ୍ୟ ଟାସ୍କଫୋର୍ସ ବୈଠକ

ଭୁବନେଶ୍ୱର(ନିପ୍ର): ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟାନ୍ୱୟନ ପାଇଁ ଦ୍ୱିତୀୟ ରାଜ୍ୟ ଟାସ୍କ ଫୋର୍ସ ବୈଠକ ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବିଭାଗର ସମନ୍ୱୟରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷା ନୀତି ୨୦୨୦ ର ବିଭିନ୍ନ ଦିଗ ସମ୍ପର୍କରେ ଏହି ବୈଠକରେ ସମୀକ୍ଷା କରାଯାଇଥିଲା । ବୈଠକରେ ସଞ୍ଜୀବ କୁମାର ମିଶ୍ର, ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ, ଶାଲିନୀ ପଣ୍ଡିତ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଭୂପେନ୍ଦ୍ର ସିଂ ପୁନିଆ, କମିଶନର ତଥା ଶାସନ ସଚିବ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ଏବଂ ମହିଳା ଓ ଶିଶୁ ବିକାଶ, ଉଚ୍ଚଶିକ୍ଷା, ଯୋଜନା ଓ ସଂଯୋଜନା, ଓସେପାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସହଯୋଗୀ ଅନୁଷ୍ଠାନର ପ୍ରତିନିଧିମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଉନ୍ନୟନ କମିଶନର ଆଇଟି ସକ୍ଷମ ମନିଟରିଂ ସିଷ୍ଟମ କାର୍ଯ୍ୟକାରୀ ଏବଂ ବହୁଭାଷୀ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଦିଗରେ ଧ୍ୟାନ ଦେଇଥିଲେ ।

## କୃତ୍ରିମ ଅଂଗ ପ୍ରତ୍ୟାରୋପଣ ଶିବିର ଉଦ୍‌ଘାଟିତ

କଟକ(ନିପ୍ର): କଟକ ମାରୱାଡ଼ି ଯୁବ ମଂଚ ଓ କଟକ ଲାୟନ୍ସ କ୍ଲବ ପିଟାଲସ ମିଳିତ ଆନୁକୂଲ୍ୟରେ ଏବଂ ଜୟପୁର ସ୍ଥିତ ବିଜୁ ମହାବୀର ଫୁଟ କେନ୍ଦ୍ର ସହାୟତାରେ ଶୁକ୍ରବାର ସ୍ଥାନୀୟ ମାରୱାଡ଼ି କ୍ଲବଠାରେ ଏକ ମାଗଣା କୃତ୍ରିମ ଅଂଗ ପ୍ରତ୍ୟାରୋପଣ ଶିବିର ଆରମ୍ଭ ହୋଇଛି । ଏହା ୩ଦିନ ଧରି ଚାଲିବ । ସାମାଜିକ କର୍ମୀ ଗଂଗାଧର ବେହେରା ଆନୁଷ୍ଠାନିକ ଭାବେ ଆଜି ଶିବିରକୁ ଉଦଘାଟନ କରିଥିଲେ । ପ୍ରାୟ ୨୦୦ରୁ ଅଧିକ ଭିନ୍ନକ୍ଷମ ଅଂଗ ପ୍ରତ୍ୟାରୋପଣ କରିବା ଲାଗି ପଞ୍ଜୀକରଣ କରିଛନ୍ତି । ଆଜି ପ୍ରଥମେ ସେମାନଙ୍କ ଅଂଗର ମାପ ନିଆଯାଇ ପ୍ରତ୍ୟାରୋପଣ କରାଯାଇଛି । ବିଜୁ ମହାବୀର ଫୁଟ କେନ୍ଦ୍ରର ଦିବ୍ୟଞ୍ଜନ ବେହୁରା, ମାନସିଂହ ଓ ଦିନେଶ ସାଇନି ପ୍ରମୁଖ ପ୍ରତ୍ୟାରୋପଣ କାର୍ଯ୍ୟରେ ସହାୟତା କରିଥିଲେ । ରିଙ୍କି ଅଗ୍ରୱାଲାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହେଉଛି । କ୍ଲବର ସଭାପତି କୁମୁଦ ଅଗ୍ରୱାଲ, ଅଧକ୍ଷା କିରଣ ଚନାନି ଏବଂ ସଂଜୟ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି । ଆସନ୍ତା କାଲି ଶନିବାର ଦିନ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଏବଂ ରବିବାର ଦିନ ଶିବିର ଉଦଜାପନୀ ଦିବସରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗମ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

## କାକଟପୁରରେ ସିରିଜ୍ ଚୋରି

କାକଟପୁର(ନିପ୍ର): ଦିନକୁ ଦିନ କାକଟପୁରରେ ଚୋରି ବୃଦ୍ଧି ପାଇବାରେ ଲାଗିଛି । ଗୁରୁବାର କାକଟପୁର ବଲରା ସ୍ଥିତ ମାଧବାନନ୍ଦ ମନ୍ଦିର, ପତିସାହି ମହାବୀର ମନ୍ଦିର ଓ ଆଲୋକ କୁମାର ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି । ଏହି ସିରିଜ୍ ଚୋରିକୁ ନେଇ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଐତିହାସିକ ବଲରା ମାଧବାନନ୍ଦ ମନ୍ଦିରର ପୂଜାରୀ ବିଜୟ କୁମାର ଦାଶ ଠାକୁରଙ୍କ ନୀତି ପାଇଁ ମନ୍ଦିରକୁ ଆସି ଦ୍ୱାର ଫିଟାଇବା ବେଳକୁ ଦେଖନ୍ତି ଠାକୁରଙ୍କ ଦ୍ୱାର କୁନ୍ଦା ତଡା ହୋଇଛି । ସେ ଏନେଇ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ ଓ ଥାନା ରେ ଲିଖିତ ଅଭିଯୋଗ ଦେଇଥିଲେ । ଅଭିଯୋଗ ମୁତାବକ ଠାକୁରଙ୍କର ରୁପା ହାର, ପିତଳ ଡାଳ ୨ଟା, ଥାଳି ୧ଟି, ବାଲ୍ଟି ୧ଟି, ଘଣ୍ଟ ୧ଟି, ହାତ ଘଣ୍ଟି ୨ଟା ଗାଏବ ଅଛି । ଠିକ୍ ସେହିପରି କିଛି ଦୂରରେ ପତିସାହି ମହାବୀର ମନ୍ଦିରରୁ ହନୁମାନଙ୍କ ୧ଟିଏ ରୁପାର ମୁକୁଟ, ସୁନା ଆଖି ୨ଟି, ଅନ୍ୟ ରୁପା ସାମଗ୍ରୀ, ୨ଟି ଓ ଠାକୁରଙ୍କ ହୁଣ୍ଡୀ ତଡା ଯାଇଛି । ଯେଉଁଥିରେ ୧୫ରୁ ୨୦ ହଜାର ଭକ୍ତଙ୍କ ଅନୁଦାନ ଟଙ୍କା ରହିଥିଲା । ଏ ବାବଦରେ ପୂଜକ ବିପିନ ବିହାରି ଦାସ ଏକ ଲିଖିତ ଅଭିଯୋଗ ମଧ କରିଛନ୍ତି । ମହାବୀର ମନ୍ଦିର ନିକଟରେ ଆଲୋକ କୁମାର ଦାସଙ୍କ ଘରୁ ଗ୍ୟାସ ସିଲିଣ୍ଡର ସହିତ ଗୋଟେ ପାଣି ମଟର ମଧ ଚୋରି ହୋଇଛି । ଏ ବାବଦରେ ମଧ ତାଙ୍କ ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ, ମାସେ ତଳେ ମାଧବାନନ୍ଦ ମନ୍ଦିରରୁ ରୁପା ଆଖି ସହ ରୁପାହାର ଚୋରି ହୋଇଥିଲା । ପରେ ପୁନଃବାର ଶୁକ୍ରବାର ନୂଆ ରୁପାହାର ଚୋରି ହୋଇଛି । ଏହି ଘଟଣାର ପୃଥକ ପୃଥକ ଏତଲା ପାଇବା ପରେ କାକଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଆଇନ ସେବା ପ୍ରାଧିକରଣର ମଧ୍ୟସ୍ଥତା: ବିବାଦର ସମାଧାନ

ବ୍ରହ୍ମପୁର(ନିପ୍ର): ମଧ୍ୟସ୍ଥତା ଦ୍ୱାରା ସଫଳ ହୋଇଛି ବିବାଦର ସମାଧାନ । କିଛି ଭୁଲ ବୁଝାମଣା ପାଇଁ ଭାଙ୍ଗିଯାଉଛି ଅନେକ ସଂସାର, ଶେଷ ହୋଇଯାଉଛି ଦୀର୍ଘଦିନ ଧରି ରହିଥିବା ପାରିବାରିକ ସମ୍ପର୍କ,ଦୁଇ ମନ ସହ ଦୁଇ ପରିବାର ଏବଂ ସେମାନଙ୍କ ମଧ୍ୟରେ ଗଢି ଉଠିଥିବା ସମସ୍ତ ସମ୍ପର୍କ ପରିସମାପ୍ତି ହୋଇଯାଉଛି କ୍ଷ କେତେବେଳେ ବିବାହ ବିଚ୍ଛେଦ ତ ଆଉ କେତେବେଳେ ପାରିବାରିକ କଳହ, ଆଉ କେତେବେଳେ ନିରୀହ ଛୁଆମାନଙ୍କ ଭାଗବଣ୍ଟା ହୋଉ କିମ୍ବା ସମ୍ପତ୍ତି । କିନ୍ତୁ ମଧ୍ୟସ୍ଥତା କେନ୍ଦ୍ରର ବୁଝାମଣା ମାଧମରେ ଯେତେବେଳେ ଦୀର୍ଘ ବର୍ଷରୁ ଲାଗିରହିଥିବା କଳହ, ରହିଥିବା ସମ୍ପର୍କରେ ଫାଟ ଯଦି ଯୋଡି ହୋଇଯାଏ, ବିବାଦ ଭିତରେ ଥିବା ଦୁଇ ପରିବାର, ତାହେଲେ କେତେ ସୁନ୍ଦର ଲାଗେ ଏ ପରିବେଶ, ଭରିଯାଏ ସମସ୍ତଙ୍କ ଆଖିରେ ଖୁସିର ଲୁହ । ଏପରି ଏକ ପାରିବାରିକ ବିବାଦର ଆପୋଷ ସମାଧାନ ହୋଇପାରିଛି ଗଞ୍ଜାମ ଜିଲ୍ଲାର ମଧ୍ୟସ୍ଥତା କେନ୍ଦ୍ର ଦ୍ୱାରା, ତାହାପୁଣି ଜିଲ୍ଲା ଓ ଦୌରା ଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ଡ଼ଃ ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶ କ୍ରମେ ଏବଂ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ, ପେନେଲ ଓକିଲ ଟି.କେ ରେଡ୍ଡୀଙ୍କ ମଧ୍ୟସ୍ଥ ଦ୍ୱାରା । ଆଇନ ସେବା ପ୍ରାଧିକରଣର ମଧ୍ୟସ୍ଥତା କେନ୍ଦ୍ର ହେଉଛି ଏକ ମାତ୍ର ବିକଳ୍ପ ଯେଉଁଠି ଅଳ୍ପ ସମୟ ମଧ୍ୟରେ ଦୀର୍ଘ ଦିନଠୁ ଲାଗିରହିଥିବା ବିବାଦର ହୋଇପାରିବ ସମାଧାନ



। ସୂଚନା ପ୍ରକାରେ, ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପଠାଯାଇଥିବା ଗୋଟିଏ ମାମଲାର ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମଧ୍ୟସ୍ଥତା କେନ୍ଦ୍ର ଦ୍ୱାରା ଗୋଟିଏ ଉଜାଡି ଯାଇଥିବା ପରିବାରକୁ ଯୋଡ଼ାଯାଇ ପାରିଲା । ଯଦ୍ୱାରା ଉଭୟ ସ୍ୱାମୀ-ସ୍ତ୍ରୀ ଏବଂ ତିନୋଟି ସନ୍ତାନ ଉପକାର ପାଇଲେ । ମତାନ୍ତର ମନାନ୍ତର ଯୋଗୁଁ ଦୀର୍ଘ ଦିନରୁ ବିବାହ ବିଚ୍ଛେଦ, ପାରିବାରିକ ବିବାଦ, ଘରୋଇ ହିଂସା ଭଳି ଏକାଧିକ ମାମଲା ବିଭିନ୍ନ ଥାନା ଓ କୋର୍ଟ କଚେରୀରେ ରହିଥିଲା । କିନ୍ତୁ ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମଧ୍ୟସ୍ଥତା କେନ୍ଦ୍ର ଦ୍ୱାରା ପେନେଲ ଓକିଲ ଟି.କେ ରେଡ୍ଡୀଙ୍କ ମଧ୍ୟସ୍ଥ ଅନୁଯାୟୀ ଆଶୁ ସମାଧାନ, ଆପୋଷ ବୁଝାମଣା ମାଧମରେ ସମାଧାନ ହୋଇପାରିଛି। ଦୁଇ ପରିବାର ପୁଣି ଏକ ହୋଇଛନ୍ତି, ଛୁଆ ମାନେ ଉଭୟ ବାପା ମା'ଙ୍କୁ ପାଖରେ ପାଇଛନ୍ତି । ଏସବୁ କେବଳ ସମାଧାନ ହୋଇ ପାରିଛି ଉଭୟ ପକ୍ଷଙ୍କୁ ନେଇ ମଧ୍ୟସ୍ଥତା ଦ୍ୱାରା ।



### ନାରୀ ନିର୍ଯାତନା ବିରୁଦ୍ଧରେ ଅଭିଯାନ

## ସାଇକେଲରେ ଭାରତ ଭ୍ରମଣ: ଦୀପକଙ୍କୁ ଜନସମର୍ଥନ

ହିଞ୍ଜିଳିକାଟୁ(ନିପ୍ର): ଆଜିକାଲି ଦେଶ ଓ ରାଜ୍ୟର ନାରୀମାନଙ୍କ ଉପରେ ଅକଥନୀୟ ନିର୍ଯାତନା, ଲଭ୍ ଜିହାଦ ଭଳି ସାମ୍ପ୍ରଦାୟିକ ହିଂସା, ଦ୍ୱେଷର ଶିକାର, ଦୁଷ୍କର୍ମ ଓ ଅତ୍ୟାଚାର ଭଳି ସାମାଜିକ ବ୍ୟାଧି ଜନିତ ଘଟଣା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ପ୍ରଶାସନିକ ସ୍ତରରେ ବିଭିନ୍ନ ସମୟରେ ଏହାକୁ ପ୍ରତିହତ କରିବା ପାଇଁ ବିଭିନ୍ନ ବୈଠକ ଓ ପ୍ରତିଯୋଗିତା ମାଧମରେ ଜନ ସଚେତନତା କରାଯାଉଛି। ଏସବୁ ମଧ୍ୟରେ ନାରୀ ନିର୍ଯାତନା ବିରୁଦ୍ଧରେ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ କଳାସୁତା ଗ୍ରାମର +୨ କଳା ଛାତ୍ର ଦୀପକ କୁମାର ଗୌଡ। ୧୮ବର୍ଷୀୟ ଛାତ୍ର ଦୀପକ ନିଜ ଲକ୍ଷ୍ୟ ଓ ମହତ ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଜୁଲାଇ ପହିଲାରୁ ଆସିକା ସହରର ବିଜୁ ପଟ୍ଟନାୟକ ଛକଠାରୁ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଗୁରୁବାର ହିଞ୍ଜିଳିକାଟୁରେ ସେ ପହଞ୍ଚିବା ପରେ ସ୍ଥାନୀୟ ସହରର ସୁବୁଦ୍ଧି ମାର୍ଗ ସ୍ଥିତ ମହାବୀର ଜିମ୍ ପକ୍ଷରୁ ପ୍ରତିଷ୍ଠାତା ହରି ଶଙ୍କର ସାମନ୍ତରା ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ ସମ୍ବର୍ଦ୍ଧିତ କରି ସଫଳତା କାମନା କରିଥିଲେ। ସାଇକେଲରେ ସେ ସୁଦୀର୍ଘ ପଥ ଅତିକ୍ରମ କରି ଭାରତର ବିଭିନ୍ନ ସହରରେ ଜନ ସଚେତନତା ସୃଷ୍ଟି କରିବା ସହ ଭୁଟାନ ଓ ନେପାଳରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବା ନେଇ ଲକ୍ଷ୍ୟ ରଖିଛନ୍ତି। ସନ୍ତୋଷ ନାୟକ, ସୁନେଶ ସାହୁ, ହୃଷୀକେଶ ପାଣିଗ୍ରାହୀ, କାର୍ତ୍ତିକ ବେହେରା, ପ୍ରସାଦ ବେହେରା, କାଳୀ ପ୍ରସାଦ ନାୟକ, ଦେବାଶିଷ ମଲ୍ଲିକ ପ୍ରମୁଖ ଦୀପକଙ୍କ ସଫଳତା କାମନା କରିଥିଲେ। ଏହି ପ୍ରଶଂସାଯୋଗ୍ୟ ଉଦ୍ୟମ ପାଇଁ ଦୀପକଙ୍କୁ ସବୁ ମହଲରେ ପ୍ରଶଂସିତ କରଯାଇଛି ଓ ଜନ ସମର୍ଥନ ମିଳିଛି।

# ଡୁରାଣ୍ଡ କପ୍ ଟ୍ରଫି ଉନ୍ମୋଚନ କଲେ ରାଷ୍ଟ୍ରପତି




**ନୂଆଦିଲ୍ଲୀ, ୪।୭:** ଏସିଆର ପୁରାତନ ଡୁରାଣ୍ଡ କପ୍‌ର ୧୩୪ତମ ସଂସ୍କରଣରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିବେ। ଇଣ୍ଡିଆନ ଆର୍ମି ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟ ୫ଟି ରାଜ୍ୟରେ ଜୁଲାଇ ୨୩ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱର ଏହି ତୃତୀୟ ସର୍ବପୁରାତନ ଟୁର୍ନାମେଣ୍ଟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ ଓ ଆସାମରେ ଖେଳାଯିବ। ଶୁକ୍ରବାର ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଟୁର୍ନାମେଣ୍ଟର ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ଇଭେଣ୍ଟରେ ଭାରତୀୟ ସଶସ୍ତ୍ର ବାହିନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନିଲ ଚୌହାନ, ଚିଫ୍ ଅଫ୍ ଇଣ୍ଡିଆନ ଆର୍ମି ଉପେନ୍ଦ୍ର ଦ୍ୱିବେଦୀ, ଚିଫ୍ ଇଣ୍ଡିଆନ ଏୟାର ଫୋର୍ସ ଏୟାର ଚିଫ୍ ମାର୍ଶଲ ଅମରପ୍ରୀତ୍ ସିଂ ଓ ଚିଫ୍ ଅଫ୍ ଇଣ୍ଡିଆ ନ୍ୟାଭି ଆଡ୍‌ମିରାଲ ଦୀନେଶ କେ. ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ସମ୍ବୋଧନ କରି କହିଥିଲେ, କ୍ରୀଡ଼ା ହେଉଛି ଏକ ମାଧ୍ୟମ ଯାହା ଶୃଙ୍ଖଳା, ଦୃଢ଼ ସଂକଳ୍ପ ଏବଂ ଦଳଗତ ମନୋଭାବକୁ ପ୍ରୋତ୍ସାହିତ କରିଥାଏ ଏବଂ ବିଭିନ୍ନ ଧର୍ମ, ଭାଷାଭାଷୀର ଲୋକ ଏବଂ ଦେଶକୁ ଯୋଡ଼ିବା କ୍ଷେତ୍ରରେ ସହାୟକ ହୋଇଥାଏ।

## ସୁରକ୍ଷା ଚିନ୍ତାରେ ବିସିସିଆଇ

# ବାଂଲାଦେଶ ଟୁର୍ ହୋଇପାରେ ସ୍ଥଗିତ




**ନୂଆଦିଲ୍ଲୀ, ୪।୭:** ଭାରତୀୟ କ୍ରିକେଟ ଦଳର ଆସନ୍ତା ବାଂଲାଦେଶ ଟୁର ସ୍ଥଗିତ ରଖାଯାଇ ପାରେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଏହି ଦେଶର ସୁରକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରିଛି। ଶେଖ୍ ହସିନାଙ୍କ ସରକାର ବିତାଡ଼ିତ ହେବାପରେ ଦେଶରେ ଅସ୍ଥିରତା ଓ ଅରାଜକତା ଦେଖାଦେଇଛି। ଭାରତ ଅଗଷ୍ଟ ୧୭ରୁ ୩୧ ପର୍ଯ୍ୟନ୍ତ ଚିଟାଗଙ୍ଗ ଓ ଢାକାଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିବାର କାର୍ଯ୍ୟକ୍ରମ ରହିଛି। ତେବେ ସିରିଜ ବାତିଲ ହୋଇ ନାହିଁ। ସମ୍ଭବତଃ ୨୦୨୬ରେ କେବେ ହୋଇପାରେ। କାରଣ ବିଶ୍ୱକପ୍ ପାଇଁ ଅନ୍ତର୍ଜାତୀୟ ଦିନିକିଆ ଚାମ୍ପିୟନଶିପ୍ ପଏଣ୍ଟର ଆବଶ୍ୟକତା ରହିଛି। ଖବର ଅନୁସାରେ ବାଂଲାଦେଶରେ ସାଧାରଣ ନିର୍ବାଚନ ପରେ ଏକ ସ୍ଥିର ସରକାର କ୍ଷମତାସୀନ ହେବାପରେ ଏହି ଟୁର ଅନୁଷ୍ଠିତ ହେଉ ବୋଲି ବିସିସିଆଇ ଚାହୁଁଛି। ଆସନ୍ତାବର୍ଷ ପୂର୍ବରୁ ବାଂଲାଦେଶରେ ନିର୍ବାଚନ ହେବାର ସମ୍ଭାବନା ନାହିଁ। ସୂଚନାଯୋଗ୍ୟ, ଗତବର୍ଷ ଚାକିରିରେ ସଂରକ୍ଷଣକୁ ବିରୋଧ କରି ଅଗଷ୍ଟରେ ବାଂଲାଦେଶରେ ଛାତ୍ର ଆନ୍ଦୋଳନ ହେବାରୁ ହସିନା କ୍ଷମତାରୁ ବିତାଡ଼ିତ ହୋଇଥିଲେ। ଆୱାମି ଲିଗ୍ ସରକାର ବରଖାସ୍ତ ହେବାପରେ ହସିନା ଭାରତ ପଳାୟନ କରିଥିଲେ। ବାଂଲାଦେଶରେ ବର୍ତ୍ତମାନ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ କାମଚଳା ସରକାର ଚାଲିଛି।

## ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀରେ ଅନସାଇଟ୍ ଡିଜାଷ୍ଟର ଡ୍ରିଲ୍

**ପାରାଦୀପ, ୪।୭(ନିପ୍ର):** ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନାରୀ ପକ୍ଷରୁ ଶନିବାରପାରାଦୀପ ରିଫାଇନାରୀ ପରିସରରେ ଲେଭଲ-୨ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ରିଫାଇନାରୀ ଏହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଂଚ କରାଯାଇଥିଲା । ପାରାଦୀପ ରିଫାଇନାରୀ ଅନୁମୋଦିତ ଇମରର୍ଜେନ୍ସି ରେସପନ୍ସ ଆଣ୍ଡ ଡିଜାଷ୍ଟର ମ୍ୟାନଜମେ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ଏହି ଅଭ୍ୟାସରେ ସାମିଲ ହୋଇଥିଲେ । ପାରାଦୀପ ରିଫାଇନାରୀର ଏସଏଆରୟୁ ୟୁନିଟ୍‌ରେ ଗାସକେଟ୍ ଫାଟିଯିବା ପରେ ଯଦି ଏଚ୨ଏସ ଲିକେଜ୍ ହୁଏ, ତାହାକୁ କିପରି ସଫଳତାର ସହିତ ମୁକାବିଲା କରାଯିବ ସେ ସମ୍ପର୍କରେ ମକଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ୍ ସଠିକ୍ ଭାବରେ ହୋଇଥିଲା । ଡ୍ରିଲ୍ ସମାପ୍ତ ହେବା ପରେ ପାରାଦୀପ ରିଫାଇନାରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନାରୀ ପ୍ରମୁଖ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।

## ଦେବଗଡ଼ରେ 'ଏକ୍ ପେଡ୍ ମା' କେ ନାମ ୨.୦' ଅଭିଯାନ

# ଗଛ ଲଗାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ତିଳେଇବଣି/ଭୁବନେଶ୍ୱର, ୪।୭(ନିପ୍ର):** ଦେବଗଡ଼ ଜିଲ୍ଲାରେ ମୋଟ ୨୩ ପ୍ରତିଶତ ଜଙ୍ଗଲ ଅଛି । ଏହାକୁ ଅନ୍ତତଃ ୩୫ ପ୍ରତିଶତ କରିବା ପାଇଁ ଆମ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ହେବ ବୋଲି ଶୁକ୍ରବାର ଦେବଗଡ଼ ଜିଲ୍ଲା ତିଳେଇବଣି ସୁଗୁଡା ଅଞ୍ଚଳରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନ ଅଧୀନରେ ବୃକ୍ଷରୋପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ "୭୬ତମ ବନ ମହୋତ୍ସବ ସପ୍ତାହ - ୨୦୨୫"ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବୃକ୍ଷ ଏବଂ ଜଙ୍ଗଲ ଆମର ଜୀବନ । ଶ୍ରୀଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁ ଜଗନ୍ନାଥ, ଜଙ୍ଗଲ ଏବଂ ଓଡ଼ିଶାର ଅନନ୍ୟ ସମ୍ପର୍କ ରହିଛି । ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ପ୍ରଦୂଷଣ ମାନବ ସମାଜ ପାଇଁ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି । ଏହାକୁ ସନ୍ତୁଳିତ କରି ରଖିବା ପାଇଁ ହେଲେ ଆମେ ସମସ୍ତେ ଗଛ ଲଗାଇବା ସହ ତା'ର ଯତ୍ନ ନେବା ଦରକାର । ଦେବଗଡ଼କୁ ସବୁଜ ସହରରେ ପରିଣତ କରିବା ଦରକାର । ଆମେ ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ "ଏକ୍ ପେଡ୍ ମା' କେ ନାମ ୨.୦" ଅଭିଯାନରେ ସାମିଲ ହୋଇ ସମସ୍ତେ ଗଛ ଲଗାଇବା । ଘର ଠାରୁ ଆରମ୍ଭ କରି ସ୍କୁଲ, କଲେଜ, ରାସ୍ତା, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗଛ ଲଗାଇ ପର୍ଯ୍ୟାବରଣକୁ ସୁରକ୍ଷିତ ରଖିବା । ଏଥିପାଇଁ ଆବାଳବୃଦ୍ଧବନିତାଙ୍କୁ ଆଗେଇ ଆସିବା ସହ ଗଛ ଲଗାଇବାର ପାଗଳପଣ କରିବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ । ଦେବଗଡ଼ ବନଖଣ୍ଡରେ ୯ ଲକ୍ଷ ୫୦ ହଜାର ଗଛ ଲଗାଇବା ଲକ୍ଷ୍ୟ ରଖାଯାଇଥିବା ବେଳେ ସବୁ ବର୍ଗର ଲୋକଙ୍କୁ ସାମିଲ କରି ଏହାକୁ ଜନଆନ୍ଦୋଳନର ରୂପ ଦେବା ପାଇଁ ଜିଲ୍ଲା ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ଆଡ଼ପ ମଣ୍ଡପରେ ସନ୍ଧ୍ୟା ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



**ପୁରୀ, ୪/୭(ନିପ୍ର):** ଘୋଷଯାତ୍ରାରେ ଚତୁର୍ଦ୍ଧା ମୂର୍ତ୍ତି ରତ୍ନ ବେଦୀରୁ ନବାଦିନାତ୍ମକ ଯାତ୍ରାରେ ଆଡପ ମଣ୍ଡପରେ ବିଜେ କରି ମାନବିଅ ନୀଳାଖେଳା ସେସକରି ଶନିବାର ବାହୁଡ଼ିବେ ସିଂହ ଦ୍ୱାରକୁ। ଶୁକ୍ରବାର ଝିପି ଝିପି ବର୍ଷା ସତ୍ତ୍ୱେ ଲକ୍ଷାଧିକ ଶ୍ରଦ୍ଧାଳୁ ବଡଶଙ୍ଖ ଠାରୁ ଲମ୍ବାଧାଡି ରେ ଶୃଙ୍ଖଳିତ ଭାବେ ଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ଏହି ଯାତ୍ରାର ଅନ୍ତିମ ଦିବସରେ ମଧ୍ୟ ଶରଧା ବାଲି ଚଳଚଞ୍ଚଳ ହୋଇଉଠୁଥିଲା। ନବାଦିନାତ୍ମକ ଯାତ୍ରା ପାଇଁ ସରକାରଙ୍କ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ଶ୍ରୀ ମନ୍ଦିର ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ସେବା ସଂସ୍ଥା ସମେତ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ବିଭିନ୍ନ ପ୍ରକାର ଷ୍ଟଲ ଖୋଲାଯାଇଥିଲା। ଗୁଣ୍ଡିଚା ଘର ଠାରୁ ବଡଦାଣ୍ଡ, ମୋଚିସାହି ଛକ, ସମୁଦ୍ର କୂଳ, ସ୍ୱର୍ଗଦ୍ୱାର, ଷ୍ଟେସନ ଆଦି ଅଂଚଳରେ ଶ୍ରଦ୍ଧାଳୁ ଭକ୍ତଙ୍କୁ ବିନାମୂଲ୍ୟରେ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା।

# ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ଇଂଲଣ୍ଡର ଲଢୁଆ ଜବାବ

## ବର୍ମିଂହାମ ଟେଷ୍ଟ



**ବର୍ମିଂହାମ,୪/୭:** ବର୍ମିଂହାମ ଟେଷ୍ଟ ପୁଣି ଏକ ନାଟକୀୟ ମୋଡ଼ ନେଇଛି । ନିଜର ପ୍ରଥମ ଇନିଂସରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଇଂଲଣ୍ଡ ଲଢୁଆ ବ୍ୟାଟିଂ କରି ଭାରତକୁ ଦୃଢ ଜବାବ ଦେଇଛି । ଇଂଲଣ୍ଡର ଦୁଇ ଜଣ ବ୍ୟାଟ୍ସମ୍ୟାନ ହ୍ୟାରୀ ବ୍ରୁକ ଓ ଜେମି ସ୍ମିଥ ଲଢୁଆ ବ୍ୟାଟିଂ କରି ଭାରତୀୟ ବୋଲରଙ୍କୁ ନିରାଶ କରିଛନ୍ତି। ଉଭୟ ବ୍ୟାଟ୍ସମ୍ୟାନ ଶତକ ଅର୍ଜନ କରିବା ସହ ନିଜ ଦଳକୁ ଫଲୋ-ଅନ ପରିସ୍ଥିତିକୁ ବଞ୍ଚାଇବାକୁ ଉଦ୍ୟମ ଚଳାଇଛନ୍ତି । ସ୍ମିଥ ୧୫୦ ରନ ପୂରଣ କରିଥିବାବେଳେ ବ୍ରୁକ ୧୧୮ ରନ କରି ଖେଳୁଛନ୍ତି । ସର୍ବଶେଷ ସୂଚନା ଅନୁସାରେ ଇଂଲଣ୍ଡ ୫ ୱିକେଟ ହରାଇ ୩୨୮ ରନ କରିଛି । ଭାରତ ନିଜର ପ୍ରଥମ ଇନିଂସରେ ୫୮୭ ରନ କରିଥିବାବେଳେ ଫଲୋ-ଅନରୁ ନିଜକୁ ବଞ୍ଚାଇବାକୁ ୩୮୮ ରନ ଆବଶ୍ୟକ । ଇଂଲଣ୍ଡ ନିଜର ପ୍ରଥମ ଇନିଂସ ଆରମ୍ଭରୁ ହିଁ ଭାରତୀୟ ବୋଲରଙ୍କ ମୁକାବିଲା କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଫଳରେ ଆରମ୍ଭରୁ ଇଂଲଣ୍ଡ ଦଳ ୮୪ ରନରେ ୫ଟି ୱିକେଟ ହରାଇ ସଂକଟରେ ପଡ଼ିଥିଲା । ତେବେ ହେରି ବ୍ରୁକ ଓ ଜେମି ସ୍ମିଥ ଦଳକୁ ବିପଦରୁ ଉଦ୍ଧାର କରିଥିଲେ । ଭାରତ ପକ୍ଷରୁ ମହମ୍ମଦ ସିରାଜ ୩ଟି ଓ ଆକାଶଦୀପ ୨ଟି ୱିକେଟ ନେଇଛନ୍ତି ।

## ମୋଦୀଙ୍କୁ 'ଅର୍ଡର୍ ଅଫ୍ ଦ ରିପବ୍ଲିକ୍ ଅଫ୍ ତ୍ରିନିଦାଦ୍ ଆଣ୍ଡ ଟୋବାଗୋ'

**ନୂଆଦିଲ୍ଲୀ, ୪/୭(ପିଆଇବି):** ପୋର୍ଟ ଅଫ୍ ସ୍ପେନ୍ ସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ତ୍ରିନିଦାଦ ଓ ଟୋବାଗୋର ରାଷ୍ଟ୍ରପତି ମହାମହିମ ଖ୍ରୀଷ୍ଟିନ୍ କାର୍ଲା କଙ୍ଗାଲୁ ଓଆରଟିଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ଦେଶର ସର୍ବୋଚ୍ଚ ଜାତୀୟ ସମ୍ମାନ 'ଅର୍ଡର୍ ଅଫ୍ ଦ ରିପବ୍ଲିକ୍ ଅଫ୍ ତ୍ରିନିଦାଦ୍ ଆଣ୍ଡ ଟୋବାଗୋ'ରେ ସମ୍ମାନିତ କରିଛନ୍ତି । ଅସାଧାରଣ ରାଷ୍ଟ୍ରନୀତିଜ୍ଞ କ୍ଷମତା, ଗ୍ଲୋବାଲ ସାଉଥର



ପ୍ରାଥମିକତାକୁ ସମର୍ଥନ କରିବା ତଥା ଭାରତ ଏବଂ ତ୍ରିନିଦାଦ ଓ ଟୋବାଗୋ ସମ୍ପର୍କକୁ ମଜଭୁତ କରିବା କ୍ଷେତ୍ରରେ ତାଙ୍କର ଅସାଧାରଣ ଯୋଗଦାନ ନିମନ୍ତେ ଶ୍ରୀ ମୋଦୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ପ୍ରଥମ ବିଦେଶୀ ନେତା ଭାବେ ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ୧୪୦ କୋଟି ଦେଶବାସୀଙ୍କ ତରଫରୁ ସମ୍ମାନକୁ ସ୍ୱୀକାର କରି, ପ୍ରଧାନମନ୍ତ୍ରୀ ଏହାକୁ ଦୁଇ ଦେଶର ଦୃଢ଼ ବନ୍ଧୁତାକୁ ଉତ୍ସର୍ଗ କରିଛନ୍ତି। ସେ ଗୁରୁତ୍ୱାରୋପ କରି କହିଛନ୍ତି, ଏହି ସ୍ୱତନ୍ତ୍ର ସମ୍ପର୍କ ୧୮୦ ବର୍ଷ ପୂର୍ବେ ଏଠାକୁ ଆସିଥିବା ଭାରତୀୟମାନଙ୍କ ଦ୍ୱାରା ଗଢ଼ା ହୋଇଥିବା ସହଭାଗୀ ଇତିହାସ ଏବଂ ସାଂସ୍କୃତିକ ଐତିହ୍ୟ ଉପରେ ଆଧାରିତ। ସେ ଭାରତ ଏବଂ ତ୍ରିନିଦାଦ ଓ ଟୋବାଗୋ ମଧ୍ୟରେ ଦ୍ୱିପାକ୍ଷିକ ସହଭାଗିତାକୁ ଆହୁରି ଗଭୀର କରିବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

## ବନ୍ୟାଞ୍ଚଳରେ ସୁରକ୍ଷିତ ଥିବା ସ୍ଥାନରେ ଚାଲିବ ସ୍କୁଲ: ନିତ୍ୟାନନ୍ଦ ଗଣ୍ଡ

ଭୁବନେଶ୍ୱର, ୪।୭(ନିପ୍ର) - ବନ୍ୟାଂଚଳରେ ସୁରକ୍ଷିତ ଥିବା ସ୍ଥାନରେ ଚାଲିବ ସ୍କୁଲ । ବନ୍ୟାଂଚଳରେ ଜିଲ୍ଲାପାଳ ତଦାରଖ କରୁଛନ୍ତି। ବନ୍ୟାଂଚଳରେ ପିଲାମାନେ କିଭଳି ପାଠ ପଢ଼ିବେ। କେମିତି ସୁବିଧା ହେଇ ପାରିବ ସେ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଯଦିଓ ପିଲାମାନଙ୍କ ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ସେମିତି କିଛି ଅସୁବିଧା ହୋଇ ନାହିଁ। ତେବେ ସେମିତି କିଛି ହୋଇଥିଲେ ସେଇ ସବୁ ଜାଗାରେ ସ୍କୁଲ ବି ବନ୍ଦ ହୋଇପାରେ। ତେବେ ଏହାକୁ ନେଇ ସ୍ଥିତି କଣ ରହିଛି। ତାକୁ ତଦାରଖ କରି ଜିଲ୍ଲାପାଳ ନିଷ୍ପତ୍ତି ନେବେ। କଣ କଲେ ଠିକ ହେବ। ଯଦି କିଛି ଅସୁବିଧା ହୁଏ, ତେବେ ଯେଉଁ ଜାଗାରେ ପଢିବା ପାଇଁ ସୁବିଧା ଥିବ। ସୁରକ୍ଷିତ ସ୍ଥାନ ହୋଇଥିବ। ସେଇ ଜାଗାରେ ବି ସ୍କୁଲ କିଭଳି ଚାଲି ପାରିବ। ତାକୁ ନେଇ ଜିଲ୍ଲାପାଳ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# କଳିଙ୍ଗ ମେରିଟାଇମ୍ ମ୍ୟୁଜିୟମ୍‌ର ଶିଳାନ୍ୟାସ

**ପାରାଦୀପ,୪।୭(ନିପ୍ର):** ଶନିବାର ପାରାଦୀପ ପକ୍ଷରୁ କଳିଙ୍ଗ ମେରିଟାଇମ୍ ମ୍ୟୁଜିୟମ୍‌ର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୌବାଣିଜ୍ୟିକ ପରମ୍ପରାକି ଉଜ୍ଜିବିତ କରିବା ପାରାଦୀପ ବନ୍ଦର ନିଜର ଦାୟିତ୍ୱବୋଧର ପରିଚୟ ଦେବାର ଲକ୍ଷ୍ୟ ରଖି ଏହି ମ୍ୟୁଜିୟମ୍‌ର ସ୍ଥାପନ କରିବା ପାଇଁ ଯାଉଛି । ଏହି ଅବସରରେ ଆୟୋଜିତ ସମାରୋହରରେ



ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ । ବନ୍ଦରର ବରିଷ୍ଠ ଅଧିକାରୀ ଆଇପିଆରଏଲ୍‌ର ଅଧିକାରୀମାନେ ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏକ ମାଛ ଆକୃତିରେ ତିଆରି ହେବାକୁ ଥିବା ଏହି ମ୍ୟୁଜିୟମ କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟର ଛାପ ଦେଖିବାକୁ ମିଳିବ । ପ୍ରାକୃତିକ ବାତାବରଣର ସହିତ ୮ରୁ ୪୫ ଡିଗ୍ରୀ ତାପମାତ୍ରା ସହିବାର ଦକ୍ଷତା ରହିବ । ଘାକୁ ପବନର ବେଗ ୨୮୦ କିଲୋମିଟର ହେଲେ ମଧ୍ୟ ଏହି ମ୍ୟୁଜିୟମ୍ ସହିବାର କ୍ଷମତା ରହିବ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଆଇପିଆରଏଲ୍ ଏଥି ନିମନ୍ତେ ସମସ୍ତ ପ୍ରକାରର ବୈଷୟିକ ସହାୟତା ପ୍ରଦାନ କରିବ । ଏହି କଳିଙ୍ଗ ମେରିଟାଇମ୍ ମ୍ୟୁଜିୟମ୍ ଏକ ବୃହ ସାଂସ୍କୃତିକ, ଶିକ୍ଷାର ଏକ ମାଇଲ୍ ଖୁ ଭାବେ ଓଡିଶାର ପ୍ରାଚୀନ ନୌବାଣିଜ୍ୟିକ ଇତିହାସର ପ୍ରତୀକ ଭାବେ ପ୍ରତିପାଦିତ କରିବ ବୋଲି ଜଣାପଡିଛି ।

# ଓଡ଼ିଶାରୁ ଟାଟା ପାଇଛି ଡିମାଣ୍ଡ ନୋଟିସ

**ମୁମ୍ବାଇ,୪।୭:** ଟାଟା ଷ୍ଟିଲ ଶୁକ୍ରବାର କହିଛି ଯେ ଏହା ଓଡ଼ିଶାର ଯାଜପୁର ଖଣି ଉପନିର୍ଦ୍ଦେଶକଙ୍କ ଠାରୁ ୧,୯୦୨.୭୨ କୋଟି ଟଙ୍କାର ଏକ ଡିମାଣ୍ଡ ନୋଟିସ ପାଇଛି। ଏଥିରେ ଅଭିଯୋଗ କରାଯାଇଛି ଯେ କଂପାନୀ ସୁକିନ୍ଦା କ୍ରୋମାଇଟ ବ୍ଲକରୁ ଖଣିଜ ପଦାର୍ଥ ପ୍ରେରଣରେ ଅଭାବ ଘଟିଛି। ଟାଟା ଷ୍ଟିଲ ଦ୍ୱାର ଷ୍ଟକ ବିନିମୟ ଫିଲିଂ ମୁତାବକ ଏହି ଡିମାଣ୍ଡ କରାଯାଇଛି। ହାରାହାରି ବିକ୍ରୟ ଅର୍ଥର ଏହା ସଂଶୋଧିତ ଆକଳିତ ହୋଇଥିବା ହିସାବ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛୁରାମାଡ଼

**ଆସିକା, ୪/୭(ନିପ୍ର):** ଶୁକ୍ରବାର ଅପରାହ୍ନ ପ୍ରାୟ ୩. ୩୦ମିନଟ ସମୟରେ ଆସିକା କଳିଙ୍ଗ ରୋଡ଼ ସ୍ଥିତ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପାର୍ଶ୍ୱରେ ଥିବା ସରକାରୀ ବିଦେଶୀ ମଦ ଦୋକାନ ନିକଟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାଧାରଣ ବଚସା ପରେ ଛୁରା ମାଡ଼ ହୋଇଛି। ଛୁରା ମାଡ଼ରେ ଗୁରୁତର ଆହତ ହୋଇଥିବା ଆସିକା ବାବନପୁର ଗ୍ରାମର ହିମାଂଶୁ ଶେଖର ଦାସ (୩୫) ହୋଇଥିବା ବେଳେ ଛୁରାରେ ଆକ୍ରମଣ କରିଥିବା ଯୁବକ ହେଲେ ଆସିକା କୋଟିନଡା ଥାନା ଅଧୀନ ବରଗା ଗ୍ରାମର କାଳିଆ ନାହାକ। ଘଟଣା ସ୍ଥଳରୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ୧୦୮ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଏଠାରେ ପ୍ରାଥମିକଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ସ୍ଥାନାନ୍ତରିତ କରାଯାଇଛି। ଏନେଇ ଆସିକା ଥାନାରେ କେସ ନମ୍ବର ୪୧୧/୨୫ରେ ମାମଲା ରୁଜୁ ହୋଇଛି। ଆକ୍ରମଣ କାରି କାଳିଆ ନାହାକକୁ ପୋଲିସ ଗିରଫ କରିଛି। ଆଜିର ଏହି ଘଟଣା ପରେ ଆସିକା ସହରରେ ଆତଙ୍କ ଖେଳି ଯାଇଛି। ପ୍ରକାଶ ଥାଉକି ଆସିକା ଅଞ୍ଚଳରେ ପୁଣି ଅସାମାଜିକ ମାନଙ୍କ ଆଡ୍ଡା ସାଜିଛି। ଦିନକୁ ଦିନ ଆସିକା ଅଶାନ୍ତ ହେବାକୁ ଲାଗିଛି। ପୋଲିସ ପାଖରେ କୌଣସି ପୂର୍ବ ସୂଚନା ରହୁନି। ଆଜି ଆସିକା ବସଷ୍ଟାଣ୍ଡ ନିକଟ ବିଦେଶୀ ମଦ ଦୋକାନରେ ଆସାମୀ ଦୁଇଜଣ ମଦ୍ୟପାନ କରୁଥିଲେ ଏତିକି ବେଳେ ମାତାଲ ଅବସ୍ଥାରେ ଥିବା ହିମାଂଶୁ ପ୍ରଥମେ କାଳିଆ ସହ ବଚସା ହୋଇଥିଲା। ଏତିକିବେଳେ ବିଦେଶୀ ମଦ ଦୋକାନୀ ଉଭୟଙ୍କ ବାଚସା ଘଟଣାକୁ ତୁଟାଇ ଦେଇଥିଲା। ପୁଣି ଏଥିରେ ଆସାମୀ କାଳିଆ ନାହାକ ହଠାତ ଉତକ୍ଷିପ୍ତ ହୋଇ ହିମାଂଶୁକୁ ଜୀବନରୁ ମାରିଦେବା ଉଦେଶ୍ୟରେ ଏକ ତୀକ୍ଷ୍ଣ ଛୁରୀରେ ହିମାଂଶୁ ପେଟକୁ ଭୁସି ଦେବାବେଳେ ହିମାଂଶୁ ବାମ ହାତରେ ପ୍ରତିରୋଧ କରିବାରୁ ହାତରେ ଗଭୀର ଆଘାତ ଲାଗିଥିଲା ବୋଲି କୁହାଯାଇଛି।

**AFFIDAVIT**

By virtue of an affidavit sworn before The Notary Public, Kendrapara on 12.02.2024. I, Rakesh Kumar Jena S/o Late Bijay Kumar Jena & Amita Chhotaray W/o Rakesh Kumar Jena Vill-House No-2 & 3, Asiana Plaza, Cosmopali Road, Dumduma, Bhubaneswar, Dist-Khordha, Pin-751019 declare that, we have changed our younger daughter from Aayasha Chhotray to Ayesha Chhotaray. Henceforth she will be known as Ayesha Chhotaray for all purposes.

RAKESH KUMAR JENA
AMITA CHHOTARAY

**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/E-Tender/37 ତା.30.06.2025ରିଖ

1) ଟେଣ୍ଡର ସଂ. eTender-CENTKUR-135-2025, ତା.24-06-2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ଅନୁଭାଗ ଯନ୍ତ୍ରୀ / ତାଳଚେର ଅଧିକାର କ୍ଷେତ୍ର ଅଧୀନରେ ବିଭିନ୍ନ ସ୍ଥାନରେ ବିବିଧ P.WAY କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 205.58 ଲକ୍ଷ, EMD (₹) : 2,52,800.00 ।

2) ଟେଣ୍ଡର ସଂ. eTender-BRIDGEKUR-119-25, ତା.23-06-2025ରିଖ

**ବିବରଣୀ :** 30.06.2026ରେ ଶେଷ ହେଉଥିବା ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ଅନୁଭାଗ ଯନ୍ତ୍ରୀ (ବ୍ରିଜ୍)/ ଭଦ୍ରକ ଏବଂ କେନ୍ଦୁଝରଗଡ଼ ପରିସୀମା ଅଧୀନସ୍ଥ ଜୋନାଲ ଚୁକ୍ତ (ବ୍ରିଜ୍ କାର୍ଯ୍ୟ) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 139.58 ଲକ୍ଷ, EMD (₹) : 2,19,800.00 ।

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** (ସମସ୍ତ ଟେଣ୍ଡର ନିମନ୍ତେ) ତା.16.07.2025ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-323/Q/25-26

# ପୂର୍ବତଟ ରେଳପଥ ଦ୍ୱାରା ରେକର୍ଡ ସମୟରେ ଦ୍ରୁତ ପୁନରୁଦ୍ଧାର

**ଭୁବନେଶ୍ୱର, ୪/୭(ପିଆଇବି):** ପୂର୍ବତଟ ରେଳପଥ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ କୋରାପୁଟ-କିରାଣ୍ଡୁଲ ରେଳ ମାର୍ଗରେ ଜରାତି ଏବଂ ମାଲିଗୁଡ଼ା ଷ୍ଟେସନ ମଧ୍ୟରେ ୨୦୨୫ ଜୁଲାଇ ୨ ତାରିଖରେ ଅନବରତ ବର୍ଷା ଯୋଗୁଁ ଏକ ବଡ଼ ଭୂସ୍ଖଳନ ଦ୍ୱାରା ରେଳ ସେକ୍ସନକୁ ବାଧାପ୍ରାପ୍ତ କରିବାର ମାତ୍ର ଦୁଇ ଦିନ ମଧ୍ୟରେ ପୁନରୁଦ୍ଧାର କାର୍ଯ୍ୟ ସଫଳତାର ସହ ସମାପ୍ତ କରାଯାଇଅଛି । ଭୂସ୍ଖଳନ କୋରାପୁଟ ଏବଂ କିରାଣ୍ଡୁଲ ମଧ୍ୟରେ ଟ୍ରେନ୍ ଚଳାଚଳକୁ ଗୁରୁତର ଭାବରେ ପ୍ରଭାବିତ କରିଥିଲା, କାରଣ ଟ୍ରାକର ଏକ ବଡ଼ ଅଂଶ ପ୍ରାୟ ୨୫,୦୦୦ ଘନ ମିଟର କାଦୁଅ ଏବଂ ପଥର ତଳେ ଦବି ଯାଇଥିଲା । ପାହାଡ଼ି ଭୂଭାଗ ଏବଂ ନିରନ୍ତର ବର୍ଷାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ, ପୁନରୁଦ୍ଧାର ଦଳଗୁଡ଼ିକ ଦ୍ରୁତ ଯୋଜନା ଏବଂ ସମ୍ବଳ ସଂଗ୍ରହ ସହିତ ତୁରନ୍ତ କାର୍ଯ୍ୟ ଆରମ୍ଭ କରିଥିଲେ । ଘଟଣାସ୍ଥଳରେ ମୋଟ ୧୬ ଟି ଏକ୍ସକାଭେଟର ଏବଂ ଭାରୀ ମାଟି ଘୁଞ୍ଚାଇବା ଉପକରଣ ନିୟୋଜିତ କରାଯାଇଥିଲା । ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଞ୍ଜିନିୟର, ବୈଷୟିକ କର୍ମଚାରୀ ଏବଂ ପୁନରୁଦ୍ଧାର କର୍ମଚାରୀଙ୍କ ସମେତ ୩୦୦ ରୁ ଅଧିକ କର୍ମଚାରୀ ଦିନରାତି କାର୍ଯ୍ୟ କରିଥିଲେ । ୱାଲ୍‌ଟିୟର ରେଳ ମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ, ରାୟଗଡ଼ାର ମଣ୍ଡଳ ରେଳବାଇ ପ୍ରବନ୍ଧକ, ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ ଏବଂ ଅନ୍ୟାନ୍ୟ ଉଚ୍ଚସ୍ତରୀୟ ଅଧିକାରୀମାନଙ୍କ ସମେତ ବରିଷ୍ଠ ରେଳ ଅଧିକାରୀମାନେ ବ୍ୟକ୍ତିଗତ ଭାବରେ ଏହି ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ ଯାହାଦ୍ୱାରା ସୁଗମ ଏବଂ ଦ୍ରୁତ ଗତିରେ ପୁନରୁଦ୍ଧାର କାର୍ଯ୍ୟ ଆଗକୁ ବଢ଼ିବା ନିଶ୍ଚିତ କରିଥିଲା । ମାତ୍ର ଦୁଇ ଦିନ ମଧ୍ୟରେ, ପ୍ରମୁଖ ଭଗ୍ନାବଶେଷ ସଫା କରାଯାଇଥିଲା ଏବଂ ପ୍ରଭାବିତ ଟ୍ରାକ୍ ୪ ଜୁଲାଇ ୨୦୨୫ ଦିନ ସନ୍ଧ୍ୟା ସମୟରେ ଟ୍ରେନ ଚଳାଚଳ ପାଇଁ ସ୍ୱୀକୃତି ଦିଆଯାଇଅଛି । ନିରାପତ୍ତା ବ୍ୟବସ୍ଥା ଭାବରେ, ପ୍ରଭାବିତ ସ୍ଥାନରେ ପ୍ରତିବନ୍ଧିତ ବେଗରେ ଟ୍ରେନ ଚଳାଚଳକୁ ଅନୁମତି ଦିଆଯାଇଛି । ଓଭରହେଡ୍ ଇକ୍ୟୁପମେଣ୍ଟ , ସିଗନାଲିଂ ଏବଂ ଅନ୍ୟାନ୍ୟ ନିରାପତ୍ତା ବ୍ୟବସ୍ଥା ସହିତ ଜଡିତ କାର୍ଯ୍ୟ ଗୁଡିକର ସ୍ୱୀକୃତି ମିଳିବ ପରେ ଟ୍ରେନ ଚଳାଚଳ ଖୁବ ଶୀଘ୍ର କରାଯିବ । ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ କର୍ମଚାରୀଙ୍କ ଅସାଧାରଣ ପ୍ରୟାସ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ନେତୃତ୍ୱକୁ ପ୍ରଶଂସା କରିଛନ୍ତି । ଏହି ଦ୍ରୁତ ପୁନରୁଦ୍ଧାର କାର୍ଯ୍ୟ ପ୍ରତିକୂଳ ପାଗ ଏବଂ କଠିନ ଭୌଗୋଳିକ ପରିସ୍ଥିତି ସତ୍ତ୍ୱେ ମଧ୍ୟ ସମର୍ପଣ, ସମନ୍ୱୟ ଏବଂ ଦକ୍ଷତାର ଏକ ଉଜ୍ଜ୍ୱଳ ଉଦାହରଣ ଅଟେ ବୋଲି ଶ୍ରୀ ଫୁଙ୍କୱାଲ କହିଛନ୍ତି । ମହାପ୍ରବନ୍ଧକ ମଧ୍ୟ ସମଗ୍ର ପୁନରୁଦ୍ଧାର ଦଳକୁ ସେମାନଙ୍କର ପ୍ରତିବଦ୍ଧତା ଏବଂ କାର୍ଯ୍ୟଦକ୍ଷତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ